ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ

Vol.26 . No.261 Bhubaneswar Wednesday November 29 2023 | ୨୬ତମ ବର୍ଷ ସଂଖ୍ୟା–୨୬୧ ଭୁବନେଶ୍ୱର, ବୁଧବାର, ନଭେମ୍ବର ୨୯, ୨୦୨୩ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹1.50 | (Air Surcharge - 0.50P) | Member-INS

# ୪ ଓଡିଆଙ୍କ ସହ ବାହାରିଲେ ୩୩ ଶ୍ରମିକ



ଭୁବନେଶ୍ୱର,୨୮।୧୧(ପି.ଏନ): ଉତ୍ତରାଖଣ୍ଡର ଉତ୍ତରକାଶୀ ଟନେଲରେ ଦୀର୍ଘ ୧୭ ଦିନ ହେଲା ଫସି ରହିଥିବା ଶ୍ରମିକମାନଙ୍କୁ ଶେଷରେ ଉଦ୍ଧାର କରାଯାଇଛି। ଅକ୍ଲାନ୍ତ ପରିଶ୍ରମ ଓ ସମଗ୍ର ଦେଶର ପ୍ରାର୍ଥନା କାମ ଦେଇଛି। ଟନେଲରୁ ସୁରକ୍ଷିତ ଭାବେ ଉଦ୍ଧାର ହୋଇଛନ୍ତି ଶ୍ରମିକ। ପର୍ଯ୍ୟାୟକ୍ରମେ ୪୧ ଜଣ ଶ୍ରମିକଙ୍କୁ ପାଇପ ଯୋଗେ ବାହାରି କରାଯାଉଛି।୫ଟି ପର୍ଯ୍ୟାୟରେ ମୋଟ ୩୩ ଜଣ ଶ୍ରମିକଙ୍କୁ ବର୍ତ୍ତମାନ ସୁଦ୍ଧା ଉଦ୍ଧାର କରାଯାଇଛି। ଏମାନଙ୍କ ମଧ୍ୟରେ ୪ ଜଣ ଓଡିଆ ମଧ୍ୟ ରହିଛି। ୪ ଓଡିଆ ଟନେଲରୁ ଉଦ୍ଧାର ହୋଇଥିବା ସେମାନଙ୍କ ଘରକୁ ଫୋନ ଯୋଗେ ଅବଗତ କରାଯାଇଛି। ମୟୂରଭଞ୍ଜ ବାଙ୍ଗିରିପୋଷି ବେ ?କୁଦର ବିଶ୍ୱେଶ୍ୱର ନାୟକ ଓ ଧୀରେନ ନାୟକ, ଭଦ୍ରକ ବାସୁଦେବପୁର ବ୍ଲକ ସାନକୃଷ୍ଣପୁରର ତପନ ମଣ୍ଡଳ ବାହାରିଲେ, ନବରଙ୍ଗପୁର ଜିଲ୍ଲାର ଭଗବାନ ଭଦ୍ରା ଉଦ୍ଧାର ହୋଇଥିବା ସୂଚନା ମିଳିଛି। ଏବେ ଆଉ ଜଣେ ମାତ୍ର ଓଡିଆ ଟନେଲ ଭିତରେ ରହିଛନ୍ତି।

## ୪ହଜାର ଭେଣ୍ଡର ହାତବାନ୍ଧି ବସିଛନ୍ତି, ଷ୍ଟାମ୍ପଭେଣ୍ଡରଙ୍କ ସମସ୍ୟା ସମାଧାନ ପାଇଁ ଦାବି

ଭୁବନେଶ୍ୱର,୨୮।୧୧(ପି.ଏନ): ଇ- ଷ୍ଟାମ୍ପ ବ୍ୟାପକ ବ୍ୟବହାର ଯୋଗୁଁ ଷ୍ଟାମ୍ପ ବିକ୍ରିକରି ଗୁଜୁରାଣ ମେଂଟାଇ ପାରୁନାହାଁନ୍ତି ଷ୍ଟାମ୍ପ ଭେଣ୍ଡର। ଏଥି ପାଇଁ ସମସ୍ତ ଷ୍ଟାମ୍ପ ଭେଣ୍ଡରଙ୍କୁ ଇ-ଷ୍ଟାମ୍ପରେ ସାମିଲ କରିବା ପାଇଁ ଦାବି ହୋଇଛି। ବିଭିନ୍ନ ଦଲିଲି, ରେଜିଷ୍ଟ୍ରି ଓ ଜମି ରେଜିଷ୍ଟ୍ରିରେ ଶତକଡ଼ା ୯୫ଭାଗ ଇ-ରେଜିଷ୍ଟ୍ରି କରାଯାଉଛି। ଯାହା ଫଳରେ ଷ୍ଟାମ୍ପ ଭେଣ୍ଡର ହାତ ବାନ୍ଧି ବସିଛନ୍ତି। ରାଜଧାନୀରେ ଶତାଧିକ ପରିବାର ଷ୍ଟାମ୍ପ ଭେଣ୍ଡର ନିଜ ପରିବାର ଚଳାଇବା କଷ୍ଟ ହୋଇପଡ଼ିଥିବା ବେଳେ ସାରା ରାଜ୍ୟରେ ୪ହଜାର ଭେଣ୍ଡର ମାନଙ୍କ ୨୦ହଜାର ପରିବାର ସଦସ୍ୟ ଅତି କଷ୍ଟରେ ଚଳୁଛନ୍ତି। ସଂଘ ପକ୍ଷରୁ କୁହାଯାଇଛି ଯେ ଏହି ସବୁ ନେଇ ନିବନ୍ଧନ ମହାନିରୀକ୍ଷକ(ଆଇଜିଆର୍) ଗତ ୨୦୨୦ମସିହା ସେପ୍ଟେମ୍ବର ୧୫ତାରିଖରେ ଚିଠି ନଂ ୩୨୧୮ରେ ରାଜସ୍ୱ ସଚିବଙ୍କୁ ଜଣାଇଥିଲେ।

## ପ୍ରତୀକ୍ଷାର ଅନ୍ତ, ଆରମ୍ଭ ହେଲା ଶ୍ରୀମନ୍ଦିର ରତ୍ନଭଣ୍ଡାର ଲେଜର ସ୍କାନିଂ



ଭୁବନେଶ୍ୱର,୨୮।୧୧(ପି.ଏନ): ପ୍ରତୀକ୍ଷାର ଅନ୍ତ ଘଟିଲା। ଆରମ୍ଭ ହେଲା ଶ୍ରୀମନ୍ଦିର ରତ୍ନଭଣ୍ଡାର ଲେଜର ସ୍କାନିଂ। ଶ୍ରୀମନ୍ଦିର ପାଟଅଗଣାରେ ଥିବା ସୂର୍ଯ୍ୟମନ୍ଦିର ସମ୍ମୁଖରେ ରହିଛି ରତ୍ନ ଭଣ୍ଡାର। ଯାହାକୁ ଅମୁହାଁ ମନ୍ଦିର ବୋଲି କୁହାଯାଇଥାଏ। ସେହି ମନ୍ଦିରର ଚୂଡ଼ା ନାହିଁ। ଆଜି ଏଏସ୍ ?ଆଇ ପକ୍ଷରୁ ପ୍ରଥମେ ନାଭିକଟା ମଣ୍ଡପ ସମ୍ମୁଖରୁ ପର୍ଯ୍ୟାୟ କ୍ରମେ ଲେଜର ସ୍କାନିଂ କରାଯାଇଥିଲା। ବାହାର ପାର୍ଶ୍ୱରୁ ଏହି ସ୍କାନିଂ କରାଯାଉଛି।ଯାଞ୍ଚ ପାଇଁ ଆଜି ଏଏସ୍ ?ଆଇର ଏକ ସ୍ୱତନ୍ତ୍ର ବୈଷୟିକ ଟିମ୍ ଅନୁସନ୍ଧାନ ଆରମ୍ଭ କରିଛି। ସ୍ୱତନ୍ତ୍ର ଅତ୍ୟାଧୁନିକ ଜ୍ଞାନ କୌଶଳ ସମ୍ପନ୍ନ ୩ଡ ରୋଟେଟିଂ ଲେଜର ସ୍କାନିଂ ଦ୍ୱାରା ରତ୍ନ ଭଣ୍ଡାର ବାହାର ପାର୍ଶ୍ୱରୁ ଆରମ୍ଭ ହୋଇଛି। ମୁମ୍ବାଇର ୩ ଜଣ ଇଞ୍ଜିନିଅରଙ୍କ ସମେତ ୧୫ ଜଣିଆ ଟିମ୍ ଏହି ଯାଞ୍ଚରେ ସାମିଲ ରହିଅଛି। ୩ଡ କ୍ୟାମେରା ବ୍ୟବହାର କରି ଉନ୍ନତ ବୈଷୟିକ ଜ୍ଞାନ କୌଶଳରେ ଯାଞ୍ଚ କରାଯାଉଛି। ଯାଞ୍ଚ ପରେ ଏଏସ୍ଆଇ ସବିଶେଷ ରିପୋର୍ଟ ଶ୍ରୀମନ୍ଦିର ପ୍ରଶାସନକୁ ପ୍ରଦାନ କରିବ ବୋଲି ଜଣାପଡିଛି।

# ବୈପାରୀଗୁଡା ଥାନା ଆଇଆଇସି ଗିରଫ



ଭୁବନେଶ୍ୱର,୨୮।୧୧(ପି.ଏନ): ଆୟବର୍ହିଭୂତ ସମ୍ପତ୍ତି ଠୁଳ କରିବା ଅଭିଯୋଗରେ କୋରାପୁଟର ବୈପାରୀଗୁଡା ଥାନା ଆଇଆଇସି ସୁଶାନ୍ତ ଶତପଥୀଙ୍କୁ ଭିଜିଲାନ୍ସ ଆଜି ଗିରଫ କରି କୋର୍ଟଚ଼ାଲାଣ କରିଛି। ଇନ୍ସପେକ୍ଟର ଶ୍ରୀ ଶତପଥୀ ଗତକାଲି ବୈପାରୀଗୁଡାରୁ କଟକ ଆସୁଥିବାବେଳେ ଭିଜିଲାନ୍ସ ତାଙ୍କୁ ପିଛା କରିଥିଲା। ବସ୍ ଭିତରେ ତାଙ୍କଠୁ ନଗଦ ୨.୭୦ଲକ୍ଷ ଟଙ୍କା ଜବତ କରିବା ପରେ ବିଭିନ୍ନ ସ୍ଥାନରେ ଚ଼ ?ଉ କରି ଶ୍ରୀ ଶତପଥୀଙ୍କଠୁ ୩୭.୨୭ଲକ୍ଷ ଟଙ୍କା ନଗଦ ଜବତ କରିଥିବା ଜଣାପଡିଛି ।ଭିଜିଲାନ୍ସ ପକ୍ଷରୁ ଜାରି ସୂଚ଼ନା ଅନୁସାରେ, କୌଣସି ସୂତ୍ରରୁ ତଥ୍ୟ ମିଳିବା ପରେ ଭିଜିଲାନ୍ସ ଶ୍ରୀ ଶତପଥୀ କଟକ ଆସୁଥିବା ବସକୁ ପିଛା କରିଥିଲେ। ତାଙ୍କଠୁ ନଗଦ ୨.୭୦ଲକ୍ଷ ଟଙ୍କା ଜବତ କରିବା ପରେ ଏକକାଳୀନ ଚ଼ଢ଼ଉ କରି ତାଙ୍କର ବୈପାରୀଗୁଡା ସରକାରୀ କ୍ୱାର୍ଟର୍ସରୁ ୩ଲକ୍ଷ ଟଙ୍କା, ବୈପାରୀଗୁଡା ପୁଲିସ ଷ୍ଟେସନସ୍ଥିତ ଅଫିସରୁ ୧.୮୦ଲକ୍ଷ ଟଙ୍କା ଓ କଟକସ୍ଥିତ ସରକାରୀ କ୍ୱାର୍ଟର୍ସରୁ ୨୯.୭୭ଲକ୍ଷ ଟଙ୍କା ନଗଦ ଜବତ କରିଛି। ଏହି ସମସ୍ତ ନଗଦ ଅର୍ଥକୁ ମିଶାଇଲେ ମୋଟ ୩୭.୨୭କ୍ଷ ଟଙ୍କା ହେବ ।ଭିଜିଲାନ୍ସ ପକ୍ଷରୁ କୋରାପୁଟ ଭିଜିଲାନ୍ସ ଥାନାରେ ଗତକାଲି ଏକ ମାମଲା ଶ୍ରୀ ଶତପଥୀଙ୍କ ବିରୁଦ୍ଧରେ ରୁଜୁ କରାଯାଇଥିଲା। ଆଜି ତାଙ୍କୁ ଗିରଫ କରି କୋର୍ଟଚ଼ାଲାଣ କରାଯାଇଛି।

## ଓଡିଶାକୁ ମାଡି ଆସୁଛି ଆଉ ଏକ ବାତ୍ୟା ! ବଙ୍ଗୋପସାଗରରେ ବାତ୍ୟା ନେଇ ସତର୍କ କରାଇଲା IMD

ଭୁବନେଶ୍ୱର,୨୮।୧୧(ପି.ଏନ): ସାରା ଓଡିଶା ପାଇଁ ଘାରିଛି ସମ୍ଭାବ୍ୟ ବାତ୍ୟାର ଭୟ । ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ଚ଼ାଷୀକୂଳ ପର୍ଯ୍ୟନ୍ତ ବାତ୍ୟା ଭୟରେ ରହିଛନ୍ତି । ବଙ୍ଗୋପସାଗରେ ଏହି ବାତ୍ୟା ସମ୍ଭାବନା ଦେଖିବାକୁ ମିଳିଛି । ଆଇଏମଡି ଜିଏଫଏସ ବା ଗ୍ଲୋବାଲ ପରକାଷ୍ଟିଙ୍ଗ ସିଷ୍ଟମ ଏ ନେଇ ପୂର୍ବାନୁମାନ କରିଛି । ଆସନ୍ତା ଡିସେମ୍ବର ୧ ତାରିଖରେ ଦକ୍ଷିଣ ପଶ୍ଚିମ ବଙ୍ଗୋପସାଗରରେ ବାତ୍ୟାର ରୂପ ନେଇପାରେ ବୋଲି କୁହାଯାଇଛି ।ତେବେ ଏହାପରେ ଆସନ୍ତା ଡିସେମ୍ବର ୪ ତାରିଖ ପର୍ଯ୍ୟନ୍ତ ଏହା ଉତ୍ତର ଉତ୍ତର-ପଶ୍ଚିମ ଦିଗରେ ଗତି କରିବ । ପରେ ଉତ୍ତର ଉତ୍ତର-ପୂର୍ବ ଦିଗକୁ ରିକର୍ଭ କରିବ ବୋଲି ସୂଚ଼ନା ଦେଇଛି ପାଣିପାଗ ବିଭାଗ । ତେବେ ଡିସେମ୍ବର ୫ ତାରିଖରେ ଭେରି ସିଭିୟର ସାଇକ୍ଲୋନିକ ଷ୍ଟର୍ମର ରୂପ ନେବାର ସମ୍ଭାବନା ଦର୍ଶାଇଛି ଆଇଏମଡି । ଏହି ବାତ୍ୟା ଉତ୍ତର ଆନ୍ଧ୍ରପ୍ରଦେଶ କିମ୍ବା ଦକ୍ଷିଣ ଓଡିଶା ଉପକୂଳ ଦେଇ ଅତିକ୍ରମ କରିପାରେ ବୋଲି ପୂର୍ବାନୁମାନ କରାଯାଉଛି । ତେବେ ବର୍ତ୍ତମାନ ପର୍ଯ୍ୟନ୍ତ ସମ୍ଭାବ୍ୟ ବାତ୍ୟାକୁ ନେଇ ଓଡିଶା ପାଇଁ କୌଣସି ସତର୍କ ସୂଚ଼ନା ଦିଆଯାଇ ନଥିବା ବେଳେ ଫସଲ ଅମଳ ବେଳେ ଏହି ବାତ୍ୟାକୁ ନେଇ ଚ଼ିନ୍ତାରେ ପଡି ଯାଇଛନ୍ତି ଚ଼ାଷୀକୂଳ ।

# ବିଜେଡି ନେତାଙ୍କୁ ଦାୟିତ୍ୱ: ନୂଆ ଜିଲ୍ଲା ସଭାପତିଙ୍କୁ ନିଯୁକ୍ତି ଦେଲେ ନବୀନ



ଭୁବନେଶ୍ୱର,୨୮।୧୧(ପି.ଏନ): ଆସନ୍ତା ବର୍ଷ ରାଜ୍ୟରେ ବିଧାନସଭା ନିର୍ବାଚ଼ନ ହେବାକୁ ଯାଉଥିବା ବେଳେ ଏନେଇ ରାଜନୈତିକ ଦଳମାନଙ୍କ ପକ୍ଷରୁ ପ୍ରସ୍ତୁତି ପ୍ରକ୍ରିୟା ଆରମ୍ଭ ହୋଇଯାଇଛି । ଗତ ସେପ୍ଟେମ୍ବର ମାସରେ ଭାରତୀୟ ନିର୍ବାଚ଼ନ କମିଶନ ଓଡିଶାରେ ଗସ୍ତରେ ଆସି ଜିଲ୍ଲାପାଳଙ୍କ ସହ ଆଲୋଚ଼ନା କରିବା ସହିତ ପ୍ରାଥମିକ ନିର୍ବାଚ଼ନର ପ୍ରସ୍ତୁତି ସମୀକ୍ଷା କରିଥିଲେ । ଏଥିସହିତ ସମସ୍ତ ଇଭିଏମ୍ ଯାଞ୍ଚ କରାଯିବ ବୋଲି ରାଜ୍ୟ ମୁଖ୍ୟ ନିର୍ବାଚ଼ନ ଅଧିକାରୀ କହିଥିଲେ ।ତେବେ ନିର୍ବାଚ଼ନ ପୂର୍ବରୁ ରାଜ୍ୟର ପ୍ରମୁଖ ରାଜନୈତିକ ଦଳମାନେ ନିଜ ନିଜର ସଂଗଠନକୁ ସଜାଡିବା ସହିତ ନୂଆ ନୂଆ ନେତାଙ୍କୁ ଦାୟିତ୍ୱ ଦେଉଛନ୍ତି । ନିକଟରେ ବିଜେଡି ମଧ୍ୟ ତା’ର ସଂଗଠନକୁ ସଜାଡିବା ଆରମ୍ଭ କରିଦେଇଛି । ତେବେ ନିକଟରେ ବିଜେଡି ଅନେକ ନୂଆ ନେତାଙ୍କୁ ଦଳରେ ଦାୟିତ୍ୱ ଦେଇଥିବା ବେଳେ ପୁଣି ଜଣେ ନେତାଙ୍କୁ ନିଯୁକ୍ତି ଦେଇଛି । ଦୁର୍ଯ୍ୟଧନ ବେହେରାଙ୍କୁ ନୟାଗଡ ଜିଲ୍ଲାର ବିଜୁ ଯୁବ ଜନତା ଦଳର ଜିଲ୍ଲା ସଭାପତି ଭାବେ ନିଯୁକ୍ତି ଦିଆଯାଇଛି । ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଦୁର୍ଯ୍ୟୋଧନଙ୍କୁ ଏହି ନୂଆ ଦାୟିତ୍ୱ ଦେଇଛନ୍ତି ।ସୂଚ଼ନାଯୋଗ୍ୟ ଯେ, ଚ଼ଳିତ ମାସ ପ୍ରଥମ ସପ୍ତାହରେ ବିଜେଡି ସୁପ୍ରିମୋ ୧୦ ଜଣ ନେତାଙ୍କୁ ବିଭିନ୍ନ ପଦରେ ନିଯୁକ୍ତି ଦେଇଥିଲେ । ଜି. ଉଦୟଗିରି ବିଧାୟକ ସାଲୁଗା ପ୍ରଧାନଙ୍କୁ କନ୍ଧମାଳ ଜିଲ୍ଲା ବିଜେଡି ସଭାପତି ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ରାଜୀବ ପାତ୍ରଙ୍କୁ କନ୍ଧମାଳ ଜିଲ୍ଲା କାର୍ଯ୍ୟକାରିଣୀ ସଭାପତି ଭାବେ ଦାୟିତ୍ୱ ଦିଆଯାଇଥିଲା । ସେହିପରି ସରୋଜ କର୍ଣ୍ଣାଙ୍କୁ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ, କ୍ଲେଶ ପ୍ରଧାନଙ୍କୁ ଜି. ଉଦୟଗିରି ନିର୍ବାଚ଼ନ ମଣ୍ଡଳୀର ପର୍ଯ୍ୟବେକ୍ଷକ, ଅଜୟ ମହାରଣାଙ୍କୁ ବାଲିଗିଡା ନିର୍ବାଚ଼ନ ମଣ୍ଡଳୀର ପର୍ଯ୍ୟବେକ୍ଷକ, କିଶୋର ଛୋଟରାୟଙ୍କୁ ଫୁଲବାଣୀ ନିର୍ବାଚ଼ନ ମଣ୍ଡଳୀର ପର୍ଯ୍ୟବେକ୍ଷକ, ଟୁନା ଦାସଙ୍କୁ ବାଲିଗୁଡା ନିର୍ବାଚ଼ନ ମଣ୍ଡଳୀର ସହ-ସଂଯୋଜକ, ଅନିମା କହଁରଙ୍କୁ କନ୍ଧମାଳ ଜିଲ୍ଲା ବିଏମଜେଡି ସଭାପତି, ପୁନମ କହଁରଙ୍କୁ ବିଏମଜେଡି ରାଜ୍ୟ ସାଧାରଣ ସମ୍ପାଦିକା, ସଞ୍ଜୁକ୍ତା ଦାସଗୁପ୍ତାଙ୍କୁ କନ୍ଧମାଳ ବିଏମଜେଡି ଜିଲ୍ଲା ପର୍ଯ୍ୟବେକ୍ଷକ ଭାବେ ଦାୟିତ୍ୱ ଦିଆଯାଇଥିଲା ।

# କେନ୍ଦ୍ର ସରକାରଙ୍କ ଜନବିରୋଧି ନୀତି ବିରୁଦ୍ଧରେ ଲଗାତର ସଂଘର୍ଷ ପାଇଁ ମଜଦୁର-କିସାନ ମହାଧାରଣାର ଉଦ୍ଯାପନୀ ସମାବେଶରେ ଆହ୍ୱାନ



ଭୁବନେଶ୍ୱର,୨୮।୧୧(ପି.ଏନ): ସଂଯୁକ୍ତ କିସାନ ମୋର୍ଚ୍ଚା, କେନ୍ଦ୍ରୀୟ ଶ୍ରମିକ ସଂଗଠନମାନଙ୍କର ମିଳିତ ମଞ୍ଚ ଏବଂ ସ୍ୱାଧୀନ ଫେଡ଼େରେସନମାନଙ୍କ ଦ୍ୱାରା ଶ୍ରମିକ ଓ କୃଷକମାନଙ୍କ ୨୬ ନଭେମ୍ବର ଠାରୁ ମହାତ୍ମା ଗାନ୍ଧୀ ମାର୍ଗରେ ଜାରି ରହିଥିବା ୭୨ ଘଣ୍ଟିଆ ମହାଧାରଣାର ଉଦ୍ଯାପନୀ ସମାବେଶ ଅନୁଷ୍ଠିତ ହୋଇଯାଇଛି।

ଆଜିର ଏହି ମହାଧାରଣା ମିଳିତ ସମାବେଶରେ ଶ୍ରମିକ ଓ କୃଷକ ସଂଗଠନମାନଙ୍କର ନେତୃବୃନ୍ଦ ସେମାନଙ୍କ ବକ୍ତବ୍ୟରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନବିରୋଧି ନୀତି ବିରୋଧରେ ଐକ୍ୟବଦ୍ଧ ଆନ୍ଦୋଳନ ପାଇଁ ଆହ୍ୱାନ ଦେଇଥିଲେ। ଆଗାମୀ ନିର୍ବାଚନରେ ଜନବିରୋଧି ତଥା କର୍ପୋରେଟ ସପକ୍ଷବାଦୀ ଉଭୟ ସରକାରଙ୍କ ବିରୋଧରେ କୃଷକ ଓ ଶ୍ରମିକର ମିଳିତ ଆହ୍ୱାନ ଏକ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ ବୋଲି ମିଳିତ ମଞ୍ଚ ତରଫରୁ ଘୋଷଣା କରାଯାଇଛି। ଆଜିର ଏହି ସମାବେଶକୁ ଶ୍ରମିକ ଓ କୃଷକମାନଙ୍କର ଏକ ୧୭ଜଣିଆ ସଭାପତି ମଣ୍ଡଳୀ ପରିଚ଼ାଳନା କରିଥିଲେ। ସର୍ବଶ୍ରୀ ଅଶୋକ ଦାସ, ଜନାର୍ଦ୍ଦନ ପତି, ଭୁବନାନନ୍ଦ ମହାପାତ୍ର, ନିରଞ୍ଜନ ମହାନ୍ତି, ମହେନ୍ଦ୍ର ପରିଡ଼ା, ମନୋରଞ୍ଜନ ମହାରଣା, ବୀରେନ୍ଦ୍ର ପ୍ରତାପ ଦାସ, ସତ୍ୟପ୍ରକାଶ ନାୟକ, ଅଶୋକ କୁମାର ପ୍ରଧାନ, ଶଶିଭୂଷଣ ସ୍ୱାଇଁ, ଅଭିରାମ ବେହେରା, ଅଶୋକ ପ୍ରଧାନ, ସଦାଶିବ ଦାସ, ପୂର୍ଣ୍ଣଚନ୍ଦ୍ର ପାଢୀ, ପ୍ରତାପ ନାୟକ, ବାସୁଦେବ ଦାସ, ବଳଭଦ୍ର ମଲ୍ଲିକ ପ୍ରମୁଖଙ୍କୁ ନେଇ ଗଠିତ ସଭାପତି ମଣ୍ଡଳୀ ମହାଧାରଣାକୁ ପରିଚ଼ାଳନା କରିଥିଲେ। ଆଜିକାର ଉଦ୍ଯାପନୀ ସମାବେଶରେ ସର୍ବଶ୍ରୀ ବିଦ୍ୟାଧର ମହାନ୍ତି, ସୁରେଶ ପାଣିଗ୍ରାହୀ, ସରୋଜ ମହାନ୍ତି, ନିରଞ୍ଜନ ବିଦ୍ରୋହୀ, ବିଜୟ ଜେନା, ମନୋରଞ୍ଜନ ପରିଡ଼ା, ବିଷ୍ଣୁ ମହାନ୍ତି, ତିରୁପତି ଗମାଙ୍ଗ, ଜୟସେନ ମେହେର, ଭାଲଚନ୍ଦ୍ର ଷଡ଼ଙ୍ଗୀ, ରାଧାକାନ୍ତି ସେଠି, ଶ୍ରୀକାନ୍ତ ମହାନ୍ତି, ରଘୁନାଥ ଦାସ, ପ୍ରଫୁଲ୍ଲ ସାମନ୍ତରା, ଲିଙ୍ଗରାଜ, କ୍ଷୀରୋଦ ସିଂହଦେଓ, ଆଶିଷ କାନୁନଗୋ, ଜମେଶ୍ୱର ସାମନ୍ତରାୟ, ମୁକ୍ତାର ଖାନା, ନରେନ୍ଦ୍ର ମହାନ୍ତି, ଜୟନ୍ତ ଦାସ, ପୁଷ୍ପା ଦାସ, ପ୍ରମିଳା, ଅମିୟ ମହାନ୍ତି, ଇସାନ ଷଡ଼ଙ୍ଗୀ, ରମେଶ ମହାପାତ୍ର, ହର ବଣିଆ, ଦିଲ୍ଲୀପ ବଡେଇ, ବ୍ୟୋମକେଶ ଠାକୁର, ପ୍ରତାପ ପ୍ରଧାନ, କିଶୋର ଜେନା, ନରୋତ୍ତମ ପାର୍ଥସାରଥି, ଭାରତ ଭୂଷଣ ନାୟକ, ଅଜୟ ମହାନ୍ତି, ରମେଶ ମହାପାତ୍ର, ରବୀନ୍ଦ୍ର ଧଳ, ରାଜେଶ ଜାନି, ପୂର୍ଣ୍ଣଚନ୍ଦ୍ର ପାଢୀ, ଶଙ୍କର, ବିଚିତ୍ର ପାଢୀ, ନମିତା ସାହୁ, ଚିନ୍ମୟ ସାହାଣୀ ପ୍ରମୁଖ ବହୁ ନେତୃବୃନ୍ଦ ବକ୍ତବ୍ୟ ଦେଇଥିଲେ। ଆଜିକାର ସମାବେଶରେ ଶ୍ରମିକ ବିରୋଧି ଓ କୃଷକ ବିରୋଧି ନୀତି ବିରୁଦ୍ଧରେ ଆନ୍ଦୋଳକୁ ଅବ୍ୟାହତ ରଖିବାକୁ ଆହ୍ୱାନ ଦିଆଯାଇଛି। ଶ୍ରମିକ, କୃଷକମାନଙ୍କର ୨୧ଦଫା ସମ୍ବଳିତ ଦାବି ଉପରେ ଏକ ସ୍ମାରକପତ୍ର ମାନନୀୟ ରାଷ୍ଟ୍ରପତି ଏବଂ ମାନ୍ୟବର ରାଜ୍ୟପାଳଙ୍କୁ ପ୍ରଦାନ କରାଯାଇଛି। ଏହି ସମାବେଶରେ ସର୍ବଶ୍ରୀ ବାସୁଦେବ ଦାସ, ନିରାକାର ନାୟକ, ବଳଭଦ୍ର ମଲ୍ଲିକ, ହେନା ପାର୍ବତୀ, ରାଜକିଶୋର ଦୁହ୍ଲାରୀ ପ୍ରମୁଖ ସାଥୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ନବୀନ ସରକାର ଓଡ଼ିଶାର ବେକାର ଯୁବକ ଯୁବତୀଙ୍କୁ ପ୍ରତାରିତ କରିଛନ୍ତି : ୟାସିର ନୱାଜ, ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି



ଭୁବନେଶ୍ୱର,୨୮।୧୧(ପି.ଏନ): ଆଜି ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଶ୍ରୀ ୟାସିର ନୱାଜଙ୍କ ନେତୃତ୍ୱରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଛାତ୍ର କଂଗ୍ରେସର ‘ନିଯୁକ୍ତିକ୍ରାନ୍ତି‘ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଭୁବନେଶ୍ୱର ସାଂଗଠନିକ ଜିଲ୍ଲା ପକ୍ଷରୁ ଛାତ୍ର କଂଗ୍ରେସ ଜିଲ୍ଲା ସଭାପତି ଶ୍ରୀ ଜଗଦୀଶ ଗଜେନ୍ଦ୍ରଙ୍କ ନେତୃତ୍ୱରେ ଭୁବନେଶ୍ୱର ଏଡିଏମଙ୍କ କାର୍ଯ୍ୟାଳୟ ସମ୍ମୁଖରେ ‘ନିଯୁକ୍ତିକ୍ରାନ୍ତି‘ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଶ୍ରୀ ୟାସିର ନୱାଜ କହିଛନ୍ତି ଯେ ନବୀନ ସରକାର ଓଡ଼ିଶାର ବେକାର ଯୁବକଯୁବତୀଙ୍କୁ ପ୍ରତାରିତ କରିଛର୍ନ୍ତି। ଗତ ୨୪ ବର୍ଷ ହେଲା ନବୀନ ସରକାର ଦେଇଥିବା ବର୍ଷକୁ ୨ଲକ୍ଷ ନିଯୁକ୍ତି ପ୍ରତିଶ୍ରୁତି ପୂରଣ କରିପାରିଲେ ନାହିଁ। ଏବେ ରାଜ୍ୟ ସରକାରଙ୍କ ପକ୍ଷରୁ ବିଧାନସଭାରେ ଉପସ୍ଥାପିତ ତଥ୍ୟ ଅନୁଯାୟୀ ରାଜ୍ୟ ସରକାରଙ୍କର ୨ଲକ୍ଷ ୨୬ ହଜାର ଚାକିରୀ ଖାଲି ପଡ଼ିଥିବା ବେଳେ ଓଡ଼ିଶାରେ ୯ଲକ୍ଷ ପିକୃତ ବେକାର ଯୁବକ ଯୁବତୀ ଚାକିରୀ ଅନ୍ୱେଷଣରେ ଘୁରି ବୁଲୁଛନ୍ତି। ଓଡ଼ିଶାର ଶିଳ୍ପାଂଚଳର ଲୋକ ଧୂଳି ଧୂଆଁ ଖାଇ ରୋଗାଗ୍ରସ୍ତ ହେଉଛର୍ନ୍ତି। ସେଠିକାର ଜଳବାୟୁ ଓ ବିଶେଷ କରି ପରିବେଶ ସଂପୂର୍ଣ୍ଣ ନଷ୍ଟ ହୋଇଯାଉଛି। ମାତ୍ର ସେଠିକାର ବେକାର ଯୁବକ ଯୁବତୀଙ୍କ ସ୍ୱାର୍ଥକୁ ଦୃଷ୍ଟି ଦିଆଯାଉ ନାହିଁ। ଓଡ଼ିଶାରେ ବେସରକାରୀ ଶିଳ୍ପ-ବ୍ୟବସାୟ ପ୍ରତିଷ୍ଠାନର ମାଲିକ ଓ ନବୀନ ସରକାରଙ୍କ ମଧୁଚନ୍ଦ୍ରିକାରେ ଓଡ଼ିଶାର ବେକାର ଯୁବକ ଯୁବତୀଙ୍କ ଭାଗ୍ୟ ଧୂଳିସାତ ହୋଇଯାଉଛି। କାରଣ ଶିଳ୍ପାଂଚଳର ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଦିଆଯାଉନାହିଁ। ମାତ୍ର ନବୀନ ସରକାରଙ୍କ ବାହୁଛାୟା ତଳେ ଏହି ଶିଳ୍ପପତିମାନେ ସୁରକ୍ଷିତ ରହିର୍ଛନ୍ତି ଏବଂ ଓଡ଼ିଶାକୁ ଲୁଟୁଛନ୍ତି। ଛାତ୍ର କଂଗ୍ରେସ ପକ୍ଷରୁ ସତର୍କ କରିଦିଆଯାଇଛି ଯେ ଯଦି ଓଡ଼ିଆ ଯୁବକ ଯୁବତୀଙ୍କୁ ଏଥିରେ ୮୦ ପ୍ରତିଶତ ନିଯୁକ୍ତି ନ ମିଳେ ତେବେ ଆଗାମୀ ଦିନରେ ଶିଳ୍ପସଂସ୍ଥା ଗୁଡ଼ିକ ଆଗରେ ଛାତ୍ର କଂଗ୍ରେସ ପକ୍ଷରୁ ବିକ୍ଷୋଭ କରାଯିବ ଏବଂ ଚକାଜାମ ଆନ୍ଦୋଳନ କରାଯିବ। ବିଶେଷକରି ବିମୁଦ୍ରାୟନ ଓ କରୋନା କାରଣରୁ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପସଂସ୍ଥା ଗୁଡ଼ିକ କ୍ଷତିଗ୍ରସ୍ତ ଓ ବନ୍ଦ ହୋଇଯିବାରୁ ଆମ ରାଜ୍ୟରେ ପ୍ରାୟ ୭ ଲକ୍ଷ ଲୋକ ଚାକିରି ହରାଇର୍ଛନ୍ତି। ମାତ୍ର ଦୁର୍ଭାଗ୍ୟର କଥା ସରକାର ଏଥିପ୍ରତି ଆଦୌ ଦୃଷ୍ଟି ଦେଉନାହାଁନ୍ତି। ଆମ ରାଜ୍ୟରେ ପୂର୍ବରୁ ଥିବା ସୂତାକଳ, ଲୁଗାକଳ, ତେଲକଳ, ଝୋଟକଳ ଓ ଚିନିକଳ ଗୁଡ଼ିକ ବନ୍ଦ ହୋଇଯାଇଛି। ଗାଁରୁ ସହର ଲକ୍ଷ ଲକ୍ଷ ଯୁବକ ଯୁବତୀ କାମଧନ୍ଦା ଅନ୍ୱେଷଣରେ ଘୁରି ବୁଲୁର୍ଛନ୍ତି। ବାଧ୍ୟ ହୋଇ ପଡ଼ୋଶୀ ରାଜ୍ୟକୁ କର୍ମ ସଂସ୍ଥାନ ପାଇଁ ଯାଉଛନ୍ତି ଓ ଦାଦନ ଖଟୁଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶା ରାଜକୋଷରୁ ୪୫୦ କୋଟି ଟଙ୍କା ଖର୍ଚ୍ଚକରି ଯେଉଁ ବିଜୁ ଯୁବବାହିନୀ ଗଠନ କଲେ ତାହା କେବେଳ ବିଜେଡ଼ି ଦଳର କର୍ମୀପୋଷଣ ପାଇଁ ଉଦ୍ଦିଷ୍ଟ ଥିଲା। ସେ ବିଜୁ ଯୁବବାହିନୀ ଏବେ ବନ୍ଦ ହୋଇଯାଇଛି। ସେହିପରି ୨୦୧୩ ମସିହାରେ ଯେଉଁ ଯୁବନୀତି ବିଜେଡ଼ି ସରକାର କରିଥିଲା ତାହା କେବଳ ପ୍ରହସନ ଥିଲା। ସେହିପରି ନବୀନ ସରକାର ଦ୍ୱାରା ଆୟୋଜିତ ‘ନିଯୁକ୍ତି ମେଳାନ୍ତରେ କେହି ବେକାର ଯୁବକ ଯୁବତୀ ଉପକୃତ ହୋଇନାହାଁନ୍ତି। କଂଗ୍ରେସ ଅମଳରେ ଗ୍ରାମାଂଚଳର କର୍ମସଂସ୍ଥାନ ଯୋଗାଇବା ପାଇଁ ଯେଉଁ ମହାତ୍ମା ଗାନ୍ଧୀ ନରେଗା ଯୋଜନା ପ୍ରଣୟନ ହୋଇଥିଲା ଏବେ ବିଜୁ ଜନତା ଦଳର ନେତା କର୍ମୀ ଓ ସଂପୃକ୍ତ ସରକାରୀ କର୍ମଚାରୀ ସେହି ଯୋଜନାର ଅର୍ଥକୁ ହଡ଼ପ କରୁଛନ୍ତି। ମଣିଷ ବଦଳରେ ମେସିନ କାମ କରୁଛି। ଏଣୁ ଗ୍ରାମାଂଚଳରେ ଉତ୍କଟ ବେକାରୀ ଦେଖା ଦେଇଛି। ଆମ ରାଜ୍ୟରେ ଆବଶ୍ୟକତା ଅନୁଯାୟୀ ନା ଅଛନ୍ତି ଡାକ୍ତର ନା ସ୍ୱାସ୍ଥ୍ୟକର୍ମୀ ନା ଶିକ୍ଷକ ନା ପୋଲିସ୍! ସରକାରୀ ଚାକିରୀକୁ ସଙ୍କୁଚିତ କରାଯାଉଛି ଓ ଘରୋଇ କାରଖାନାରେ କୌଣସି ନିର୍ଦ୍ଦିଷ୍ଟ ନିଯୁକ୍ତି ନୀତି ନଥିବାରୁ ଓଡ଼ିଶାର ଯୁବସମାଜ ଆଜି ହତାଶ। ପାଠ ପଢ଼ି ମଧ୍ୟ ବେକାର। ସରକାରଙ୍କ ଯୁବନୀତି ଏବେ ନିରୁଦ୍ଦିଷ୍ଟ। ଆଜିର କାର୍ଯ୍ୟକ୍ରମରେ ଜିଲ୍ଲା ଛାତ୍ର କଂଗ୍ରେସ ପକ୍ଷରୁ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଭୁବନେଶ୍ୱର ଏଡିଏମଙ୍କୁ ୬ଦଫା ଦାବି ସମ୍ବଳିତ ନିମ୍ନ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା।

# ନାରୀ ବିନା ସମାଜ ଅସମ୍ପୂର୍ଣ୍ଣ



ଭୁବନେଶ୍ୱର,୨୮।୧୧(ପି.ଏନ): ସ୍ଥାନୀୟ ବୀର ସୁରେନ୍ଦ୍ର ସାଏ ନଗର ଠାରେ ଗତ ରବିବାର ଦିନ ଏକ ଦିବସୀୟ ମାତୃଶକ୍ତି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି।ଏଥିରେ ଚ଼ାରୋଟି ଜିଲ୍ଲା ଯଥା:- ଭୁବନେଶ୍ୱର, ନୟାଗଡ, ପୁରୀ ଓ ଖୋର୍ଦ୍ଧା ମହିଳା ସମନ୍ୱୟର ବିଭିନ୍ନ ସଂଗଠନର ଅନ୍ୟୁନ ୮୫୦ ରୁ ଊର୍ଦ୍ଧ୍ୱ ମାତା, ଭଗିନୀ, କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ।ଏହି କାର୍ଯ୍ୟକ୍ରମରେ ତିନୋଟି ସତ୍ରରେ ତିନୋଟି ବିଷୟ ରଖାଯାଇଥିଲା।ପ୍ରଥମ ସତ୍ରରେ ରାଷ୍ଟ୍ର ସେବିକା ସମିତିର କ୍ଷେତ୍ର ପ୍ରଚ଼ାରିକା ସୁଶ୍ରୀ ଲତିକା ପାଢୀ ଯୋଗଦେଇ ‘ଭାରତୀୟ ଚ଼ିନ୍ତନରେ ମହିଳା‘ ବିଷୟ ଉଲ୍ଲେଖ କରି ନାରୀ ଭାରତୀୟ ବ୍ୟବସ୍ଥାରକେନ୍ଦ୍ରବିନ୍ଦୁ, ନାରୀ ବିନା ଭାରତୀୟ ସମାଜ ଅସମ୍ପୂର୍ଣ୍ଣ ବୋଲି କହିଥିଲେ।ମାତୃଶକ୍ତିଭାରତୀୟ ପରମ୍ପରା ସହ ଭାରତର ସାଂସ୍କୃତିକ ଭାବଧାରାକୁ ଧ୍ୟେୟ କରି ସମାଜ ଜାଗରଣରେ ନିଜର ଭୂମିକା ସ୍ଥିର କରିବାକୁ ମଧ୍ୟ କହିଥିଲେ। ଏହି ସତ୍ରରେ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ଥିଲେ ପ୍ରାଧାପିକା ଡ. ହିରଣ୍ମୟୀ ମିଶ୍ର ।ସେହିପରି ଦ୍ୱିତୀୟ ସତ୍ରରେ ସାମୂହିକ ଚ଼ର୍ଚ୍ଚାରେ ‘ମହିଳାମାନଙ୍କ ସ୍ଥିତି ଓ ସମସ୍ୟା‘ ସମ୍ବନ୍ଧରେ ଚ଼ର୍ଚ୍ଚା କରାଯାଇଥିଲା।ଶେଷ ସତ୍ରରେ ରାଷ୍ଟ୍ରୀୟ ପ୍ରମୁଖ, ମହିଳା ସହକାରିତା ପ୍ରକୋଷ୍ଠ ,ସହକାର ଭାରତୀର ମାନନୀୟା ଶ୍ରୀମତି ଶତାବ୍ଦୀ ପାଣ୍ଡେ ‘ଭାରତର ବିକାଶରେ ମହିଳାମାନଙ୍କ ଭୂମିକା ‘ ସମ୍ପର୍କରେ ଆଲୋକପାତ କରି ଭାରତୀୟ ସମାଜ ଓ ସଂଘର୍ଷରେ ମାତୃଶକ୍ତିର ଅବଦାନର ଅନେକ ଉଦାହରଣ ଦେଇ ମାର୍ଗଦର୍ଶନ କରିଥିଲେ ଏବଂ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ଥିଲେ ସମାଜସେବୀ ଶ୍ରୀମତି ନମ୍ରତା ଚ଼ଢା ଓ ଡ.ବନ୍ଦନା ହରିଚ଼ନ୍ଦନ। ମହିଳା ସମନ୍ୱୟର ପୂର୍ବ ପ୍ରାନ୍ତ ସହ- ସଂଯୋଜିକା ଓ ସେବା ଭାରତୀ ପୂର୍ଣ୍ଣକାଳୀନ ସୁଶ୍ରୀ ଦୀପ୍ତିମୟୀ ନାୟକ, ବିଭାଗ ସଂଯୋଜିକା ଓ ରାଷ୍ଟ୍ର ସେବିକା ସମିତି ଭୁବନେଶ୍ୱର ମହାନଗର ସଂପର୍କ ପ୍ରମୁଖ ଶ୍ରୀମତି ଜ୍ୟୋତିର୍ମୟୀ ସାହୁ,ପ୍ରାନ୍ତ ଟୋଲି ସଦସ୍ୟା ଓ ସକ୍ଷମର ଉପ ସଭାପତିଶ୍ରୀମତି ମନସ୍ମିତା ଜେନା ମଞ୍ଚାସୀନ ଥିଲେ।ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ମହିଳା ପ୍ରମୁଖ, ସହକାର ଭାରତୀ ,ଓଡିଶାର ଶ୍ରୀମତି କଳ୍ପନା ଦାଶ।ଏହାଛଡା ସମାଜରେ ବିଭିନ୍ନ କ୍ଷେତ୍ରରେ କାମ କରିଥିବା କିଛି ମହିଳାମାନଙ୍କୁ ସମ୍ମାନିତ କରାଯିବା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ କରାଯାଇଥିଲା।








# ଟି ଟାଇମ୍

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଢ଼ଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

## ସବୁଠାରୁ ବଡ଼ ଦାନ

ତୃଷିତଙ୍କୁ ପାଣିଦେବା ଓ କ୍ଷୁଧିତକୁ ଭୋଜନ ଦେବା ଦୁନିଆର ସବୁଠୁ ବଡ଼ ଦାନ ବୋଲି ଶାସ୍ତ୍ର କହିଥାଏ । ଭୋଜନ ଦେବା ପରେ ଯଦି ଭୋକ ଶାନ୍ତ ହୋଇଯାଏ ତ ସବୁ ବସ୍ତୁ ସୁନ୍ଦର ଦେଖାଯାଏ । କିନ୍ତୁ ଦୁଇ-ତିନିଦିନର ଭୋକିଲା ଲୋକକୁ ଟଙ୍କା ବିଡ଼ା ଦିଅଯାଏ ଅଥବା ସୁନା,ରୂପା ଦେଲେ ମଧ ସେ ନିଜର ପେଟକୁ ଖାଇବା ପାଇଁ ଅନୁରୋଧ କରିଥାଏ । ତେବେ ପେଟ ପୂରିବା ପରେ ଯାଇ ତାକୁ ଧନ ଦୌଲତ ଭଲ ଲାଗିଥାଏ। ଭୋକିଲା ଲେକଙ୍କୁ ଖାଦ୍ୟ ଦରକାର ଟଙ୍କାର ବିଡ଼ା ନୁହେଁ । ପେଟର ଭୋକ ଶାନ୍ତ ହେବାପରେ ଯାଇ ଟଙ୍କା, ସୁନା, ଘର ଦ୍ୱାରା, ସ୍ତ୍ରୀ, ପୁତ୍ର, ଭୋଗ ଜାଗ୍ରତ ହୋଇଥାଏ । ଶୋଷ ଲାଗିଲେ ସାରା ଦୁନିଆଁ ମଧ ନୀରସ ଦେଖାଯାଏ । ଶୋଷରେ ବ୍ୟାକୁଳ ଲୋକ ଗୋଟିଏ ମାତ୍ର ଜିନିଷ ଆବଶ୍ୟକ କରେ ତାହା ହେଉଛି ପାଣି । ପାଣି ହିଁ ଜୀବନ ଅଟେ ପାଣି ନମିଳିଲେ ଜୀବନ ମୃତ୍ୟୁସମାନ ହୋଇଯାଏ । ସେଥିପାଇଁ କୁହାଯାଇଛି ଜଳହିଁ ଜୀବନ । ତେଣୁ ଏଥିପାଇଁ କୁହାଯାଏ ଯଦି ଭୋକିଲା ଲୋକକୁ କିଛି ଖାଦ୍ୟ କିମ୍ବା ଶୋଇଲା ଲୋକଙ୍କୁ ଜଳଦାନ କରାଯାଏ ତେବେ ତାହା ସର୍ବଶେଷ୍ଠ ଦାନରେ ପରିଗଣତି ହୋଇଥାଏ, ଦାନ କରିଥିବା ବ୍ୟକ୍ତି ମୋକ୍ଷ ପ୍ରାପ୍ତି କରିଥାଏ ।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ ।

# ପୁରାଣ କାହାଣୀ

## ପଣ୍ଡୁ ଓଷା



ମାର୍ଗଶିର ମାସର ପୂର୍ଣ୍ଣିମା ଦିନ ଏହି ଓଷା ପାଳନ କରାଯାଏ। ମାର୍ଗଶିର ପୂର୍ଣ୍ଣିମାକୁ ପଣ୍ଡୁ ପୂର୍ଣ୍ଣିମା ମଧ କୁହାଯାଏ। ଏହି ସମୟରେ ହେମନ୍ତ ଋତୁ ସରି, ଶୀତର ଆରମ୍ଭ ହେଉଥାଏ। ସକାଳୁ ସକାଳୁ କୁହୁଡି ହେତୁ ସର୍ବତ୍ର ଫିକାଧଳା ବା ପାଣ୍ଡୁରା ବର୍ଣ୍ଣ ଦିଶୁଥାଏ। ଏଣୁ ଏହି ପୂର୍ଣ୍ଣିମାର ନାଁ ପଣ୍ଡୁ ପୂର୍ଣ୍ଣିମା କୁହାଯାଏ। ବଡ ଓଷା ପରି ଏହି ବ୍ରତକୁ ଗଜ ବସାଇ ପାଳନ କରାଯାଏ। ନାରୀମାନେ ଏହି ବ୍ରତ ମାଧମରେ ଯମରାଜଙ୍କୁ ପୂଜା ବା ଉପାସନା କରନ୍ତି। ଏହାର ମୁଖ୍ୟ ଉଦ୍ଦେଶ୍ୟ ପୁତ୍ର ସନ୍ତାନ କାମନା। ଏହି ବ୍ରତ ପାଳନରେ କିଛି ସ୍ୱତନ୍ତ୍ର ବିଧି ରହିଛି। ଏଥି ପାଇଁ ଗୃହ ଚଟାଣକୁ ଗୋବରରେ ଚକ୍କଣ କରି ଲିପାଯାଏ। ଚିତା ଓ ମୁରୁଜ ତା' ଉପରେ ପକାଯାଏ। ଗଜକୁ ସ୍ଥାପନ କରାଯାଏ ଏବଂ ପୂଜନ ବିଶେଷକରି ପୁରୋହିତଙ୍କ ଦ୍ୱାରା ଯମରାଜଙ୍କୁ ଆବାହନ, ପୂଜନ ଏବଂ ନୈବେଦ୍ୟ ଅର୍ପଣ ପୂର୍ବକ ଭକ୍ତି ପ୍ରଣତି ବଢ଼ାଯାଏ। ଏହି ପୂଜାର ମୁଖ୍ୟ ଭୋଗ ହେଉଛି ମଣ୍ଡା ପିଠା। ପୂର୍ବ ପ୍ରସ୍ତୁତି ଅନୁଯାୟୀ ନୂଆ ଗୋବର ଲିପା ଟୋକେଇ ବା ପାଛିଆରେ ପୁରୁଣା ଧାନ ଆଣି ଢ଼ିଙ୍କିରେ କୁଟି ଚାଉଳ କରାଯାଏ। ଏହି ଚାଉଳକୁ ପୁଣି ଚୂନା କରି ସେଥିରେ ନଡିଆ ଦେଇ ନଡିଆ ମଣ୍ଡା କରାଯାଏ ଓ ପୂଜାଭୋଗ କରାଯାଏ। ଏହା ସହିତ ଖଇ, କଦଳୀ, ଫଳ ଏବଂ ଛେନା ଆଦି ଭୋଗ ମଧ ବଢ଼ାଯାଏ। ପଣ୍ଡୁଓଷା ଏକ ନିଷ୍ଠାର ବ୍ରତ। ନାରୀଜାତି ବିଶେଷ କରି ମା'ମାନଙ୍କ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ଅଟେ।

## ପଠାଣି ସାମନ୍ତ



ଆଜିର ଦିନରେ ମହାମହୋପାଧ୍ୟାୟ ସାମନ୍ତ ଚନ୍ଦ୍ରଶେଖରଙ୍କ ଜନ୍ମ ଦିନ ପାଳନ କରାଯାଉଛି । ୧୮୩୫ ମସିହା ଡିସେମ୍ବର ୧୩ ତାରିଖରେ ପୌଷ କୃଷ୍ଣ ଅଷ୍ଟମୀ ତିଥିରେ ଚନ୍ଦ୍ରଶେଖର ଖଣ୍ଡପଡାର ଏକ ରାଜବଂଶରେ ଜନ୍ମ ଗ୍ରହଣ କରିଥିଲେ। ବହୁ ସନ୍ତାନ ନଷ୍ଟ ହୋଇଯିବା ପରେ ମାତାପିତା ଚନ୍ଦ୍ରଶେଖରଙ୍କର ଦୀର୍ଘାୟୀ ଓ ମଙ୍ଗଳ କାମନା କରିଥିଲେ। ପରେ ଖଣ୍ଡପଡା ନିକଟସ୍ଥା ଖୁଣ୍ଟୁପଡା ନିକଟସ୍ଥ ଖୁଣ୍ଟୁପଡା ଗ୍ରାମସ୍ଥିତ ମହାଦେବ ଶ୍ରୀ ଶ୍ରୀ ଚନ୍ଦ୍ରଶେକରଙ୍କ ପ୍ରସାଦରୁ ଏହି ବାଳକ ଜନ୍ମ ଗ୍ରହଣ କରିଥିବାର ବିଶ୍ୱାସ କରି ପିତାମାତା ତାଙ୍କର ନାମ ଚନ୍ଦ୍ରଶେଖର ରଖିଥିଲେ। ଡାକ ନାମ ତାଙ୍କର ପଠାଣି ବି ଥିଲା । ପଠାଣିଙ୍କର ପୂରା ନାମ ହେଉଛି ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ର। ଚନ୍ଦ୍ରଶେଖର ପିଲାବେଳୁ ଉଦାସୀନ, ମନଯୋଗୀ, ଏକାଗ୍ରଚିତ୍ତ, ଅଧବସାୟୀ ଓ ଉଦାରମନା ଥିଲେ। ବିଚିତ୍ରବର୍ଣ୍ଣ। ବ୍ରହ୍ମଣ୍ଡର ନାକ୍ଷତ୍ରିକ ଗତିବିଧି ପ୍ରତି ଆକୃଷ୍ଟ ହୋଇଥିଲେ ସେ। ଜ୍ୟୋତିଷବିଦ୍ୟା ଜାଣିବା ପାଇଁ ଆଗ୍ରହୀ ହୋଇ ଦଶବର୍ଷ ବୟସରେ ପଠାଣି ନିଜ ବାପାଙ୍କ ଠାରୁ କିଛରି ଜ୍ୟୋତିର୍ବିଜ୍ଞାନ ଶିଖିଥିଲେ। ସେତେବେଳେ ତାଙ୍କ ବାପା ଜଣେ ପ୍ରଧାନ ଗାଣିତିକ ଥିଲେ। ବାପାଙ୍କ ସହିତ ଗଣିତ ଜ୍ୟୋତିଷର ଆଲୋଚନା ମାଧମରେ ଶିକ୍ଷା ଲାଭ କରିଥିଲେ। ସେ ପୁରାତନ ଜ୍ୟୋତିଷ ଶାସ୍ତ୍ରମାନ ପର୍ଯ୍ୟାଲୋଚନା କରି ତାରା ଜଗତର ଗତିବିଧି ଅନୁଧାନ କରିବା ସହ ସୂକ୍ଷ୍ମ ଯନ୍ତ୍ରମାନ ଉଦ୍ଭାବନ କରିଥିଲେ। ଦୁଇଟି ବାଉଁଶ ନଳ ସାହାଯ୍ୟରେ ଦୂର ପାହାଡକୁ ମାପି ଦୂରବୀକ୍ଷଣ ଯନ୍ତ୍ର ନିର୍ମାଣ କରିଥିଲେ। ପଠାଣୀ ସାମାନ୍ତ ୧୮୬୯ ରେ 'ସିଦ୍ଧାନ୍ତ ଦର୍ପଣ' ଲେଖିବା ଆରମ୍ଭ କରିଥିଲେ। ୧୮୯୨ ରେ ଏହି ଗ୍ରନ୍ଥ ରଚନା ଲେଖା ଶେଷ ହୋଇଥିଲା। ସିଦ୍ଧାନ୍ତ ଦର୍ପଣ ମୂଳତଃ ସଂସ୍କୃତ ଭାଷାରେ ଶ୍ଳୋକ ମାନଙ୍କରେ ରଚିତ, ଗ୍ରନ୍ଥଟିରେ ରହିଛି ଚବିଶଟି ପ୍ରକାଶ (ସର୍ଗ)। ଏହି ଗ୍ରନ୍ଥର ମୋଟ ଶ୍ଳୋକ ସଂଖ୍ୟା ୨୫୦୦। ଏଥିରେ ପାଟି ଗଣିତ, ବୀଜଗଣିତ, ସ୍ଥୁଳ ଓ ସୂକ୍ଷ୍ମଗ୍ରହ ଗଣନା, ପଜୟାଦିର ବାଖ୍ୟା, ନଦୀ ଓ ପାହାଡମାନଙ୍କର ଭୌଗଳିକ ମାସ ଓ ସ୍ଥିତି ଆଦି ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥ ଓ ଶ୍ରୀକୃଷ୍ଣଙ୍କ ଆଶୀର୍ବାଦ ଭିକ୍ଷା କରାଯାଇଛି । ନିରବଚ୍ଛିନ୍ନ ଅଧବସାୟ, ଇଚ୍ଛାଶକ୍ତି ଓ ଅବିଶ୍ରାନ୍ତ ଗବେଷଣା ଫଳରେ ଦୂରଦୂରାନ୍ତର ଜ୍ୟୋତିଷ ମଣ୍ଡଳର ଗ୍ରହ ନକ୍ଷତ୍ରର ସ୍ଥିତି ଓ ଚଳନ ନିର୍ଭୁଲ ଭାବେ ଗଣନା କରିପାରୁଥିଲେ ପଠାଣି ସାମନ୍ତ।

## ଆଜିର ଭାଗ୍ୟ


ମେଷ
ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।


ବୃଷ
ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।


ମିଥୁନ
ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।


କର୍କଟ
ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।


ସିଂହ
ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।


କନ୍ୟା
ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।


ତୁଳା
ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।


ବିଛା
ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।


ଧନୁ
ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।


ମକର
କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।


କୁମ୍ଭ
ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।


ମୀନ
ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

## ସିଂହ ସହିତ ବନ୍ଧୁତା



ସିଂହ, ବାଘ ଭଳି ହିଂସ୍ର ଜନ୍ତୁଙ୍କର ନାମ ଶୁଣିଲେ ସମସ୍ତଙ୍କ ମନରେ ଭୟ ଆସିଯାଏ । କିନ୍ତୁ ଜଣେ ଝିଅ ଅଛି ଯିଏ ସିଂହ ଓ ବାଘମାନଙ୍କ ଗହଣରେ ବିନା ଡରଭୟରେ ରହିଥାଏ । ହଁ, ଆଜ୍ଞା ନାମ୍ବିୟାର ବୁଶ ଗର୍ଲ ନାମରେ ପ୍ରସିଦ୍ଧ ମାର୍ଲିସି ଭାନଡେର ମେରୱେ ବିନା ଡରରେ ସିଂହ ଓ ବାଘ ପାଖକୁ ଯାଇଥାନ୍ତି । ସୋସିଆଲ ସାଇଡ଼ରେ ବି ଏହି ଝିଅର ସାହସିକତା ଭିଡ଼ିଓ ଭାଇରାଲ ହୋଇସାରିଲାଣି ଓ ସେ ଝିଅଟି ସେନ୍ ବୁସମେନ୍ ସମୁଦାୟ ପାଖରେ ରହୁଥିବା କାରଣରୁ ତାକୁ ବୁସ୍ ଗର୍ଲର ନାମ ଦିଆଯାଇଛି । କହି ରଖୁଛୁ ନାମ୍ବିୟାର ପ୍ରସିଦ୍ଧ ସଂରକ୍ଷଣବାଦୀ ଓ ଟିଭି କାର୍ଯ୍ୟକ୍ରମ ପ୍ରସ୍ତୁତକର୍ତ୍ତା ମର୍ଲସି ଯିଏ ୩୦ବର୍ଷରୁ ଏହି ବନ୍ୟ ଜନ୍ତୁଙ୍କ ମଧ୍ୟରେ ରହିଆସୁଛନ୍ତି । କଥା କ'ଣ କି ନାମ୍ବିୟାର ଜାତୀୟ ଉଦ୍ୟାନରେ ବନ୍ୟଜନ୍ତୁଙ୍କ ମଧ୍ୟରେ ତାଙ୍କ ପିତାଙ୍କର ଫାର୍ମ ହାଉସ ଅଛି ଓ ସେଠି ୯ରୁ ଅଧିକ ଜଙ୍ଗଲୀ ଚିତା ଅଛନ୍ତି । ମର୍ଲସି ଚିତାମାନଙ୍କୁ ଡରିବା ପରିବର୍ତ୍ତେ ଚିତାମାନେ ତାଙ୍କର ବୋଲମାନନ୍ତି । ମର୍ଲସି ବିନା ଭୟରେ ତାଙ୍କର ମୋଟର ଗାଡ଼ି ଧରି ଚାଲିଯା'ନ୍ତି ଚିତାଙ୍କ ଗହଣକୁ। ଚିତା ଯେତେବେଳେ ଆକ୍ରମଣ କରିବା ପାଇଁ ଆସନ୍ତି ମର୍ଲସିଙ୍କୁ ଦେଖି ଶାନ୍ତ ହୋଇଯା'ନ୍ତି ।

## ସୁସ୍ଥ ପରିବେଶ ପାଇଁ ଅଶ୍ୱଥଙ୍କ ଉଦ୍ୟମ

ପରିବେଶକୁ ସୁହାଇବା ଭଳି ପଦକ୍ଷେପ ନେବାର ଆଇନକାନୁନ୍ ବନିଯାଉଛି। କାଗଜରେ ନିର୍ଦ୍ଦେଶ ବି ଆସୁଛି। ହେଲେ ତୃଣମୂଳ ସ୍ତରରେ ପରିବର୍ତ୍ତନର ଧାରା ଆଦୌ ଆରମ୍ଭ ହେଉନାହିଁ। ତା'ର କାରଣ ହେଲା, ସେହି ଜିନିଷ ବଦଳରେ ପରିବେଶ ଉପଯୋଗୀ ଜିନିଷର ଚଳନ କରୁନାହାନ୍ତି କେହି। ଏ ଅଭାବକୁ ବୁଝି ଜଣେ ଯୁବକ ନିଜ ବ୍ୟକ୍ତିଗତ ପ୍ରୟାସରେ ପଲିଥିନ୍ ବ୍ୟାଗ୍ ବଦଳରେ ପରିବେଶ ଉପଯୋଗୀ ବ୍ୟାଗ୍ ତିଆରି କରି ନିଜ ସହରର କଲ୍ୟାଣ ଦିଗରେ ଦେଉଛନ୍ତି ବଡ଼ ଯୋଗଦାନ।...ବାଙ୍ଗାଲୋର ନଗରନିଗମ ପକ୍ଷରୁ ୨୦୧୨ରେ ସ୍ୱାସ୍ଥ୍ୟ ତଥା ପରିବେଶ ପାଇଁ ହାନିକାରକ ହେତୁ ପଲିଥିନର ବ୍ୟବହାର ବନ୍ଦ କରାଯାଇଥିଲା। କିନ୍ତୁ ଲୋକମାନଙ୍କ ପାଇଁ କୌଣସି ବିକଳ୍ପର ସୁବିଧା କରାଯାଇନଥିଲା। ଯାହାକି ସାଧାରଣ ଲୋକମାନଙ୍କ ପାଇଁ ଅନେକ ସମସ୍ୟା ସୃଷ୍ଟି କରିଥିଲା। ଆଉ ନିଜ ସହରବାସୀଙ୍କ ଏହି ସମସ୍ୟା ଅଶ୍ୱଥଙ୍କ ଚିନ୍ତାର କାରଣ ପାଲଟିଥିଲା। ସେ ଏହାକୁ ଦୂର କରିବା ଯୋଜନାର ଅନୁସନ୍ଧାନରେ ଲାଗିଯାଇଥିଲେ। ପ୍ରାୟ ଚାରିବର୍ଷର ପ୍ରସ୍ତୁତି ଓ ପ୍ରୟାସ ପରେ ଅଶ୍ୱଥ ପ୍ରତିଷ୍ଠା କଲେ 'ଏନଭିଗ୍ରୀନ' ନାମରେ ଏକ କମ୍ପାନୀ। ଏହି କମ୍ପାନୀ ଲୋକମାନଙ୍କୁ ଯୋଗାଇଦେଉଛି ପରିବେଶ ଅନୁକୂଳ ବିଭିନ୍ନ ବ୍ୟାଗ। ପ୍ଲାଷ୍ଟିକ ବ୍ୟାଗ ପରି ଦେଖାଯାଉଥିବା ଏହି ବ୍ୟାଗ ଗୁଡିକର ପ୍ରସ୍ତୁତ ପ୍ରଣାଳୀ ସମ୍ପୂର୍ଣ୍ଣ ଭିନ୍ନ ହୋଇଥାଏ। ବିନା କୌଣସି ରସାୟନିକ ସାମଗ୍ରୀର ବ୍ୟବହାରରେ କେବଳ ଆଳୁ, ପାଳୁଅ, କଦଳୀ, ତେଲ ଇତ୍ୟାଦି ୧୨ଟି ସାମଗ୍ରୀର ବ୍ୟବହାର କରାଯାଇ ପ୍ରସ୍ତୁତ କରାଯାଉଛି ବ୍ୟାଗ। ପ୍ରଥମେ ଏହି କଞ୍ଚାମାଲ ଗୁଡିକୁ ଏକ ତରଳ ପଦାର୍ଥରେ ପରିଣତ କରାଯାଇ ପରକୁ ପର ୬ଟି ଧାରାରେ ଗତି କରାଯାଇ ଏହା ପ୍ରସ୍ତୁତ କରାଯାଏ। ଏହି ବ୍ୟାଗ ଗୁଡିକୁ ଗୋଟିଏ ଗ୍ଲାସ ଥଣ୍ଡା ପାଣିରେ ବୁଡାଇ ରଖିଲେ ଗୋଟିଏ ଦିନରେ ଏହା ମିଳାଇଯିବ ଏବଂ ଯଦି ଗରମ ପାଣିରେ ଏହାକୁ ରଖାଯାଏ ତେବେ ମାତ୍ର ୧୫ ସେକେଣ୍ଡରେ ଏହା ମିଳାଇଯିବ। ବ୍ୟବହାର ଅନୁପୋଯୋଗୀ ହେବା ପରେ ଏହାକୁ ଫୋପାଡି ଦେବା ପରେ ଖୁବ୍ କମ୍ ଦିନ ମଧ୍ୟରେ ଏହା ମାଟିରେ ମିଳାଇଯିବ। ସମ୍ପୂର୍ଣ୍ଣ ଭାବେ ଖାଦ୍ୟପଦାର୍ଥରେ ପ୍ରସ୍ତୁତ ହୋଇଥିବାରୁ କୌଣସି ପଶୁ ଖାଇଲେ ମଧ୍ୟ ତାଙ୍କ ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ ହେବ ନାହିଁ। କର୍ଣ୍ଣାଟକ ରାଜ୍ୟ ପ୍ରଦୂଷଣ କଣ୍ଟ୍ରୋଲ ବୋର୍ଡ ପକ୍ଷରୁ ମଧ୍ୟ ଏହି ବ୍ୟାଗକୁ ନେଇ ଅନେକ ପରୀକ୍ଷଣ କରାଯାଇଛି। ଏହି ବ୍ୟାଗ ଗୁଡିକୁ ଜଳାଇବା ଦ୍ୱାରା ନା ଏହା ତରଳୁଛି, ନାହିଁ ଏଥିରୁ କୌଣସି ରାସାୟନିକ ପଦାର୍ଥ କ୍ଷରଣ ହେଉଛି। ସେଣ୍ଟ୍ରାଲ ଇନଷ୍ଟିଚ୍ୟୁଟ ଅଫ୍ ପ୍ଲାଷ୍ଟିକ ଇଞ୍ଜିନିୟରିଂ ଏବଂ ଶ୍ରୀରାମ ଇନଷ୍ଟିଚ୍ୟୁଟ ଫର୍ ଇଣ୍ଡଷ୍ଟ୍ରୀଆଲ୍ ରିସର୍ଚ୍ଚ ପକ୍ଷରୁ ମଧ୍ୟ ଏହାର ପରୀକ୍ଷଣ କରାଯାଇ ବ୍ୟବହାର ନିମନ୍ତେ ଅନୁମତି ଦିଆଯାଇଛି। ସମସ୍ତ କ୍ଷେତ୍ରରୁ ଅନୁମତି ପାଇବା ପରେ ଅଶ୍ୱଥ ନିଜ ଟିମ୍ ର ୬୦ଜଣ ସଦସ୍ୟଙ୍କ ସହ ମିଶି ବାଙ୍ଗାଲୋରଠାରେ ଏକ କାରଖାନା ପ୍ରତିଷ୍ଠା କରିଛନ୍ତି। ଏହି କାରଖାନାରୁ ପ୍ରତି ମାସରେ ପ୍ରାୟ ୧ହଜାର ମେଟ୍ରିକ ଟନ୍ ବ୍ୟାଗ୍ ପ୍ରସ୍ତୁତ କରାଯାଉଛି। ତାଙ୍କର ଏହି ପ୍ରୟାସ ଦ୍ୱାରା କର୍ଣ୍ଣାଟକ ଗ୍ରାମାଞ୍ଚଳର କୃଷକ ମାନେ ମଧ୍ୟ ଲାଭବାନ ହୋଇପାରୁଛନ୍ତି। କମ୍ପାନୀ ସେମାନଙ୍କ ଠାରୁ କଞ୍ଚାମାଲ କିଣିବା ସହ ସେମାନଙ୍କୁ କଞ୍ଚାମାଲ ଉତ୍ପାଦନ ପାଇଁ ବିହନ ଯୋଗାଇ ଦେଉଛି। ଭାରତର ସବୁ ସ୍ଥାନରେ ଏହି ବ୍ୟାଗ ଗୁଡିକ ବର୍ତ୍ତମାନ ପର୍ଯ୍ୟନ୍ତ ମିଳିପାରିନାହିଁ କିନ୍ତୁ ଅଶ୍ୱଥଙ୍କ କାର୍ଯ୍ୟସ୍ଥଳ କତରରେ ଏହା ଉପଲବ୍ଧ ହୋଇପାରୁଛି। ଅଶ୍ୱଥଙ୍କ କହିବାନୁଯାୟୀ, କେବଳ ବାଙ୍ଗାଲୋର ପରି ସହରରେ ପ୍ରତି ମାସରେ ପ୍ରାୟ ୩୦ହଜାର ମେଟ୍ରିକ ଟନ୍ ବ୍ୟାଗର ଆବଶ୍ୟକ ହୋଇଥାଏ। ତେଣୁ ସମସ୍ତ ସହରରେ ଏହାର ବ୍ୟବହାର ପାଇଁ ଅଧିକ କାରଖାନା ପ୍ରତିଷ୍ଠା କରିବାର ଲକ୍ଷ୍ୟ ରଖିଛୁ। ବର୍ତ୍ତମାନ ପର୍ଯ୍ୟନ୍ତ ରିଲାଏନ୍ସ ପରି କମ୍ପାନୀ ମାନଙ୍କୁ ବ୍ୟାଗ ଯୋଗାଇ ଦିଆଯାଇଛି। ଚଳିତ ଡିସେମ୍ବରଠାରୁ ସେମାନେ ଏହାର ବ୍ୟବହାର ଆରମ୍ଭ କରିଦେଇଛନ୍ତି। ପରିବେଶ ସୁରକ୍ଷା ଦିଗରେ ଅଶ୍ୱଥଙ୍କ ଏହି ପ୍ରୟାସକୁ ଅନେକ ପରିବେଶବିତ୍ ପ୍ରଶଂସା କରିଛନ୍ତି।






# ଅବହେଳିତ କେନ୍ଦ୍ରାପଡ଼ାର ଭାଗ୍ୟ କ'ଣ ବଦଳିବନି !

ସମୁଦ୍ର, ନଦୀ, ନାଳ, ବନାନୀ ଘେରା ଚିର ଅବହେଳିତ କେନ୍ଦ୍ରାପଡ଼ା ଜିଲ୍ଲା ସ୍ୱାଧୀନତାର ୭୫ ବର୍ଷ ପରେ ମଧ୍ୟ ବିବିଧ ସମସ୍ୟାର ଗର୍ଭ ମଧ୍ୟରେ ରହିଛି। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ବିଜୁଳି, ପାନୀୟଜଳ, ସଂଚାର, ଦାରିଦ୍ର୍ୟ, ବେକାରୀ ଆଦି ମୌଳିକ ସମସ୍ୟା ଉତ୍କଟ ରୂପ ଧାରଣ କରିଥିବା ବେଳେ ୧୯୯୯ର ପ୍ରଳୟଙ୍କରୀ ବାତ୍ୟା ଜିଲ୍ଲାର ଆର୍ଥିକ ମେରୁଦଣ୍ଡକୁ ଭାଙ୍ଗି ଦେଇଛି। ଏପରିକି କେବିକେ ବ୍ୟତୀତ ଅନ୍ୟ ୨୨ଟି ଜିଲ୍ଲା ମଧ୍ୟରେ ଏହି ଜିଲ୍ଲା ଲୋକଙ୍କର ମୌଳିକ ସମସ୍ୟା ସବୁଠୁ ଆଗରେ ରହିଛି। ବଙ୍ଗୋପସାଗର କୂଳବର୍ତୀ ଏହି ଜିଲ୍ଲାର ଭୌଗୋଳିକ ଆୟତନ ୨୬୪୪ ବର୍ଗ କିଲୋମିଟର ଓ ଏହାର ଉପକୂଳବର୍ତୀ ସୀମା ୪୮୦ କିଲୋମିଟର। ଏହି ଜିଲ୍ଲାର ଲୋକସଂଖ୍ୟା ୧୪ ଲକ୍ଷରୁ ଅଧିକ। ଏହାର ଜଙ୍ଗଲ ପରିମାଣ ୧୯୯୩୯ ବର୍ଗ କିଲୋମିଟର ହୋଇଥିବା ବେଳେ ଚାଷ ଉପଯୋଗୀ ଜମି ପରିମାଣ ୧ଲକ୍ଷ ୮୨ ହଜାର ୧୮୪ହେକ୍ଟର ରହିଛି। ମୋଟ ୨୪୯ଟି ଗ୍ରାମପଂଚାୟତ ଅନ୍ତର୍ଗତ ୧୫୫୨ଟି ଗ୍ରାମ ରହିଛି ଏହି ଜିଲ୍ଲାରେ। ଗତ ମହାବାତ୍ୟାରେ କ୍ଷତିଗ୍ରସ୍ତ ତାଲିକାରେ ଥିବା କେନ୍ଦ୍ରାପଡ଼ା ଜିଲ୍ଲା ଧ୍ୱଂସସ୍ତୂପରେ ପରିଣତ ହୋଇଥିବା ଜଗତସିଂହପୁର ଜିଲ୍ଲାର ପଛକୁ ରହିଥିଲା। ଶିଳ୍ପବିହୀନ ଏହି ଜିଲ୍ଲା ନିଜର ଅସ୍ତିତ୍ୱ ବଜାୟ ରଖିବା ପାଇଁ ସ୍ୱାଧୀନତା ପରଠାରୁ ସଂଘର୍ଷ କରିଆସୁଥିଲେ ହେଁ ସମୟ ଓ ପରିସ୍ଥିତି ଜିଲ୍ଲାବାସୀଙ୍କୁ ଭୋକ ଉପାସରେ ରହି ଜିଇଁବାକୁ ବାଧ୍ୟ କରିଚାଲିଛି।

ଏଠାରେ ଶିକ୍ଷିତ ବେକାରଙ୍କ ସଂଖ୍ୟା ବହୁ ଅଧିକ ଥିଲାବେଳେ ନିଯୁକ୍ତି ହାର ସବୁଠୁ କମ୍ ରହିଛି। ଦାରିଦ୍ର୍ୟ ଦୂରୀକରଣ ଯୋଜନା, ସ୍ୱାସ୍ଥ୍ୟସେବା, ବିଦ୍ୟୁତ୍‌ସେବା, ସଂଚାର ସେବା, ଯୋଗାଯୋଗ ଏବଂ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ରହିଛି। ଏଠାରେ ଥିବା ବିଶ୍ୱବିଖ୍ୟାତ କଇଁଛ ଓ କୁମ୍ଭୀର ପ୍ରଜନନ କେନ୍ଦ୍ର ତଥା ଭିତରକନିକା ପ୍ରାଣୀ ଅଭୟାରଣ୍ୟ ଓ ସାମୁଦ୍ରିକ



ଅଭୟାରଣ୍ୟର ଆବଶ୍ୟକୀୟ ଉନ୍ନତି ହୋଇପାରୁନାହିଁ। ପ୍ରାକୃତିକ ଦୃଶ୍ୟ ରାଜିରେ ଭରା ଅଭୟାରଣ୍ୟ, କମନୀୟ ସମୁଦ୍ର ବେଳାଭୂମି ଓ ସମୁଦ୍ର ତଟରେ ଯେଭଳି ପ୍ରଚୁର ପର୍ଯ୍ୟଟନ ଶିଳ୍ପର ସୁଯୋଗ ରହିଛି, ତା'ର ଉପଯୁକ୍ତ ଉପଯୋଗ ହେଲେ ଜିଲ୍ଲାର ଆର୍ଥିକ ପ୍ରଗତି ସମ୍ଭବ ହୋଇପାରନ୍ତା।

ଜିଲ୍ଲାରେ ସରକାରୀ ଉନ୍ନୟନ ଯୋଜନା କାର୍ଯ୍ୟକାରୀତା ଉପରେ ବ୍ୟାପକ ସମୀକ୍ଷା ହେଉନଥିବାରୁ ପ୍ରକୃତ ହିତାଧିକାରୀମାନେ ଉପକୃତ ହୋଇପାରୁନାହାଁନ୍ତି। ଯେଉଁଥିପାଇଁ ଜିଲ୍ଲାର ପ୍ରାୟ ୨ ଲକ୍ଷ ବେକାର ଶିକ୍ଷିତ ଯୁବକ/ଯୁବତୀ/ବ୍ୟକ୍ତି ଦେଶ ବିଦେଶର ବିଭିନ୍ନ ସଂସ୍ଥାରେ କାର୍ଯ୍ୟ କରିବାକୁ ବାଧ୍ୟ ହେଉଛନ୍ତି। ୧୯୬୭ ଓ ୧୯୭୨ ସାମୁଦ୍ରିକ ମହାପ୍ଲାବନରେ ରାଜନଗର, ମହାକାଳପଡ଼ା ଓ ପଟ୍ଟାମୁଣ୍ଡାଇର ଅନେକ ଧନ-ଜୀବନ ନଷ୍ଟ ହୋଇଥିବା ବେଳେ ୧୯୮୨ ସାମୁଦ୍ରିକ ଜୁଆରରେ ଉପକୂଳବାସୀଙ୍କର ପ୍ରଭୂତ କ୍ଷୟକ୍ଷତି ହୋଇଥିଲା। ଉପକୂଳବାସୀଙ୍କର ସୁରକ୍ଷା ପାଇଁ ବିଜୁ ପଟ୍ଟନାୟକ ୧୯୭୨ ଏପ୍ରିଲ୍ ୪ରେ ଧାମରା ଠାରୁ ପାରାଦୀପ ପର୍ଯ୍ୟନ୍ତ ବରୁଣେଇ ଦେଇ ବିଶାଳ ପଥର ପନ୍ଥ ନିର୍ମାଣ କରାଇବାକୁ ଘୋଷଣା କରିଥିଲେ। ମାତ୍ର ଏଯାଏ ତାହା ସମ୍ଭବ ହୋଇପାରିନାହିଁ। ପ୍ରତି ମୁହୂର୍ତରେ ଧ୍ୱଂସ ପାଇ ଚାଲିଛି ଉପକୂଳ ଝାଉଁଜଙ୍ଗଲ। ୧୯୮୦ ରେ ବରୁଣେଇ ନିକଟସ୍ଥ ଜଗରିଜୋର ଠାରେ ସରକାର ଓ ବିଶ୍ୱବ୍ୟାଙ୍କର ମିଳିତ ସହାୟତାରେ ବିଶାଳ ହେନ୍ତାଳବଣ ଧ୍ୱଂସ କରାଯାଇ ଏକ ନଡ଼ିଆ ଚାଷ ପ୍ରକଳ୍ପ ଆରମ୍ଭ କରାଯାଇଥିଲା। ମାତ୍ର ଅତି ଶୀଘ୍ର ଏହି ପ୍ରକଳ୍ପ ବିଫଳ ହୋଇଥିଲା। ପୁନଶ୍ଚ ୧୯୯୪ରେ ସେହି ସ୍ଥାନରେ ବିଶ୍ୱବ୍ୟାଙ୍କ୍ ସହାୟତାରେ ବାକି ଥିବା ହେନ୍ତାଳବଣ ଧ୍ୱଂସ କରାଯାଇ ଏକ ଚିଙ୍ଗୁଡ଼ି ପ୍ରକଳ୍ପ ଆରମ୍ଭ କରାଯାଇଥିଲା। ହେଲେ ଅଳ୍ପ କିଛି ବର୍ଷ ପରେ ଏହି ପ୍ରକଳ୍ପ ମଧ୍ୟ ବିଫଳ ହୋଇଥିଲା। ଆଜି ପର୍ଯ୍ୟନ୍ତ ଉକ୍ତ ଦୁଇଟି ପ୍ରକଳ୍ପର ବିଫଳତା ସଂପର୍କରେ କୌଣସି ସମୀକ୍ଷା ହୋଇନାହିଁ। ସଂପ୍ରତି ଜିଲ୍ଲାରେ ରାସ୍ତାଘାଟ ସମସ୍ୟା ଗମ୍ଭୀର ରହିଛି। ଆଜି ମଧ୍ୟ ବିଭିନ୍ନ ଗାଁ, ପଂଚାୟତ ଓ ବ୍ଲକ୍ ସଦର ମହକୁମା ମଧ୍ୟରେ ଯୋଗାଯୋଗ ବ୍ୟବସ୍ଥା ବିପର୍ଯ୍ୟସ୍ତ ରହିଛି। ବହୁ ରାସ୍ତା କିଛି ବର୍ଷ ତଳୁ ମରାମତି ହୋଇନାହିଁ। ୧୦ ରୁ ଉର୍ଦ୍ଧ୍ୱ ନିର୍ମାଣାଧିନ ନଦୀ ସେତୁ ଦୀର୍ଘ ବର୍ଷ ତଳୁ ଅଧାପନ୍ତରିଆ ଭାବେ ପଡ଼ି ରହିଛି। ଯେଉଁଥିପାଇଁ ହଜାର ହଜାର ଲୋକେ ନିଜ ବ୍ଲକ୍ ସଦର ମହକୁମାରେ ପହଂଚିବାରେ ନାନା ଅସୁବିଧାର ସନ୍ମୁଖୀନ ହେଉଛନ୍ତି।





ସମୁଦ୍ର ତଟବର୍ତୀ ଗାଁ ଗୁଡ଼ିକର ଅବସ୍ଥା ଭାରି ସାଂଘାତିକ। ଇତିମଧ୍ୟରେ ଅନେକ ଗାଁ ସମୁଦ୍ର ଓ ନଦୀର ମହାପ୍ଲାବନରେ ମିଳେଇ ଯାଇଛି। ସାତଭାୟା ଅଂଚଳର ଅଧିକାଂଶ ଗ୍ରାମ ସମୁଦ୍ରର ମହାପ୍ଲାବନରେ ଲୀନ ହୋଇଯାଇଥିବାବେଳେ ବାକି ଥିବା ଗାଁଗୁଡ଼ିକ କେଉଁ ମୁହୂର୍ତରେ ସମୁଦ୍ର ଗର୍ଭରେ ଲୀନ ହୋଇଯିବ, ତାହା ଭଗବାନଙ୍କୁ ଜଣା। ଲୁଣା ଘେରିବନ୍ଧ ଖୁବ୍ ଦୁର୍ବଳ ଥିବାରୁ ସମୁଦ୍ରରୁ ଲୁଣାପାଣି ଆସି ଭେଡ଼ା ଭିତରେ ପଶୁଛି ଓ ଅକାଳରେ ଫସଲ ହାନୀ ହେଉଛି। ସେହିପରି ବନ୍ୟା ଘେରିବନ୍ଧ ଅତି ଦୁର୍ବଳ ଯୋଗୁ ଲକ୍ଷ ଲକ୍ଷ ଲୋକେ ବନ୍ୟା ପୀଡ଼ିତ ହୋଇଥାନ୍ତି ଓ ବେଳେ ବେଳେ ସର୍ବସ୍ୱାନ୍ତ ବି ହୁଅନ୍ତି। ଜଳସେଚନ ବ୍ୟବସ୍ଥା ଜିଲ୍ଲାବାସୀଙ୍କ ପାଇଁ ଯେମିତି ସ୍ୱପ୍ନ ହୋଇଛି। କେତେକ ଅଂଚଳରେ ଅନେକ ବର୍ଷ ତଳେ କେନାଲ୍ ଖୋଳା କାମ ଆରମ୍ଭ ହୋଇ ଆଜି ମଧ୍ୟ ତାହା ଅଧାପନ୍ତରିଆ ଭାବେ ପଡ଼ିରହିଛି। ଏପରିକି କେନାଲ୍ ପାଣି ଯୋଗାଇ ଦିଆ ନଯାଇ ମଧ୍ୟ ପ୍ରଜାଙ୍କ ଠାରୁ ଜଳକର ଆଦାୟ କରାଯାଉଥିବା ଅଭିଯୋଗ ହୋଇଥାଏ। ବେଣାକନ୍ଦା ଠାରୁ ତନ୍ତିଆପାଳ ପର୍ଯ୍ୟନ୍ତ ୧୩ କି.ମି. ଗୋବରୀ ନଦୀବନ୍ଧ ଯୋଜନା କାର୍ଯ୍ୟକାରୀ ପାଇଁ ପ୍ରାୟ ୩୦ ବର୍ଷ ତଳେ ନିଷ୍ପତି ନିଆଯାଇଥିଲେ ହେଁ ବାସ୍ତବ କ୍ଷେତ୍ରରେ ଏଯାଏ ଏହି ଲୋକହିତକର କାର୍ଯ୍ୟ ଆରମ୍ଭ ହୋଇ ପାରିନାହିଁ। ଏହି ଯୋଜନା କାର୍ଯ୍ୟକାରୀ ହେଲେ ରାଜନଗର, ମହାକାଳପଡ଼ା ଓ ପଟ୍ଟାମୁଣ୍ଡାଇ ବ୍ଲକ୍‌ର କେତେକ ଅଂଚଳକୁ ମିଠା ଜଳ ଯୋଗାଇ ବର୍ଷ ତମାମ ଚାଷ କାର୍ଯ୍ୟକୁ ସହଜ କରା ଯାଇପାରନ୍ତା।

ସେହିପରି ରାଜନୈତିକ ଓ ପ୍ରଶାସନିକ ଇଚ୍ଛାଶକ୍ତି ଅଭାବରୁ ଅବହେଳିତ ବିଶ୍ୱବିଖ୍ୟାତ ଭିତରକନିକା ଜାତୀୟ ଉଦ୍ୟାନ, ଭିତରକନିକା ପ୍ରାଣୀ ଅଭୟାରଣ୍ୟ, ହେନ୍ତାଳ ଜଙ୍ଗଲ, ଡ଼ାଙ୍ଗମାଳ କୁମ୍ଭୀର ପ୍ରଜନନ କେନ୍ଦ୍ର, ବତୀଘର, ବ୍ରିଟିସ୍ ବାଣିଜ୍ୟର କୋଠାଘର ହୁକିଟୋଲା ଓ ବରୁଣେଇ ଜଙ୍ଗଲ ଆଦିର ବିକାଶ ସ୍ୱପ୍ନ ହୋଇ ରହିଛି। ଏସବୁକୁ ଏଯାଏ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ମିଳି ପାରିନାହିଁ। କ୍ରମେ ଏହି ଜିଲ୍ଲା ଅବହେଳାର ଚରମ ସୀମାକୁ ଟପିଗଲାଣି। ଏଠାରେ ବହୁ ସୁଯୋଗ ରହିଥିଲେ ହେଁ ତାହାର ଉପଯୁକ୍ତ ଉପଯୋଗ ହୋଇ ପାରୁନାହିଁ। ପ୍ରଚୁର ମନୋରମ ପ୍ରାକୃତିକ ସଂପଦ, ମତ୍ସ୍ୟ ସଂପଦ, ବନ୍ୟପ୍ରାଣୀ ସଂପଦ, ପର୍ଯ୍ୟଟନ ସଂପଦ ଓ ବନ୍ଦର ସୁଯୋଗ



ଭଳି ଅନେକ ଦୁର୍ଲଭ ସଂପଦ ଭରପୂର ହୋଇ ରହିଛି ଏହି ଜିଲ୍ଲାରେ। ସଂପ୍ରତି ଜିଲ୍ଲାରେ ଥିବା ପ୍ରଚୁର ପର୍ଯ୍ୟଟନ ଶିଳ୍ପର ସୁଯୋଗକୁ ଉପଯୋଗର ଆବଶ୍ୟକତା ରହିଛି। ମାତ୍ର ଏଥିପ୍ରତି କେହି ଦୃଷ୍ଟି ଦେଉ ନାହାଁନ୍ତି। ଏସବୁର ଉପଯୁକ୍ତ ଉପଯୋଗ ହେଲେ, ଜିଲ୍ଲାର ଆର୍ଥିକ ବିକାଶ ହେବା ସହ ଓଡ଼ିଶା ସରକାର ପ୍ରତିଦିନ ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ପାଇ ପାରନ୍ତେ।

ତେବେ କେନ୍ଦ୍ରାପଡ଼ା ଜିଲ୍ଲାର ଅର୍ଥନୈତିକ ପ୍ରଗତିର ଚାବିକାଠି କେଉଁଠି ରହିଛି, ସେ ସଂପର୍କରେ ବ୍ୟାପକ ସମୀକ୍ଷାର ଆବଶ୍ୟକତା ରହିଛି। ବିଶେଷ କରି କେନ୍ଦ୍ରାପଡ଼ାର ଭାଗ୍ୟ ଓ ଭବିଷ୍ୟତ ସାଂସଦ ଓ ବିଧାୟକ ମାନଙ୍କ ଇଚ୍ଛା ଶକ୍ତି ଉପରେ ନିର୍ଭର କରୁଛି। ଦୁର୍ଭାଗ୍ୟ ବଶତଃ କିଛିବର୍ଷ ତଳୁ କେନ୍ଦ୍ରାପଡ଼ା ଜିଲ୍ଲା ମନ୍ତ୍ରୀଶୂନ୍ୟ ହୋଇ ରହିଥିଲା। ମାତ୍ର ଏଇ ନିକଟରେ ନୂଆ ମନ୍ତ୍ରୀମଣ୍ଡଳ ଗଠନ ବେଳେ କେନ୍ଦ୍ରାପଡ଼ା ଦୁଇଜଣ ବରିଷ୍ଠ ମନ୍ତ୍ରୀଙ୍କୁ ପାଇଛି। ମନ୍ତ୍ରୀ ପ୍ରତାପ କେଶରୀ ଦେବଙ୍କୁ ଗୁରୁତ୍ୱପୂର୍ଣ୍ଣ ଶିଳ୍ପ, ଶକ୍ତି, ଅତିକ୍ଷୁଦ୍ର, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ବିଭାଗ ମିଳିଥିବାବେଳେ ମନ୍ତ୍ରୀ ଅତନୁ ଶବ୍ୟଶାଚୀ ନାୟକଙ୍କୁ ଖାଦ୍ୟ ଯୋଗାଣ ଓ ଖାଉଟି କଲାଣ, ସମବାୟ ବିଭାଗ ମନ୍ତ୍ରୀ ଭାବେ ନିଯୁକ୍ତି ମିଳିଛି। ପୂର୍ବରୁ ଅତନୁ ଶବ୍ୟଶାଚୀ ଏବଂ ପ୍ରତାପ ଦେବ ବିଭିନ୍ନ ବିଭାଗରେ ମନ୍ତ୍ରୀ ଭାବେ ସଫଳତାର ସହ କାର୍ଯ୍ୟ ତୁଲାଇଥିଲେ। ତେବେ ଏହି ଦୁଇ ପ୍ରବୀଣ ମନ୍ତ୍ରୀ କେନ୍ଦ୍ରାପଡ଼ାର ବିକାଶ ପାଇଁ ନିରନ୍ତର କାର୍ଯ୍ୟ କରି ଚାଲିବେ ବୋଲି ବିଭିନ୍ନ ମହଲରେ ଆଶା କରାଯାଉଛି।

# ଖୋରଧାରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଗୋକୁଳ ମୋହନ ରାୟଚୁଡ଼ାମଣୀଙ୍କର ଜୟନ୍ତୀ ପାଳନ

ଖୋର୍ଦ୍ଧା (ପିଏନ୍): ଗୋକୁଳମୋହନ ସ୍ମୃତି ସଂସଦ ପକ୍ଷରୁ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତଃ ଗୋକୁଳ ମୋହନ ରାୟ ଚୁଡ଼ାମଣୀଙ୍କର ୧୧୨ତମ ଜୟନ୍ତୀ ସ୍ଥାନୀୟ ବିଡ଼ିଏ କଲୋନୀ ଛକଠାରେ ପାଳିତ ହୋଇଯାଇଛି । ପ୍ରଥମେ ମୁଖ୍ୟ ଅତିଥି ଖୋର୍ଦ୍ଧାର ବିଧାୟକ ଶ୍ରୀଯୁକ୍ତ ଜ୍ୟୋତିରୀନ୍ଦ୍ରନାଥ ମିତ୍ର ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି କହିଥିଲେ, ଗୋକୁଳ ମୋହନଙ୍କ ଜୀବନବ୍ୟାପୀ ସାଧନା ସେତେବେଳର ଯୁବପିଢ଼ୀଙ୍କୁ ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେବା ପାଇଁ ଉଦ୍‌ବୁଦ୍ଧ କରିଥିଲା । ତାଙ୍କର ଜନ୍ମଭୂମି ନିମାପଡ଼ାର ଭଦୋର ଗ୍ରାମ ହୋଇଥିଲା ବେଳେ କର୍ମଭୂମି ଥିଲା ଖୋର୍ଦ୍ଧା । ଏକ ଜମିଦାର ବଂଶରେ ୧୯୧୧ ମସିହାରେ ଜନ୍ମଗ୍ରହଣ କରି ଡ଼ାକ୍ତରୀପଢ଼ାର ମୋହମାୟା ଛାଡ଼ି ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେଇଥିଲେ । ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଖୋର୍ଦ୍ଧାଠାରେ ସ୍ୱାଧୀନତା ଉତ୍ସବ ପାଳନରେ ସେ ସଭାପତିତ୍ୱ କରିଥିଲେ ।

ସେ ୧୯୩୯ ମସିହାରେ ଗଡ଼ଜାତ ଆନ୍ଦୋଳନ କରି ୨ବର୍ଷ ପାଇଁ ବନ୍ଦୀ ହୋଇଥିଲେ । ୧୯୪୧ରେ ବ୍ୟକ୍ତିଗତ ଆନ୍ଦୋଳନ କରି ୬ ମାସ ଜେଲଦଣ୍ଡ ଭୋଗିଥିଲେ । ୧୯୪୨ରେ ଭାରତ ଛାଡ଼ ଆନ୍ଦୋଳନାରେ ଯୋଗ ଦେଇଥିଲେ । ୧୯୪୩ ମସିହାରେ ଦୁର୍ଭିକ୍ଷ ବେଳେ ଦୁଃଖୀରଙ୍କୀମାନଙ୍କୁ ରିଲିଫ୍ ଯୋଗାଉଥିଲେ । ସ୍ୱାଧୀନତା ଆନ୍ଦୋଳନ ସମୟରେ ସେ ଖୋର୍ଦ୍ଧାର ବିଭିନ୍ନ ଜଙ୍ଗଲମାନଙ୍କରେ ଲୁଚି ରହୁଥିଲେ । ତାଙ୍କୁ ଧରାଇଦେଲେ ୨୫୦୦ ଟଙ୍କା ଦିଆଯିବ ବୋଲି ଇଂରେଜ ସରକାର ଘୋଷଣା କରିଥିଲେ । ସର୍ବୋପରି ସେ ଲବଣ ସତ୍ୟାଗ୍ରହ, କୃଷକ ଆନ୍ଦୋଳନ, ଗଡ଼ଜାତ ଆନ୍ଦୋଳନ, ଆଇନଅମାନ୍ୟ ଆନ୍ଦୋଳନ, ଭାରତ ଛାଡ଼ ଆନ୍ଦୋଳନ ଇତ୍ୟାଦିରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିଲେ ।

ଏହି ଉତ୍ସବକୁ ଖୋର୍ଦ୍ଧା ବିକାଶ ମଞ୍ଚର ସଭାପତି ଆଇନ୍‌ଜୀବୀ ନରେନ୍ଦ୍ର ପୃଷ୍ଟି ପରିଚାଳନା କରୁଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି କ୍ଷୀରୋଦ ପ୍ରସାଦ ମହନ୍ତି, ପୌର ଉପାଧକ୍ଷ ସୌର୍ଯ୍ୟପ୍ରସାଦ ମହାନ୍ତି, ଐତିହାସିକ ସତ୍ୟବାଦୀ ବଳିୟାରସିଂ, ଆମରି ସତ୍ୟର ସମ୍ପାଦକ ପ୍ରମୋଦ ଦାସ, ଉତ୍କଳ ସମ୍ମିଳନୀର ସମ୍ପାଦକ ବିଚିତ୍ର ବଡ଼ଜେନା, ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ ରାମଶଙ୍କର, ରୋଟାରୀ କ୍ଲବର ସଭାପତି ମିହିର ନାୟକ, ପୂର୍ବତନ ଆରକ୍ଷୀ ଅଧିକ୍ଷକ ଦେବୀପ୍ରସାଦ ମଜୁମଦାର୍, ବରିଷ୍ଠ ନାଗରିକ ମହାସଂଘର ସଭାପତି ବିମଳ ଷଡ଼ଙ୍ଗୀ, ଶିକ୍ଷାବିତ୍ ବୈକୁଣ୍ଠନାଥ ରାଜଗୁରୁ, କମ୍ୟୁନିଷ୍ଟ ନେତା ଅନନ୍ତ ମଙ୍ଗରାଜ, ଆଇନ୍‌ଜୀବୀ ନୃସିଂହ ମିଶ୍ର, ବିକ୍ରମ ଚମ୍ପତି, ଡ଼. ବୃନ୍ଦାବନ ପଣ୍ଡା, ଶିକ୍ଷକ ନେତା ଯୁଧିଷ୍ଠିର ସାହୁ, ଜବାହର ସୁବୁଦ୍ଧି, ପ୍ରଫୁଲ୍ଲ ସାମନ୍ତରାୟ, ତ୍ରିନାଥ ଚରଣ ସ୍ମୃତି ପରିଷଦ ସମ୍ପାଦିକା ଇତିଶ୍ରୀ ସାହୁ, 'ବିଷୟ'ର ସମ୍ପାଦକ ବାଲାଜୀ ପାତ୍ର, ଓଡ଼ିଶା ସାମ୍ବାଦିକ ସଂଘର ସମ୍ପାଦକ ପ୍ରସନ୍ନ ପାଇକରାୟ, ଏସ୍.ଡ଼ି.ଏ ସ୍କୁଲ ପ୍ରିନ୍‌ସିପାଲ୍ ବି.ଇସ୍ରାଏଲ୍, ଶିକ୍ଷକ ପ୍ରଭାତ ରଥ, ସ୍ୱର୍ଗତଃ ଗୋକୁଳମୋହନଙ୍କ କନ୍ୟା ମନ୍ଦିରାରାୟ ଚୁଡ଼ାମଣି, ସମାଜସେବୀ କୃଷ୍ଣ ହରିଚନ୍ଦନ, ପ୍ରକାଶ ପରିଡ଼ା, ପ୍ରଫୁଲ୍ଲ ସେଠୀ, ରବୀନ୍ଦ୍ର ବେଉରା, ଅଧାପକ ଗୋପାଳକୃଷ୍ଣ ଦାସ, ପ୍ରମୁଖ ଉପସ୍ଥିତ ରହି ଗୋକୁଳ ମୋହନଙ୍କର ସ୍ମୃତିଚାରଣ କରିଥିଲେ ।

# ଚଣ୍ଡିଖୋଲ ଛକ ଏକ ମରଣଯନ୍ତା ପାଲଟିଛି: ପ୍ରଶାସନ ନୀରବ



ଚଣ୍ଡିଖୋଲ (ପି.ଏନ)-ଯାଜପୁର ଜିଲାର ଚଣ୍ଡିଖୋଲ ଛକ ହେଉଛି ୩ଟି ଜାତୀୟ ରାଜପଥର କେନ୍ଦ୍ରସ୍ଥଳ। ଏଠାରେ ୧୬ ନମ୍ବର, ୫୩ ନମ୍ବର ଓ ପାରାଦ୍ୱୀପ ବନ୍ଦର ପର୍ଯ୍ୟନ୍ତ ଯାଇଥିବା ରାସ୍ତା କେନ୍ଦ୍ରସ୍ଥଳ। ଜିଲାର ଟ୍ରାଫିକ୍ ଥାନା ଥିଲେ ମଧ ଏଠାରେ ବାରମ୍ବାର ଦୂର୍ଘଟଣା ଘଟୁଛି। ୧୬ ନମ୍ବର ଜାତୀୟ ରାଜପଥର ୨ଟି ରାସ୍ତାକୁ ବନ୍ଦ କରି ୫୩ ନମ୍ବର ଜାତୀୟ ରାଜପଥ ପାଇଁ ୨ଟି ବ୍ରିଜ୍ କାର୍ଯ୍ୟକରାଯାଇ ଅଛି। ଏଠାରେ ବ୍ରିଜ୍ କାମ ଠିକ୍ ସମୟରେ ସରୁନଥିବାରୁ ରାସ୍ତାରେ ଯାତାୟତ କରୁଥିବା ବସ୍, ଟ୍ରକ୍, ୪ ଚକିଆ ଯାନ ଓ ୨ ଚକିଆ ବାଇକ୍ ଆରୋହୀମାନେ ବଡ଼ ଅସୁବିଧାରେ ସମ୍ମୁଖିନ ହେଉଛନ୍ତି। ଜାତୀୟ ରାଜପଥ ଉପରେ ୭ଟି ଲେଖାଏଁ ଲାଗି ହମ୍ପସ୍ ତିଆରି କରାଯାଇଥିବାରୁ ବାଇକ୍ ଆରୋହୀମାନେ ଦୂର୍ଘଟଣା ପଡୁଛନ୍ତି। ୫୩ ନମ୍ବର ଜାତୀୟ ରାଜପଥର କାର୍ଯ୍ୟରତ ଠିକାଦାରର ମନମୁଖି କାର୍ଯ୍ୟରାସ୍ତା କାର୍ଯ୍ୟସଂପୂର୍ଣ୍ଣ ହୋଇ ପାରୁ ନାହିଁ ବୋଲି ସାଧାରଣରେ ଅଭିଯୋଗ ହେଉଛି। ୧୬ ନମ୍ବର ଜାତୀୟ ରାଜପଥ ଉପରେ ପରିବା ମାର୍କେଟ୍ ଓ ରାସ୍ତାର ଉଚ୍ଚ ସ୍ଥାନରେ ବିଭିନ୍ନ ବ୍ୟବସାୟୀମାନେ ଦୋକାନ ଖୋଲୁଥିବାରୁ ଯାତ୍ରୀମାନେ ଯାତାୟାତ କରିବା କଷ୍ଟକର ହେଉଅଛି। ଏହି ରାସ୍ତାଦେଇ ମନ୍ତ୍ରୀ, ବିଧାୟକ, ଯାଜପୁର ଜିଲାପାଳ, ଆରକ୍ଷୀ ଅଧିକ୍ଷକ ଯାଉଥିଲେ ମଧ ସେମାନଙ୍କର ଦୃଷ୍ଟି ପଡୁନାହିଁ ବୋଲି ଦେଖିବାକୁ ମିଳୁଛି। ଏଠାରେ ଟ୍ରାଫିକ୍ ପଂଏଟ୍ ଥିଲେ ମଧ ଟ୍ରାଫିକ୍ ନିୟମକୁ କେହି ମାନୁନାହାଁନ୍ତି ଯଦ୍ଦ୍ୱାରା ଦୁର୍ଘଟଣା ବଢ଼ିବାରେ ଲାଗିଛି। ରାତ୍ର ସମୟରେ ଟ୍ରାଫିକକୁ ନିୟନ୍ତ୍ରଣ କରିବା ପାଇଁ ଯେଉଁ ଲାଇଟ୍ କୋଷ୍ଟ ଲଗାଯାଇଛି ସେ ଲାଇଟ୍ ନଜଳି ଅନ୍ଧାର ମଧ୍ୟରେ ଗତି କରୁଛି। ୪ ଚକିଆ ଯାନ ଅଟୋ ରିକ୍ସା ରହିବା ପାଇଁ ଗୋଟିଏ ସ୍ଥାନ ନିରୁପଣ କରାଯାଇନାହିଁ। ସେମାନେ ମନଇଚ୍ଛା ତାଙ୍କ ଗାଡ଼ିକୁ ନିଜ ଇଚ୍ଛା ଅନୁସାରେ ରଖୁଛନ୍ତି। ଜାତୀୟ ରାଜପଥ କଡ଼ରେ ଯେଉଁମାନଙ୍କର କୋଠାଘର ରହିଛି ସେମାନେ ଜାତୀୟ ରାଜପଥ ଜମିକୁ ବେଆଇନ୍ ଭାବେ ଦଖଲ କରି ଘର ତିଆରି, କେବିନ୍ ପକାଇ ଭଡ଼ା ଲଗାଉଛନ୍ତି ଯଦ୍ଦ୍ୱାରା କୌଣସି ସ୍ଥାନରେ ଫାଙ୍କା ନଥିବାର ଦେଖାଯାଉଛି। ଚଣ୍ଡିଖୋଲ ଛକର ସୌନ୍ଦର୍ଯ୍ୟ ଓ ସୁରକ୍ଷା ଜାତୀୟ ରାଜପଥର ରାସ୍ତାକାର୍ଯ୍ୟ, ବ୍ରିଜକୁ ତୁରନ୍ତ ନିର୍ମାଣ ପାଇଁ ଓ ସରକାରୀ ଜମିକୁ ଜବରଦଖଲ କରିଥିବା ବ୍ୟକ୍ତିମାନଙ୍କ ଉପରେ ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ଜାତୀୟ ରାଜପଥର ମୁଖ୍ୟ ଅଧିକାରୀ, ଯାଜପୁର ଜିଲାପାଳ ଓ ଆରକ୍ଷୀ ଅଧିକ୍ଷକ ଏହାଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଏ ଅଂଚଳର ବୁଦ୍ଧିଜୀବୀ, ଶିକ୍ଷାବିତ୍, ସମାଜସେବୀ ଦୃଢ଼ଦାବୀ କରିଛନ୍ତି।

## ଶୀତଳ ଭଣ୍ଡାର ପ୍ରତିଷ୍ଠା ଓ ପାସେଞ୍ଜର ଟ୍ରେନ ଚାଲୁ କରିବା ପାଇଁ ସିପିଆଇର ଦାବି

କେନ୍ଦ୍ରାପଡ଼ା (ପିଏନ୍): ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ)ର ୯ମ ଜିଲ୍ଲା ସମ୍ମିଳନୀ ଦୁଇଦିନ ଧରି କେନ୍ଦ୍ରାପଡା ସହରର ଶ୍ରୀ ବଳଦେବଜୀଉ କଳା ଓ ସଂସ୍କୃତି ପ୍ରତିଷ୍ଠାନ ପରିସରରେ ଅନୁଷ୍ଠିତ ହୋଇଯାଇଛି।




ବୈଠକ ପ୍ରାରମ୍ଭରେ ବର୍ଷୀୟାନ କମ୍ୟୁନିଷ୍ଟ ନେତା ଶିବାଜୀ ପଟ୍ଟନାୟକ, ପ୍ରହଲ୍ଲାଦ ସେଠୀ, ନିରଞ୍ଜନ ଷଡଙ୍ଗୀ ପ୍ରମୁଖ ସାଥିଙ୍କ ସ୍ମୃତି ଉଦ୍ଦେଶ୍ୟରେ ଶୋକ ପ୍ରସ୍ତାବ ଆଗତ କରାଯାଇଥିଲା । କେନ୍ଦ୍ରାପଡା ଜିଲ୍ଲାରେ ଏକ ଶୀତଳ ଭଣ୍ଡାର ପ୍ରତିଷ୍ଠା କରାଯିବା, କେନ୍ଦ୍ରାପଡାକୁ ଯାତ୍ରୀବାହୀ ରେଳ ଚଳାଚଳ କରିବା ଓ ଏଠାରେ ଏକ ମେଡିକାଲ କଲେଜ ପ୍ରତିଷ୍ଠା କରାଯିବା ପାଇଁ ବୈଠକରେ ଦାବି କରାଯାଇଛି । ସି.ପି.ଆଇ. ଜିଲ୍ଲା ସଂପାଦକ ରମଣୀରଞ୍ଜନ ରାଉତରାୟ ବିଗତ ଦିନର କାର୍ଯ୍ୟକ୍ରମର ବିବରଣୀ ପ୍ରଦାନ ସହ ପ୍ରତି ୩ ବର୍ଷରେ ଥରେ ଜିଲ୍ଲା, ରାଜ୍ୟ ଓ ଦେଶରେ ସମ୍ମିଳନୀ ହୋଇ ସାଙ୍ଗଠନିକ ଏବଂ ରାଜନୈତିକ କାର୍ଯ୍ୟକ୍ରମର ନିର୍ଦ୍ଧାରଣ ସହିତ ବର୍ତ୍ତମାନ ଯେଭଳି ଦରଦାମ ବୃଦ୍ଧି, ବିଜୁଳି କାଟ ଚାଲିଛି ଓ ବିଜୁଳି ଦରବୃଦ୍ଧି ଏବଂ ଚାଷୀକୁ ଫସଲର ଉଚିତ ଦର ମିଳୁନାହିଁ, ବେକାର ଯୁବକ/ଯୁବତୀଙ୍କୁ ନିଯୁକ୍ତି ପ୍ରଦାନ, ସମ୍ବିଧାନର ସୁରକ୍ଷା, ଦେଶରେ ଭାଇଚାରା ରକ୍ଷା ଉପରେ ବିଜେପି ଓ ବିଜେଡି ସରକାର ସଂପୂର୍ଣ୍ଣ ବିଫଳ ହୋଇଥିବା ସଂପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏ ବର୍ଷ ସମ୍ମିଳନୀରେ ୧୫୦ ପ୍ରତିନିଧି ଯୋଗଦେବା ସହିତ ନୂଆବସଷ୍ଟାଣ୍ଡଠାରୁ ସକାଳ ୮ଟା ୩୦ ମିନିଟରେ ଏକ ଶୋଭାଯାତ୍ରାରେ ଏକ ହଜାରରୁ ଉର୍ଦ୍ଧ୍ୱ ସାଥି ଯୋଗଦେଇଥିଲେ। ଏଥିରେ ରାଜ୍ୟ ସଂପାଦକ ସାଥି ଆଶିଷ କାନୁନଗୋ ଓ ରାଜ୍ୟ କାର୍ଯ୍ୟକାରୀ ସଭ୍ୟ ଜୟନ୍ତ ଦାସ ଯୋଗଦେବା ସହିତ ଏଠାରେ ଏକ ସେମିନାର ଅନୁଷ୍ଠିତ ହୋଇଯାଇଛି । ବୈଠକରେ ସହସମ୍ପାଦକ ଆଦିକନ୍ଦ ରାଉଳ, ସୀତାକାନ୍ତ ନାୟକ, ସୋହାନା ବେଗମ, ନିରଞ୍ଜନ ଦାଶ, ମଙ୍ଗୁଳି ଚରଣ ଦାଶ, ବିକାଶ ଚନ୍ଦ୍ର ବେଉରା, ଡାକ୍ତର ବାଘୁରାଇ, ପ୍ରଦୀପ ବେହେରା, ସଂଯୁକ୍ତା ରାଉତ, ଦାମୋଦର ମଳିକ, ହୃଷିକେଶ ମହାପାତ୍ର, ପ୍ରମୋଦ ସାହୁ, ଅମୀୟ ନାୟକ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

## ରାଷ୍ଟ୍ରୀୟ ଲୋକଅଦାଲତ ଅନୁଷ୍ଠିତ

ଆନନ୍ଦପୁର (ପିଏନ୍):ଆନନ୍ଦପୁର ଅତିରିକ୍ତ ଜିଲ୍ଲା ଦୌରାଜଜ୍‌ଙ୍କ କୋର୍ଟ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲା ଦୌରାଜଜ୍ ରଂଜନ କୁମାର ସୁତାର, ସବ୍‌ଜଜ୍ ମହେଶ୍ୱତା ପରିଜା, ଏସିଡିଜେଏମ୍ ରଶ୍ମିରେଖାପାତ୍ର ଓ ଜେଏପ୍‌ଏଫ୍‌ସି ପ୍ରବୀଣ ହୋତଙ୍କ ଦ୍ୱାରା ଆପୋଷ ସମାଧାନ ମାଧ୍ୟମରେ ବିଭିନ୍ନ ମକଦ୍ଦମାର ଫଇସଲା ହୋଇଥିଲା । ସେହିପରି ଘଷିପୁରା ଗ୍ରାମ ନ୍ୟାୟାଳୟ ଠାରେ ନ୍ୟାୟାଧିକାରୀ ମାନସି ପ୍ରଧାନ ଓ ହାଟଡିହି ଦେୱାନୀ ଆଦାଲତରେ ଜେଏମ୍‌ଏଫ୍‌ସି ପ୍ରତିମା ସାହୁ ଆପୋଷ ସମାଧାନ ମାଧ୍ୟମରେ ମୋଟ୍ ୧୧୩ଟି ମକଦ୍ଦମାରୁ ୩୧ଟି ମକଦ୍ଦମାର ଫଇସଲା କରି ମୋଟ ୧୪୯୦୦୦ଟଙ୍କା ପରିଶୋଧ କରିଥିଲେ । ୬୬୧ଟି ବ୍ୟାଙ୍କ ଋଣ ଆଦାୟ ପ୍ରକ୍ ମକଦ୍ଦମାରୁ ୧୮ଟି ସମାଧାନକରାଯାଇ ସର୍ବମୋଟ୍ ୨୧୬୯୦୦ଟଙ୍କା ପରିଶୋଧ କରାଯାଇଥିଲା । ଆନନ୍ଦପୁର ତାଲୁକ ଆଇନ୍ ସେବା କମିଟି ପକ୍ଷରୁ ରାଷ୍ଟ୍ରୀୟ ଲୋକ ଅଦାଲତ କାର୍ଯ୍ୟ ପରିଚାଳନା କରାଯାଇଥିବା ବେଳେ ଆଇନ୍ ସେବା କମିଟି ସଦସ୍ୟ ଆଇନଜୀବୀ ବାଇଧର ସେଠୀ, ଓକିଲ ସଂଘ ସଭାପତି ଆଇନଜୀବୀ ଦୟାନିଧି ଦାଶ, ଉପସଭାପତି ରମେଶ ଚନ୍ଦ୍ର ବାରିକ ତାଲୁକ ଆଇନ୍ ସେବା ସମିତିର ଲିଗାଲ ରିଟେରନ ଶଙ୍କର ସାହୁ, ରିଟେନର ଆଡ୍‌ଭୋକେଟ୍ ଭାଗିରଥି ଦାଶ ମହାପାତ୍ର, ହେମରନ ବେହେରା, ସାଇତପନ ସାହୁ, ଭୁବନେଶ୍ୱର ଯେନା, ଶ୍ରୀନାଥ ଘଡେଇ, ସୁଜିତ କୁମାର ମିଶ୍ର, ତାଲୁକ ଆଇନ୍ ସେବା କର୍ମଚାରୀ ଦେବାଶିଷ ବେହେରା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଛିନତାଇ ଅଭିଯୋଗରେ ଜଣେ ଗିରଫ

ଖୋର୍ଦ୍ଧା (ପିଏନ)– ବେଗୁନିଆ ଥାନା ଅନ୍ତର୍ଗତ ଗଡମାଣିତୀର ଗ୍ରାମସ୍ଥିତ ମା ରାମଚଣ୍ଡୀଙ୍କୁ ବାଙ୍କୀ ବ୍ଲକ ବୈଦେଶ୍ୱର ଥାନା ଅନ୍ତର୍ଗତ ଜଗନ୍ନାଥ ପୁର ଗ୍ରାମର ପ୍ରସନ କୁମାର ବରାଡ ନିଜ ପତ୍ନୀଙ୍କ ସହ ଦର୍ଶନ କରିବାକୁ ଆସିଥିଲେ । ସେ ଦର୍ଶନ ସାରି ଫେରୁଥିବା ସମୟରେ ମନ୍ଦିରର ମୁଖ୍ୟ ଫାଟକ ନିକଟରେ ଏକ ପଲସର ବାଇକ ଯୋଗେ ଆସି ଆକାଶ ଦାସ ନିଜ ସାଙ୍ଗ ସହ ଅତର୍କିତ ଭାବରେ ଶ୍ରୀ ବରାଡଙ୍କ ପତ୍ନୀଙ୍କ ବେକରୁ ସୁନା ଚେନ ଝାମ୍ପି ନେଇ ପଳାଇଯାଉଥିଲେ। ଏହି ସମୟରେ ଉଭୟଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକମାନେ ଦୁବୃର୍ତ୍ତଙ୍କୁ କାବୁ କରି ପୋଲିସର ଜିମା ଦେଇଥିଲେ। ଏଥିରୁ ଜଣେ ଚତୁରତାର ସହ ଖସି ପଳାଇଥିବା ବେଳେ ପୋଲିସ ଆକାଶକୁ ଗିରଫ କରି ଘଟଣାର ତଦନ୍ତ କରୁଛି ବୋଲି ଥାନା ଅଧିକାରୀ ଲକ୍ଷ୍ମୀ ପ୍ରସାଦ ଶତପଥିଙ୍କଠାରୁ ପ୍ରକାଶ ।

## ପାରାଦୀପରେ ଟ୍ରାଫିକ୍ ସମସ୍ୟା ସମାଧାନ ନିମନ୍ତେ ପ୍ରଶାସନକୁ ଦାବୀପତ୍ର ପ୍ରଦାନ



ପାରାଦୀପ (ପିଏନ୍)–ପାରାଦୀପ ସହରରେ ଦିନକୁ ଦିନ ଟ୍ରାଫିକ୍ ସମସ୍ୟା ସାଧାରଣ ଲୋକଙ୍କ ପାଇଁ ଚିନ୍ତାର କାରଣ ହେଲାଣି । ପାରାଦୀପର ଅଠରବାଙ୍କୀଠାରୁ ନେହେରୁ ବଙ୍ଗଳା, ଅଠରବାଙ୍କୀଠାରୁ ଦୋଛକି, ଟର୍ମିନାଲ ଛକରୁ ରଙ୍ଗିଆଗଡ, ଦୋଛକିରୁ ଭୂତମୁଣ୍ଡାଇ ପର୍ଯ୍ୟନ୍ତ ରାସ୍ତା ଏବେ ଭାରିଯାନ ଦଖଲରେ । ରାସ୍ତାକଡରେ ମାଳମାଳ ଟ୍ରକ୍ ସମେତ ଅନ୍ୟ ଭାରିଯାନ ରାସ୍ତାରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି କରୁଛି । ସାଧାରଣ ଲୋକ ଏହି ରାସ୍ତାରେ ଯିବାଆସିବା କରିବା ବେଳକୁ ଭଗବାନଙ୍କୁ ଡାକି ଯାଆଆସ କରୁଛନ୍ତି । ବିଗତ ୫ ବର୍ଷର ରିପୋର୍ଟରୁ ଜଣାପଡେ ଯେ, ସଡକ ଦୂର୍ଘଟଣାରେ ପ୍ରାୟ ୬୨ ଜଣଙ୍କର ମୃତ୍ୟୁ ଘଟିଲାଣି । କେତେ ଯେ ଦୂର୍ଘଟଣାରେ ଅର୍କମଣ୍ୟ ହେଲେଣି ତାର ହିସାବ ନାହିଁ । ପାରାଦୀପର ବିଭିନ୍ନ ଗଣଅନୁଷ୍ଠାନ ପକ୍ଷରୁ ପାରାଦୀପର ଏହି ଅବ୍ୟବସ୍ଥିତ ଟ୍ରାଫିକ୍ ସମସ୍ୟାର ସମାଧାନ ଏବଂ ରାସ୍ତା ପାର୍ଶ୍ୱ ଜବରଦଖଲ ଉଚ୍ଛେଦ ପାଇଁ ପ୍ରଶାସନକୁ ଦାବୀପତ୍ର ପ୍ରଦାନ କରାଯାଇଛି । ହେଲେ ଆଜି ଯାଏ ଏହି ସମସ୍ୟାର ସମାଧାନ ହୋଇ ପାରିଲା ନାହିଁ । ଏହି ସମସ୍ୟାକୁ ପ୍ରତିଦିନ ଗଣମାଧ୍ୟମରେ ସ୍ଥାନିତ କରୁଥିବା ପାରାଦୀପର ଗଣମାଧ୍ୟମର ପ୍ରତିନିଧି ତଥା କାର୍ଯ୍ୟରତ ସାମ୍ବାଦିକମାନେ ଗୁରୁତ୍ୱର ସହ ନେଇଛନ୍ତି । ଏହି ସମସ୍ୟାର ଆଶୁ ସମାଧାନ ନିମନ୍ତେ ଏକ ଦାବୀପତ୍ର ଜଗତସିଂହପୁରର ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଥିଲେ । ଏହିକ୍ରମରେ କାର୍ଯ୍ୟରତ ସାମ୍ବାଦିକମାନେ ପାରାଦୀପ ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଂଚି ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଦାବୀପତ୍ର ପ୍ରଦାନ କରିଥିଲେ । ଆଗାମୀ କିଛିଦିନ ମଧ୍ୟରେ ଜିଲ୍ଲା ପ୍ରଶାସନ ଯଦି ଏ ଦିଗରେ କୌଣସି ପଦକ୍ଷେପ ନ ନିଏ ତେବେ ପାରାଦୀପର କାର୍ଯ୍ୟରତ ସାମ୍ବାଦିକମାନେ ବାଧ ହୋଇ ଜାତୀୟ ରାଜପଥ ଅବରୋଧ କରିବାକୁ ଏହି ଦାବୀପତ୍ରରେ ଉଲ୍ଲେଖ କରାଯାଇଛି । ଏହି ଦାବୀପତ୍ର ପ୍ରଦାନ କରିବା ସମୟରେ ଉପସ୍ଥିତ ରହିବାକୁ ପାରାଦୀପର ଅତିରିକ୍ତ ଜିଲ୍ଲାପାଳଙ୍କୁ କୁହାଯାଇଥିଲା । ହେଲେ ପାରାଦୀପର କାର୍ଯ୍ୟରତ ସାମ୍ବାଦିକମାନେ ନିର୍ଦ୍ଧାରିତ ସମୟରେ ପାରାଦୀପର ଏହି ଅବ୍ୟବସ୍ଥିତ ଟ୍ରାଫିକ୍ ସମସ୍ୟାର ସମାଧାନ ପାଇଁ ପ୍ରଶାସନକୁ ଦାବୀପତ୍ର ପ୍ରଦାନ କରିବାକୁ ଯିବା ବେଳେ ପାରାଦୀପର ଅତିରିକ୍ତ ଜିଲ୍ଲାପାଳ ତାଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ନଥିଲେ । ପାରାଦୀପ ଏକ ଆନ୍ତର୍ଜାତୀୟ ବନ୍ଦର ହୋଇଥିବା ବେଳେ ଏହାର ଉନ୍ନତି ପାଇଁ କାର୍ଯ୍ୟରତ ସାମ୍ବାଦିକଙ୍କ ଦାବୀପତ୍ର ଗ୍ରହଣ କରିବାକୁ ପାରାଦୀପର ଅତିରିକ୍ତ ଜିଲ୍ଲାପାଳଙ୍କ ଅନୁପସ୍ଥିତି ପ୍ରଶାସନିକ ଉଦାସୀନତାର ଏକ ନଗ୍ନ ନମୁନା ବୋଲି ଚର୍ଚ୍ଚା ହେଉଛି ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ
ଭୁବନେଶ୍ୱର, ୨୦୨୩, ନଭେମ୍ବର ୨୯

# ସଶକ୍ତ ଓଡ଼ିଶା ଗଠନରେ ମିଲେଟ୍ସ



ଡ଼ି ଶୁଭମ୍

ଏଇ କିଛି ଦିନ ତଳେ ଯେବେ କ୍ଷେତ୍ର ପରିଦର୍ଶନ ସମୟରେ ଅନେକ ଗାଁକୁ ଯିବାର ସୁଯୋଗ ମିଳିଥିଲା , ସେବେ ଗାଁର ମାଧୁର୍ଯ୍ୟ ବିଷୟରେ ଯାହା ଶୁଣିଥିଲି , ତାହା ସମ୍ପୂର୍ଣ୍ଣ ରୂପେ ବୁଝିପାରିଲି । କେବଳ ପାଠ ପଢ଼ି ପରୀକ୍ଷାଗାର ଭିତରେ ଆମେ କରୁଥିବା କାର୍ଯ୍ୟ ଓ ଚାଷ ଜମିରେ ଚାଷୀ ହେବା ଭିତରେ ଅନେକ ତଫାତ୍ । ଏହି ଉପକ୍ରମରେ ଅନେକ ସ୍ଥାନରେ ମାଣ୍ଡିଆ ଚାଷ ଜମିକୁ ବୁଲିବାର ସୁଯୋଗ ମିଳିଥିଲା । ଆମେ ପିଲା ଦିନେ ଯେଉଁ ମାଣ୍ଡିଆ ଖାଇବା ପାଇଁ ମଙ୍ଗୁ ନଥିଲୁ , ଯେଉଁ ପୁଷ୍ଟିଶସ୍ୟକୁ ଲୋକେ ବଜାରରୁ ଘରକୁ ଆଣୁନଥିଲେ ଆଜି ତା ପାଇଁ ଏକ ଦିର୍ଘ ବିସ୍ତାରୀ କାର୍ଯ୍ୟପନ୍ଥା ଓଡ଼ିଶା ସରାକରଙ୍କ ଦ୍ୱାରା କରାଯାଇଛି । ମୋଟ ଉପରେ କହିବାକୁ ଗଲେ ପୁଷ୍ଟିଶସ୍ୟର ସଫଳତାର ଗାଥା ଏବେ କେବଳ ରାଜ୍ୟ ନୁହେଁ ସାରା ବିଶ୍ୱରେ ଗୁଂଜରିତ ହେଉଛି ।

ମାଣ୍ଡିଆ କଣ ଓ ଏହାର ଉପକାରିତା କଣ ଏକଥା ଲୋକାମାନଙ୍କୁ ବୁଝାଇବାର କୌଣସି ଆବଶ୍ୟକତା ନାହିଁ । ତଥାପି ମାଣ୍ଡିଆର ଗୁରୁତ୍ୱ ସମ୍ପର୍କରେ ଆଜି ଅନେକ ଜଣ ଜାଣିନାହାଁନ୍ତି । କାରଣ ଆଗରୁ ମନ ଭିତରେ ରହିଯାଇଥିବା ସେହି ପାରମ୍ପରିକ ଗରିବଙ୍କ ଖାଦ୍ୟର କଥାକୁ ଲୋକେ ଏବେବି ଗ୍ରହଣ କରୁନାହାଁନ୍ତି । ତଥାପି ସମୟ ବଦଳିଛି । ଲୋକଙ୍କ ମଧ୍ୟରେ ମାଣ୍ଡିଆକୁ ନେଇ ଭଲପାଇବା ବି ବଢ଼ିଛି । ଏ ଭଲପାଇବା କେବଳ ପ୍ରାପ୍ତ ବୟସ୍କଙ୍କ ପାଇଁ ନୁହେଁ ବରଂ ପିଲା ଠାରୁ ଯୁବକ ଯାଏଁ ସବୁରି ମନରେ ଏଥିପାଇଁ ଏକ ଅପୂର୍ବ ଉର୍ଜ୍ଜା । ରାଜ୍ୟ ସରକାରଙ୍କ ଏ ଦୂରଦୃଷ୍ଟି ସମ୍ପନ୍ନ ମିଶନ ଏବେ ସଫଳତାର ପାଦଦେଶରେ । ତେବେ ଆସନ୍ତୁ ଏ ମିଶନର କିଛିଟା ସଫଳତମ ଦିଗ ଉପରେ ଆଲେଚନା କରିବା   ମାନ୍ୟବର ମୁଖ୍ୟମନ୍ତ୍ରୀ ସବୁବେଳେ ଚାଷୀ ଓ ଚାଷର କଲ୍ୟାଣ ଦିଗରେ ଗୁରୁତ୍ୱ ଦେଇଆସୁଛନ୍ତି । ରାଜ୍ୟରେ ଚାଷୀଙ୍କ ଉନ୍ନତି ଦିଗରେ ଏବେ ଅନେକ ମିଶନ କାର୍ଯ୍ୟ କରୁଛି । ଫସଲ ବିବିଧିକରଣ, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା , କାଳିଆ, ବଳରାମ , ଗୋ ସୁଗମ ,ଆମ କୃଷି ପରି ଅନେକ କିଛି ଏବେ କୃଷି ଓ କୃଷକର ବିକାଶ ଦିଗରେ କାଯ୍ୟରତ । ଏହାରି ଭିତରେ ମିଲେଟ ମିଶନର ଭାଗିଦାରିତା ବି କିଛି କମ୍ ନୁହେଁ । ଖୁବ କମ ସମୟ ମଧ୍ୟରେ ମାଣ୍ଡିଆ ପାଇଁ ଲୋକଙ୍କ ଭଲ ପାଇବାକୁ ଦ୍ୱିଗୁଣିତ କରିବାରେ ମିଲେଟ ମିଶନର କାର୍ଯ୍ୟ ବେଶ ପ୍ରଶଂସନୀୟ । ମା , ମିଲେଟ ଓ ମିଶନ ଶକ୍ତି ଏବେ ରାଜ୍ୟରେ ଏକ ବିରଳ ଉଦାହରଣ ସୃଷ୍ଟି କରିଛି । ମା ମାନଙ୍କର ମିଲେଟ ପ୍ରକ୍ରିୟାକରଣ କଥା କୁହନ୍ତୁ , ମିଲେଟ ଶକ୍ତି କାଫେ କଥା ହେଉ ଅବା ମାଣ୍ଡିଆ ଚାଷରେ ମହିଳା ସଶକ୍ତିକରଣ – ଏସବୁ ଏବେ ସାରା ବିଶ୍ୱ ପାଇଁ ଏକ ଉଦାହରଣ । ପ୍ରତି ବ୍ଲକରେ ଏବେ ମା ମାନଙ୍କ ଦ୍ୱାରା ମିଲେଟ ଶକ୍ତି କାଫେ ପରିଚାଳିତ ଯେଉଁଠାରେ ଜଣେ ସାଧାରଣ ଲୋକ ମାଣ୍ଡିଆରୁ ତିଆରି ବିଭିନ୍ନ ଖାଦ୍ୟ ଖାଇବାର ଏହାର ମଜା ନେଇପାରିବ । ଏହା ସମ୍ପୂର୍ଣ୍ଣ ଭାବରେ ମହିଳା ମାନଙ୍କ ଦ୍ୱାରା ପରିଚାଳିତ । ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ମହିଳା ସଶକ୍ତିକରଣ ଦିଗରେ ମିଲେଟର ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ ।ଯେଉଁ ଫସଲ ଦିନେ ଗରିବଙ୍କ ଖାଦ୍ୟ ବୋଲି ଲୋକଙ୍କ ଠାରୁ ଅନାଦର ପାଉଥିଲା , ଆଜି ଆପଣ ନିଜେ ଦେଖୁଥିବେ ମାଣ୍ଡିଆ ପାଇଁ କିପରି ଆଦର ବଢ଼ିଛି । ଏକଥା କେବଳ ମୁଁ କହୁନି ବରଂ ସାରା ଓଡ଼ିଶା ରେ ଏବେ ମାଣ୍ଡିଆର ବାସ ଭରିଉଠିଛି । ଲୋକଙ୍କ ଜୀବନଧାରା ସହ ମାଣ୍ଡିଆ ଏବେ ଯୋଡ଼ିହୋଇ ସାରିଛି । କେବଳ ପୁଷ୍ଟିଶସ୍ୟରେ ସୀମିତ ନରହି ମାଣ୍ଡିଆ ଆଜି ଏକ ବିପ୍ଲବ ସୃଷ୍ଟି କରିଛି । ଆମ ଚାଷୀ ଆମ ପରିଚୟ –ଏହି ସ୍ତମ୍ଭରେ ମାଣ୍ଡିଆ ସମ୍ବନ୍ଧୀୟ ଅନେକ ଆଲେଖ୍ୟ ଲେଖିବା ପରେ ବି ଆଜି ପୁଣି ଥରେ ସେହି ପୁଷ୍ଟିଶସ୍ୟକୁ ନେଇ ଲେଖିବାକୁ ଆଗ୍ରହ କରିବାର କାରଣ ଏଠାରେ ଉପସ୍ଥାପନ କରିବାକୁ ଚାହୁଁଛି ।   ଏଇ କିଛି ଦିନ ତଳେ ନଭେମ୍ବର ୯–୧୦ରେ ଭୁବନେଶ୍ୱର ଠାରେ ଆୟୋଜିତ ହୋଇଥିଲା ଆର୍ନ୍ତଜାତୀୟ ପୁଷ୍ଟିଶସ୍ୟ ସମ୍ମିଳନୀ । ପ୍ରଥମ ରାଜ୍ୟ ଭାବରେ ସାରା ଭାରତରେ ଓଡ଼ିଶା ଏହି ସମ୍ମିଳନୀ ଆୟୋଜନ କରି ଏକ ନୂଆ ଉଦାହରଣ ସୃଷ୍ଟି କରିଛି । ଭାରତ ସହ ବିଭିନ୍ନ ଦେଶର ପ୍ରତିନିଧି ମାନେ ଯୋଗ ଦେଇ ଏହାକୁ ଏକ ନୂଆ ଦିଶା ପ୍ରଦାନ କରିଛନ୍ତି । ଆପଣ ଜାଣି ଖୁସି ହେବେ ଓଡ଼ିଶା ପ୍ରଥମ ରାଜ୍ୟ ଭାବରେ ମାଣ୍ଡିଆ ଦିବସ ଭାବରେ ନଭେମ୍ବର ୧୦କୁ ପାଳନ କରୁଛି । ମାଣ୍ଡିଆ ପାଇଁ ଗୋଟିଏ ଦିନକୁ ଉତ୍ସର୍ଗ କରିବାରେ ଦେଶରେ ପ୍ରଥମ ଆମ ରାଜ୍ୟ ଓଡ଼ିଶା । ସାରା ବିଶ୍ୱ ଏଇ ଦୁଇ ଦିନରେ ଓଡ଼ିଶା ମିଲେଟ୍ସର ଗାଥା ଶୁଣିଲା । ଶୁଷ୍କ ମାଟିର ସୁନା ମାଣ୍ଡିଆ ସମସ୍ତଙ୍କ ହୃଦୟରେ ସ୍ଥାନ  ପାଇ ସାରିଛି ।   ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ମାଣ୍ଡିଆକୁ ନେଇ ନୂଆ ପରକଳ୍ପନା ଠାରୁ ଆରମ୍ଭ କରି ଯୁବ ଉଦ୍ୟୋଗୀଙ୍କ ମିଲେଟ୍ସ ଷ୍ଟାର୍ଟଅପ ଆଉ ତା ସହ ବିଶେଷଜ୍ଞମାନଙ୍କ ବୈଷୟିକ କର୍ମଶାଳା ଏ ଦୁଇ ଦିନର ସମ୍ମିଳନୀକୁ ସଫଳତା ଦେଇଛି , ଏହା ନିଃସନ୍ଦେହ । ରିକି ରେଜଙ୍କ ମନ୍ତ୍ରମୁଗ୍ଧ ସଂଗୀତ ହେଉ କି ବିଶିଷ୍ଟ ସେଲିବ୍ରିଟି ସେଫ୍ ବିକାଶ ଖାନ୍ନାଙ୍କ ମିଲେଟ ସହ ଅନୁଭୂତି ଏସବୁ ସମସ୍ତଙ୍କୁ ଛୁଇଁଥିବ ନିଶ୍ଚୟ । ଓଡ଼ିଶାର କୃଷି ପଟ୍ଟରେ ଏହା ଏକ ସ୍ମରଣୀୟ ଦିନ ଭାବେ ବିଦିତ ହୋଇ ରହିଲା ।ଯେଉଁ ଲୋକମାନେ ଦିନେ ଚାଇନିଜ ଫାଷ୍ଟଫୁଡ଼କୁ ନିଜର ସାଥି ଭାବେ ବାଛି ନେଇଥିଲେ ଆଜି ସେମାନଙ୍କ ଖାଦ୍ୟ ପ୍ଲେଟରେ ମାଣ୍ଡିଆ ପରଷାଯାଉଛି । ଏହା ହିଁ ତ ପରିବର୍ତ୍ତନ । ଏଇ ଠାରୁ ହିଁ ତ ଆରମ୍ଭ ପରିବର୍ତ୍ତନ । ଏକଥାକୁ ଆମ ସମସ୍ତଙ୍କୁ ସ୍ୱୀକାର କରିବାକୁ ହେବ । ରାଜ୍ୟ ସରକାରଙ୍କ ଏ ଦିଗରେ ବଳିଷ୍ଠ ଭୂମିକା ଆଜି ଫାର୍ମରୁ ପ୍ଲେଟ ଯାଏଁ ମାଣ୍ଡିଆକୁ ଆଣିପାରିଛି । ଏକଥା ସତ ଯେ ଲୋକ ମାଣ୍ଡିଆକୁ ଗ୍ରହଣ କରିବାକୁ ସମୟ ନେବେ । କିନ୍ତୁ ସେସମୟ ଆଉ ଦୂର ନୁହେଁ । ଆମ ରାଜ୍ୟର ରାଜଧାନୀ ଭୁବନେଶ୍ୱରରେ ବି ଲୋକ ଆଜି ଦୋକାନରୁ ମାଣ୍ଡିଆ ଖୋଜି ଘରକୁ ନେଉଛନ୍ତି । ଏ ବିପ୍ଳବର ଆରମ୍ଭ ମାତ୍ର । ମାଣ୍ଡିଆ ନିଶ୍ଚିତ ଭାବରେ ଲୋକଙ୍କ ପାଖରେ ଆଦର ସାଉଁଟିବ , ଏଥିରେ ଦ୍ୱିମତ ନାହିଁ । ଓଡ଼ିଶାର ସଫଳତାର କାହାଣୀ ବିଶ୍ୱ ଶୁଣିବା ସହ ମାଣ୍ଡିଆକୁ ନେଇ ଏକ ନୂଆ ଭାବାବେଗ ସୃଷ୍ଟି ହେଲା । ଦୁଇ ଦିନର ସମ୍ମିଳିନୀ ସରିଯାଇଛି ସତ କିନ୍ତୁ ଏହା ଆଗାମୀ ଦିନ ପାଇଁ ବଡ଼ ଆହ୍ୱାନ ସୃଷ୍ଟି କରିବ ନିଶ୍ଚୟ । ଲୋକେ ଏଇ ଦୁଇ ଦିନରେ ମାଣ୍ଡିଆର ପିଜା,ସରବତ ,ଦହିବରା ଠୁ ଆରମ୍ଭ କରି ବିରିଆନି ଯାଏଁ ମଜା ନେଲେ । ଅର୍ଥାତଃ ଲୋକ ଏତିକି ସ୍ପଷ୍ଟ ହେଲେ ଯେ ମାଣ୍ଡିଆରୁ ବି ଅନେକ କିଛି ଖାଦ୍ୟ ପ୍ରସ୍ତୁତ କରିହେବ । ମା ମାନଙ୍କର ମିଲେଟ ଶକ୍ତି କାଫେ ଦେଖି ମହିଳା ସଶକ୍ତିକରଣର କଥା ସହଜରେ ବାରି ହେଲା । ମାଣ୍ଡିଆ ବି ଯେ ରୋଜଗାରର ପନ୍ଥା ସାଜିପାରେ ଏହାକୁ ସଭିଏଁ ଏବେ ବିଶ୍ୱାସ କରିବାକୁ ବାଧ୍ୟ । ଏହାର ସଫଳ ଉଦାହରଣ ହେଉଛି ମିଲେଟ ଶକ୍ତି କାଫେ ପରିଚାଳନା କରୁଥିବା ମହିଳା ମାନେ ।

ପ୍ରଥମ ରାଜ୍ୟ ଭାବରେ ଓଡ଼ିଶା ଯେଉଁ ପାରଦର୍ଶିତା ଦେଖରଇଲା , ଏହା ସମଗ୍ର ବିଶ୍ୱ ପାଇଁ ଏକ ସଫଳ ଉଦାହରଣ । କାରଣ ବର୍ତ୍ତମାନ ସମୟରେ ମାଣ୍ଡିଆର ଗୁରୁତ୍ୱ ବଢ଼ିଛି । ପ୍ରାସଙ୍ଗିକତା ବି ବଢିଛି । ଏହା ଆମ ପାଇଁ ଏକ ବଡ଼ ଆହ୍ୱାନ । ଏହାକୁ ସାଥ କରି ଏକ ନୂଆ ଓଡ଼ିଶା , ସଶକ୍ତ ଓଡ଼ିଶା ଗଠନ ଦିଗରେ ଆମେ ନିଜର କାର୍ଯ୍ୟପନ୍ଥା ସ୍ଥିର କରିବା ଆବଶ୍ୟକ । କୃଷି ଓ କୃଷକର ବିକାଶ ସହ ମାଣ୍ଡିଆ ଏବେ ଚାଷୀଙ୍କ ଆର୍ଥିକ ଅଭିବୃଦ୍ଧି କରିବା ସହ ସେମାନଙ୍କୁ ରୋଜଗାର ଦେଇପାରିଛି । ମାଣ୍ଡିଆର ପରିଚୟ ଆଜି ଦେଶ ବିଦେଶରେ ପହଁଚିଛି । କେନ୍ଦ୍ରୀୟ ବଜେଟରେ ଶ୍ରୀଅନ୍ନ ପାଇଁ ସ୍ୱତନ୍ତ୍ର ପ୍ୟାକେଜ ଅବା ମିଳିତ ଜାତିସଂଘର ମିଲେଟ ପାଇଁ ସ୍ୱତନ୍ତ୍ର ଘୋଷଣା ସବୁଠି ଏବେ ମାଣ୍ଡିଆର ଜୟ ଜୟକାର । ଓଡ଼ିଶା ମିଲେଟ ଚାଖୁଛି ସାରା ଇଣ୍ଡିଆ । ଆଗାମୀ ଦିନରେ ମାଣ୍ଡିଆ ସମସ୍ତଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ନେବ ଏଥିରେ ସନ୍ଦେହ ନାହିଁ ।

*ଜୈବ ନିରୀକ୍ଷକ , ଓଡ଼ିଶା ରାଜ୍ୟ ଜୈବ ପ୍ରମାଣନ ସଂସ୍ଥା , ଭୁବନେଶ୍ୱର*
*ମୋ –୯୪୩୮୪୬୭୦୭୯*

# ନିଃସ୍ୱାର୍ଥପର ଆଧ୍ୟାତ୍ମିକ ଚେତନା



ସୌର ଚନ୍ଦ୍ର ମହାପାତ୍ର

କ୍ଷଣଭଙ୍ଗୁର ଜୀବନରେ ବିଶ୍ୱର କଲ୍ୟାଣ ପାଇଁ ଐଶ୍ୱରୀୟ ଚେତନା ଜୀବନସ୍ରୋତରେ ମିଶାଇ ସମାଜର କଲ୍ୟାଣ ପାଇଁ ଏବଂ ଧରାପୃଷ୍ଠରୁ ଅଶୋଭନୀୟତାର ଚିତ୍ରକୁ ବଦଳାଇ ଜଗତର ସର୍ବବିଧ ମଙ୍ଗଳ ପାଇଁ ଯେଉଁ ନିଃସ୍ୱାର୍ଥପର ଆଧ୍ୟାତ୍ମିକ ଚେତନାର ମାର୍ଗଦର୍ଶକ ତଥା ସ୍ରଷ୍ଟା ହେଉଛନ୍ତି ଭଗବାନ ଶ୍ରୀ ସତ୍ୟସାଇ ବାବା । ଭଗବାନ ଶ୍ରୀ ସତ୍ୟସାଇଙ୍କ ବାର୍ତ୍ତା ଏବଂ ଉଦାରତା ଦ୍ୱାରା ଅତିମାତ୍ରାରେ ବିହ୍ୱଳିତ ଅନେକ ବ୍ୟକ୍ତିମାନେ ନିଜର ବ୍ୟକ୍ତିଗତ ଉନ୍ନତି ଏବଂ ରୂପାନ୍ତରଣ ଲାଭ କରିଛନ୍ତି ତାଙ୍କ ଦିବ୍ୟ ସାନ୍ନିଧ୍ୟ ଲାଭ କରି । ବିଶ୍ୱପ୍ରେମ ଓ ତାହାକୁ ଅବଲମ୍ବନ କରିବା ଉପରେ ଶ୍ରୀ ସତ୍ୟସାଇଙ୍କଙ୍କ ପ୍ରଦତ୍ତ ଦିବ୍ୟ ବାଣୀ ଓ ଉପଦେଶ, ଓଡ଼ିଶା ତଥା ବିଭିନ୍ନ ରାଜ୍ୟ ତଥା ସମଗ୍ର ପୃଥିବୀର ଲକ୍ଷ ଲକ୍ଷ ହୃଦୟରେ ପହଞ୍ଚିଗଲାଣି । ଶ୍ରୀ ସତ୍ୟସାଇଙ୍କ ପ୍ରଦତ୍ତ ଶିକ୍ଷା, ସମସ୍ତ ସୀମା ସରହଦର ଅତୀତକୁ ଯାଇ, ଜାତି, ଧର୍ମ ଓ ସମ୍ପ୍ରଦାୟକତାର ଉର୍ଦ୍ଧ୍ୱରେ ପହଞ୍ଚିଗଲାଣି । ସାମାଜିକ ଦାୟିତ୍ୱକୁ ଆନନ୍ଦର ସହ ବହନ କରି, ବହୁ ବିବିଧତା ମଧ୍ୟରେ ଏକତା ଅନୁସନ୍ଧାନ କରିବା ପାଇଁ ସେ ତାଙ୍କ ଆଶ୍ରିତମାନଙ୍କୁ କହିଥାନ୍ତି । ଲକ୍ଷ ଲକ୍ଷ ଆଶ୍ରିତମାନଙ୍କ ସହ ଶ୍ରୀ ସତ୍ୟସାଇ ଆଜି ଜଣେ ବିଶ୍ୱଗୁରୁ ଭାବେ ଏବଂ ମାନବିକତାର ପ୍ରତୀକ ଭାବେ ଉଭା ହୋଇଛନ୍ତି । ତାଙ୍କ 'ସର୍ତ୍ତଶୂନ୍ୟ ପ୍ରେମ'ର ବାଣୀ ଆଜି ନିଃସ୍ୱାର୍ଥ ସେବାକର୍ମର ସାକାର ରୂପ ଭାବେ ପ୍ରକାଶିତ ହୋଇ ସମଗ୍ର ବିଶ୍ୱବ୍ୟାପ୍ତ ସତ୍ୟସାଇ ସଂଗଠନର ସଦସ୍ୟମାନଙ୍କଠାରେ ସହସ୍ରାଧିକ ସ୍ୱେଚ୍ଛାସେବୀମାନଙ୍କୁ ଉଦ୍‌ବୁଦ୍ଧ କରୁଛି । ଏହି ଅତୁଳନୀୟ ଆଧ୍ୟାତ୍ମିକବାଦର ଉଦ୍‌ଘୋଷକ ସେହି ବ୍ୟକ୍ତିତ୍ୱ ଯିଏ ଏକା ଏକା ଶିକ୍ଷା ପଦ୍ଧତିକୁ ସଂଶୋଧନ କରି ତାହାକୁ ମୂଲ୍ୟବୋଧଭିତ୍ତିକ କଲେ, ବିଶ୍ୱାତ୍ମକ ସ୍ୱାସ୍ଥ୍ୟସେବାର ନୂତନ ସଂଜ୍ଞା ନିରୂପଣ କଲେ ଏବଂ ସମାଜସେବା ସହ ଆଧ୍ୟାତ୍ମିକତାକୁ ସମନ୍ୱିତ କଲେ । ତାଙ୍କ ଜୀବନ ଓ ବାର୍ତ୍ତା ଏଭଳି ଶକ୍ତିଶାଳୀ ଯେ, ବହୁ ଉଚ୍ଚଶିକ୍ଷିତ ଏବଂ ଉଚ୍ଚକୁଳଜାତ ପୁରୁଷ ଓ ମହିଳା ତଥା ଦରିଦ୍ରତମ ବ୍ୟକ୍ତିମାନେ ମଧ୍ୟ ତାଙ୍କୁ ସେମାନଙ୍କ ପଥ ପ୍ରଦର୍ଶକ ଭାବେ ଗ୍ରହଣ କରିସାରିଲେଣି । ତାଙ୍କର ଅସୀମ ପ୍ରେମଭାବ, ଆନ୍ତର୍ଜାତୀୟ ସୁଖ୍ୟାତି ଏବଂ ଆଦୃଷ୍ଟପୂର୍ବ ଯଶକୀର୍ତ୍ତି ଦେଖି ଅନେକ ପ୍ରଶ୍ନ କରିବାକୁ ବାଧ୍ୟ ହେଲେଣି ଯେ, ''ପ୍ରକୃତରେ ସେ କିଏ ?'' 'ମୁଁ ଦିବ୍ୟସତ୍ତା ଏବଂ ତୁମ୍ଭେମାନେ ମଧ୍ୟ । ଆମ ଭିତରେ ପାର୍ଥକ୍ୟ ଏତିକି ଯେ, ମୁଁ ଜାଣେ ମୁଁ ଜଣେ ଦିବ୍ୟସତ୍ତା ତୁମ୍ଭେମାନେ ନିଜେ ଦିବ୍ୟସତ୍ତା ବୋଲି ଜାଣିନାହଁ ।' ତାଙ୍କ ପରିଚୟ ଚାହୁଁଥିବା ବ୍ୟକ୍ତିମାନଙ୍କୁ ଏହା ଥିଲା ଭଗବାନ ଶ୍ରୀ ସତ୍ୟସାଇଙ୍କ ପ୍ରଦତ୍ତ ଉତ୍ତର । ପ୍ରତ୍ୟେକ ବ୍ୟକ୍ତିର ଅନ୍ତର୍ନିହିତ ଦିବ୍ୟ ସ୍ୱଭାବ ହିଁ ତାଙ୍କ ମିଶନର ଆଧାର ଶୀଳା । ତାଙ୍କ ଆଶ୍ରିତ ଓ ଅନୁଗାମୀ ମାନଙ୍କୁ ସମ୍ଭାଷଣ ପ୍ରଦାନ କଲାବେଳେ ସେ ସମସ୍ତଙ୍କୁ ଦିବ୍ୟସ୍ୱରୂପ ବୋଲି ସମ୍ବୋଧନ କରିଥାନ୍ତି । ତାଙ୍କ ମିଶନକୁ ସ୍ପଷ୍ଟ କରିବାକୁ ଯାଇ ସେ କହନ୍ତି, 'କୌଣସି ଧର୍ମକୁ ନଷ୍ଟ ବା ବ୍ୟାଘାତ ପହଞ୍ଚାଇବା ପାଇଁ ମୁଁ ଆସି ନାହିଁ; ବରଂ ପ୍ରତ୍ୟେକଙ୍କୁ ନିଜ ନିଜ ଧର୍ମରେ ପୁନଃପ୍ରତିଷ୍ଠିତ କରିବାକୁ ଆସିଛି । ଫଳରେ ଜଣେ ଖ୍ରୀଷ୍ଟିୟାନ୍ ଆହୁରି ଭଲ ଖ୍ରୀଷ୍ଟିଆନ୍ ହେବ, ମୁସଲିମ୍ ଆହୁରି ଭଲ ମୁସଲିମ୍ ହେବ ଏବଂ ହିନ୍ଦୁ ଆହୁରି ଭଲ ହିନ୍ଦୁ ହୋଇପାରିବ ।' ତାଙ୍କ ନିଜ ଭାଷାରେ ସେ କହନ୍ତି, 'ସମଗ୍ର ମାନବଜାତିକୁ ଭ୍ରାତୃତ୍ୱର ବନ୍ଧନରେ ବାନ୍ଧି ଏକ ପରିବାରଭୁକ୍ତ କରିବା, ପ୍ରତ୍ୟେକ ଜୀବର ଅନ୍ତର୍ନିହିତ ସତ୍ୟକୁ ଆଲୋକିତ ତଥା ପ୍ରତିପାଦିତ କରିବା, ଯେଉଁ ଦୈବତ୍ୱ ସମଗ୍ର ଜଗତର ଆଧାର ତାହା ଦର୍ଶାଇ ଦେବା, ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ଥିବା ଦିବ୍ୟ ବନ୍ଧନକୁ ଚିହ୍ନାଇବା ପାଇଁ ସାଇ ଆସିଛନ୍ତି, ଯାହା ଫଳରେ ମଣିଷ, ତା'ଜୀବନର ଲକ୍ଷ, ଦୈବୀସ୍ତରକୁ ଉତ୍‌ଥିତ ହୋଇପାରିବ । ମଣିଷ ସାର୍ଥକ ଜୀବନ ଯାପନ କରିବା ପାଇଁ ସେ ଯେଉଁ ସୂତ୍ର ଯୋଗାଇ ଦେଇଛନ୍ତି ତାହା ହେଉଛି ସତ୍ୟ, ଧର୍ମ, ଶାନ୍ତି, ପ୍ରେମ ଓ ଅହିଂସା ରୂପକ ପଞ୍ଚାଙ୍ଗମାର୍ଗ । 'ଦୈବ ପ୍ରୀତି, ପାପଭୀତି ଓ ସଂଘ ନୀତି' ହେଉଛି ଏ ପୃଥିବୀକୁ ଆରୋଗ୍ୟ ପ୍ରଦାନ କରିବା ପାଇଁ ତାଙ୍କ ପ୍ରଦତ୍ତ ଔଷଧାଦିର ବ୍ୟବସ୍ଥା ପତ୍ର । ତାଙ୍କ ଦ୍ୱାରା କରାଯାଇଥିବା ଅସଂଖ୍ୟ ସେବା ପ୍ରକଳ୍ପ ତାଙ୍କ ଅନୁକମପାର ଜ୍ୱଳନ୍ତ ଦୃଷ୍ଟାନ୍ତ । ସେ ନିର୍ମଳ ପ୍ରେମର ଏକ ଅସରନ୍ତି ଭଣ୍ଡାର । 'ମୋ ଜୀବନ ହିଁ ମୋର ବାର୍ତ୍ତା ।' ଏହି ଉଦ୍‌ଘୋଷଣାକୁ ସତ୍ୟ ପ୍ରକାଶିତ କରି ନିଃସ୍ୱାର୍ଥ ସେବା ଦ୍ୱାରା ମୁକ୍ତିଲାଭ କରିବାକୁ ଉପଦେଶ ଦେଇ ସେ କହନ୍ତି, 'ମାନବର ସେବା ହିଁ ମାଧବର ସେବା ।'  ଆଜି ଶ୍ରୀ ସତ୍ୟସାଇ ସେବା ସଂଗଠନ ଦଳଗତ ସେବାକାର୍ଯ୍ୟ, ସ୍ଥାନୀୟ, ସାମାଜିକ ଅନୁଷ୍ଠାନ ମାଧ୍ୟମରେ ଦେଶ ତଥା ବିଶ୍ୱର ଉପକାର ସମ୍ପାଦନ କରିଚାଲିଛି । ଭଗବାନ ଶ୍ରୀ ସାଇ ହେଉଛନ୍ତି ସର୍ବରୂପୀ ହରି । ସେ ପ୍ରତିଷ୍ଠା କରିଥିବା ଦେବାଳୟ, ବିଦ୍ୟାଳୟ, ଚିକିତ୍ସାଳୟ ଓ ନ୍ୟାୟାଳୟ ଭିତରେ ଆମ୍ଭେମାନେ ଯେଉଁମାନେ ଆଧ୍ୟାତ୍ମିକ ପିପାସୁମାନେ ଦେବାଳୟକୁ ପ୍ରଥମ ଭାବେ ଗ୍ରହଣ କରିବା ଉଚିତ । ଭଗବାନ ଶ୍ରୀ ସାଇ ତାଙ୍କ ସମ୍ଭାଷଣରେ କହିଛନ୍ତି ଆଇନ ହେଉଛି ତିନି ପ୍ରକାର । ଗୋଟିଏ ହେଉଛି ଗଡ଼ ମେଡ଼ ଲ', ଦ୍ୱିତୀୟଟି ହେଉଛି ମ୍ୟାନ ମେଡ଼ ଲ', ତୃତୀୟଟି ହେଉଛି ନେଚର ମେଡ଼ ଲ' । ଆମ୍ଭେମାନେ ଗଡ଼ ମେଡ଼ ଲ'କୁ ଗୁରୁତ୍ୱ ଓ ପ୍ରାଧାନ୍ୟ ଦେବା ଦରକାର ।  ଆଜିକାଲିର ଲୋଭ, ଦୁର୍ନୀତି, ହିଂସା, ଆତଙ୍କପୂର୍ଣ୍ଣ ପରିବେଶରେ କୋଟି କୋଟି ଲୋକ ସାର୍ଥକ ଜୀବନଯାପନ କରିବା ସକାଶେ ଧରିତ୍ରୀ ମାତା ଏବଂ ଜୀବଜଗତ ଏବଂ ନିଜ ସହ ସମନ୍ୱୟ ରକ୍ଷା କରି ଚଳିବା ପାଇଁ ତାଙ୍କୁ ଆଦର୍ଶ ମାନିଛନ୍ତି । ତାଙ୍କ ବାର୍ତ୍ତା ହିଁ ଏକ ଆଧ୍ୟାତ୍ମିକ ମହୌଷଧି ଯାହା ଆତ୍ମସଂସ୍କାର ରୂପକ ବ୍ୟାଧିରୁ ମାନବ ଜାତିକୁ ଉଦ୍ଧାର କରିପାରିବ । ନିର୍ମଳ ପ୍ରେମର ପ୍ରତିମୂର୍ତ୍ତି ସେ । ଆମର ଅନ୍ତର୍ନିହିତ ପବିତ୍ରତାକୁ ଚିହ୍ନି ତା'ର ପରିଚାଳନା ନିମନ୍ତେ ଉଦାହରଣ ମାଧ୍ୟମରେ ଆମ୍ଭମାନଙ୍କୁ ଅଗ୍ରସର କରାଇନେବା ପ୍ରକୃତରେ କ୍ୱଚିତ୍ ଦେଖାଯାଇଥାଏ । ସମାଜରେ ସମସ୍ତଙ୍କ ଭିତରେ ରୂପାନ୍ତରଣ ସହ ମାନବ ସେବା ହିଁ ମାଧବ ସେବାର ମହାମନ୍ତ୍ରକୁ ଅବଲମ୍ବନ କରି ଶ୍ରୀ ସତ୍ୟସାଇ ସେବା ସଙ୍ଗଠନ ବିଶ୍ୱର ସବୁଠି ପହଞ୍ଚି ପାରିଛି । ଭଗବାନ କଳିଯୁଗର ଅବତାର ଶ୍ରୀ ସାଇ ତାଙ୍କ ଦିବ୍ୟ ସମ୍ଭାଷଣରେ କହିଛନ୍ତି 'ତୁମେ ମୋତେ ଯେ କୌଣସି ନାମରେ ଡାକିପାର । ମୁଁ ସବୁଥିରେ ଜବାବ ଦେବି, କାରଣ ସବୁ ନାମ ମୋରି । ତୁମ ଦ୍ୱାରା ପ୍ରତ୍ୟାଖ୍ୟାତ ହେଲେ ବି ମୁଁ ତୁମ ପଛେ ପଛେ ଥିବି । ସୂର୍ଯ୍ୟଙ୍କୁ ପ୍ରତ୍ୟାଖ୍ୟାନ କଲେ ସୂର୍ଯ୍ୟ କ'ଣ କୁଆଡ଼େ ଚାଲି ଯାଆନ୍ତି । ମୋତେ ମାପିବାକୁ ଚେଷ୍ଟା କରନାହିଁ, କେବଳ ବିଫଳ ହେବ । ବରଂ ତୁମ ନିଜର ମାପ ଜାଣିବାକୁ ଚେଷ୍ଟା କର । ଭଗବାନ ତ ଅସୀମ । ଭଗବାନଙ୍କୁ ଜାଣିବା, ନିଜେ ଭଗବାନ ପାଲଟିଯିବା, ସମାନ । ମୋତେ ଜାଣିବାକୁ ଉଦ୍ୟମ କଲେ ତୁମେ ମୋ ଭିତରେ ବୁଡ଼ିଯାଅ । ସସୀମ, ଅସୀମ ଭିତରେ ଲୀନ ହୋଇଯାଏ । ସତ୍ୟ ଓ ପ୍ରେମ ମାଧ୍ୟମରେ ମାନବିକତାର ପୁନରୁଦ୍ଧାର ମୋର ଦାୟିତ୍ୱ । ମୁଁ ତୁମକୁ ଉଭୟ ଧର୍ମ ଓ ବ୍ରହ୍ମ ମାର୍ଗ ଦେଖାଇବାକୁ ଆସିଛି ।  ତୁମେ ମୋ ଆଡ଼କୁ ପାଦେ ଆଗେଇଲେ ମୁଁ ତୁମ ଆଡ଼କୁ ଦଶପାଦ ଆଗେଇବି । ଚେଷ୍ଟା କରିବା ଓ ଉଦ୍ୟମ କରିବା ମଣିଷର କର୍ତ୍ତବ୍ୟ । ସଫଳତା ବା ବିଫଳତା ଈଶ୍ୱରଙ୍କ କୃପା ଉପରେ ନିର୍ଭର କରେ । ଭଗବାନ ସଶରୀରରେ ତୁମ ପାଖେ ଅଛନ୍ତି ଏହି ବିଶ୍ୱାସର ସହ ତୁମକୁ ଦିଆଯାଇଥିବା କର୍ମ କରିଯାଅ । ନାମ ସ୍ମରଣରେ ନିୟୋଜିତ ହୋଇ ରହି ତାହା ହିଁ ସର୍ବୋତ୍ତମ ସାଧନା । ତାହା ହିଁ ସର୍ବୋଚ୍ଚ ଜପ ସର୍ବାଧିକ ଲାଭପ୍ରଦ ତପସ୍ୟା । ନାମକୁ ପ୍ରେମପୂର୍ଣ୍ଣ କରିଦିଅ ଓ ଭକ୍ତି ବିଜଡ଼ିତ କରିଦିଅ । ତାହା ହିଁ ତୁମ ସମସ୍ତଙ୍କ ପାଇଁ ସହଜତମ ମାର୍ଗ ।

*ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,*
*ଦୂରଭାଷ : ୯୪୩୭୦୦୪୪୬୬*
*'ସତ୍ୟାଳୟ' ପ୍ଲଟ ନଂ – ୧୦୮୭/ଡ଼ି,*
*ସେକ୍ଟର–୬, କଟକ*

# ମହାପ୍ରଭୁ ଶ୍ରୀ ଚୈତନ୍ୟ, ଅଯୁତ ଯୁଗର ଯାତ୍ରା.... ବାଲିଯାତ୍ରା



ଯଶସ୍ୱିନୀ ପଟ୍ଟନାୟକ

ଗୋଟିଏ ପଟେ ଉତ୍କଳୀୟ ପରମ୍ପରା ଓ ଐତିହ୍ୟର ଜୟଗାନ ଅନ୍ୟପଟେ ବେପାର ବଣିଜ, ମୌଜ ମଜଲିସ, ଖାନାପିନା ଓ ମନୋରଞ୍ଜନର ବିପୁଳ ସମ୍ଭାର । ଗୋଟିଏ ଜାଗାରେ ଏକାଠି ହେବେ ଦୁଇ ହଜାରରୁ ଅଧିକ ବ୍ୟବସାୟୀ ଓ ସତୁରୀ ଲକ୍ଷରୁ ଅଧିକ ଲୋକେ । ଶହ ଶହ କୋଟି ଟଙ୍କାର କାରବାର କରିବାର ଏକ ବିସ୍ତୃତ ମୁକ୍ତ ଭୂମି ସୃଷ୍ଟି କରିବ ଐତିହାସିକ କଟକ ବାଲିଯାତ୍ରା । ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଦିନ ରାଜ୍ୟର ସର୍ବବୃହତ୍ତ ଐତିହାସିକ ମହାମେଳା ଭାବେ କଟକ ବାଲିଯାତ୍ରା ଆସନ୍ତା ଚାରି ତାରିଖ ପର୍ଯ୍ୟନ୍ତ ଚାଲିବାର ବ୍ୟବସ୍ଥା ରହିଛି ସରକାରୀ ଭାବେ । ଏହା ବିଧିବଦ୍ଧ ଭାବେ ଉଦଘାଟିତ ହୋଇଛି । ବାଲିଯାତ୍ରା ଓଡ଼ିଆ ଜାତିର ଐତିହ୍ୟ, ଗର୍ବ, ଗୌରବ ତଥା ନୌବାଣିଜ୍ୟ ପରମ୍ପରାର ପ୍ରତୀକ । ଏହି ବାଲିଯାତ୍ରା ଆମ କଳା, ସଂସ୍କୃତି, ପରମ୍ପରାକୁ ସୁରକ୍ଷା କରିବା ସହ ରାଜ୍ୟର ଅର୍ଥନୀତିକୁ ଅଧିକ ସମୃଦ୍ଧ କରିଥାଏ । କଟକ ସହରର ଭାଇଚାରା ସାରା ଦେଶରେ ଅନନ୍ୟ । ଗତ ବର୍ଷ ବାଲି ଦ୍ୱୀପରେ ପ୍ରଧାନମନ୍ତ୍ରୀ କଟକ ବାଲିଯାତ୍ରା ସମ୍ପର୍କରେ ଯାହା କହିଥିଲେ ତାହା ଜାତୀୟ ମାନ୍ୟତା ଠାରୁ କମ କଥା ନୁହେଁ । ମୁଖ୍ୟମନ୍ତ୍ରୀଙ୍କ ଉଦ୍ୟମରେ କଟକ ସହର ଭଳି ହଜାର ବର୍ଷର ପରିଚୟରେ ସମୃଦ୍ଧ ବାଲିଯାତ୍ରାର ବିକାଶ ଘଟୁଛି । ଦିନ ଥିଲା ୪୫ ଏକର ଜମିରେ ସୀମିତ ଏହି ବାଲିଯାତ୍ରା ଏବେ ଦେଢ଼ଶହ ଏକରରେ ପହଞ୍ଚିଛି । ଆଠଦିନ ଧରି ଚାଲିବାକୁ ଥିବା ଏହି ସର୍ବବୃହତ୍ତ ମେଳାରେ ଓରମାସର ଜାତୀୟ ପଲ୍ଲୀଶ୍ରୀ ମେଳାର ୪୨୦ଟି ଷ୍ଟଲକୁ ମିଶାଇ ମୋଟ ୧୮୯୬ଟି ଷ୍ଟଲ ପ୍ରସ୍ତୁତ ହୋଇଛି । କଟକ ଇନ୍ କଟକ ବାଲିଯାତ୍ରାର ନୂଆ ଆକର୍ଷଣର କେନ୍ଦ୍ର ପାଲଟିଥିବାବେଳେ ଏଥିରେ ଗ୍ରାମାଞ୍ଚଳର ପରିବେଶ ସୃଷ୍ଟି କରାଯାଇଛି । ଯେଉଁଠି ଗ୍ରାମୀଣ ଓଡ଼ିଶାର ସାମାଜିକ ଓ ସାଂସ୍କୃତିକ ପରିବେଶ ଦେଖିବାକୁ ମିଳିବ ।  କଟକର ବାଲିଯାତ୍ରା ଏବେ ଭାରତର ସର୍ବବୃହତ୍ତ ଯାତ୍ରାର ମାନ୍ୟତା ପାଇଛି । ଭାରତର ବିଭିନ୍ନ ସ୍ଥାନରୁ ଓ ଦେଶ ବିଦେଶରୁ ମଧ୍ୟ ଗବେଷକ ଓ ଯାତ୍ରୀ ତଥା ଦର୍ଶକ ଆସୁଛନ୍ତି । ଏଥିରେ ରଙ୍ଗାରଙ୍ଗ ସାଂସ୍କୃତିକ ଓ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ମଧ୍ୟ ରହିଛି । ଗତ ଛଅ ବର୍ଷ ହେବ ବାଲିଯାତ୍ରାରେ ମହାନଦୀରେ ମହା ଆଳତୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ଚଳିତ ବର୍ଷ କଟକ ଇନ୍ କଟକରେ ୭୦ଟି ଏସଏଚ୍‌ଜି ଷ୍ଟଲ ପଡ଼ିଥିବାବେଳେ କଫି ଟେବୁଲ ବୁକ୍ ମଧ୍ୟ ଏକ ସ୍ୱତନ୍ତ୍ର ଆକର୍ଷଣ ହେବ । ସେହିପରି ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ନ୍ୟାୟିକ ପ୍ରକ୍ରିୟାରେ ପୋଷ୍ୟ ସନ୍ତାନ ଇଚ୍ଛୁକ ଥିବା ଦମ୍ପତିଙ୍କୁ ଏହି ବାଲିଯାତ୍ରା ସ୍ଥାନକୁ ବଢ଼ାଯାଇଛି । ଓରମାସ ପରିସରରେ ଖୋଲିଥିବା ଦୁଇଟି ଷ୍ଟଲ ଭିତରୁ ଗୋଟିଏ ଷ୍ଟଲରେ ଶିଶୁ ଯତ୍ନ ଅନୁଷ୍ଠାନରେ ରହୁଥିବା ପିଲାମାନଙ୍କ ହାତ ତିଆରି ସାମଗ୍ରୀ ବିକ୍ରି କରାଯିବାକୁ ଯୋଜନା ଥିଲାବେଳେ ଅନ୍ୟ ଷ୍ଟଲରେ ଶିଶୁ ଅଧିକାର ଓ ସୁରକ୍ଷା ସମ୍ପର୍କିତ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯିବ ।

ବାଲିଯାତ୍ରାର ସବୁଠାରୁ ଆକର୍ଷଣର କେନ୍ଦ୍ର ପାଲଟିଥାଏ ଓରମାସର ପଲ୍ଲୀଶ୍ରୀ ମେଳା । ବାଲିଯାତ୍ରାର ପ୍ରଥମ ଦିନରେ ଓରମାସର ଚାରିଶହ କୋଡିଏଟି ଷ୍ଟଲରେ ଏକ କୋଟିରୁ ଅଧିକ ଟଙ୍କାର ବେପାର ବଟା ହୋଇଛି । ଏହାର ତମାମ ପରିଚାଳନାକୁ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନ କରୁଛନ୍ତି ଓରମାସର ଯୁଗ୍ମକାର୍ଯ୍ୟ ନିର୍ବାହୀ ଅଧିକାରୀ ବିପିନ ବିହାରୀ ରାଉତ । ସେହିପରି ପ୍ରଥମ ଥର ପାଇଁ ମେଳା ଆସୁଥିବା ଯାତ୍ରୀ ମାନଙ୍କ ଆଶୁ ଚିକିତ୍ସା ନିମନ୍ତେ ଏକ ଆଶୁ ଚିକିତ୍ସା କେନ୍ଦ୍ର ଖୋଲାଯାଇଛି ଯାହାର ଦାୟିତ୍ୱରେ ବିଶିଷ୍ଟ ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ ତଥା ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧୀକ୍ଷକ ଡାକ୍ତର କାନ୍ତୀ ନାୟକ ରହିଛନ୍ତି । କଟକ ପରି ଏକ ପୁରୁଣା ସହରରେ କେବଳ ସହର ନୁହେଁ ଆଖପାଖ ଅଞ୍ଚଳର ଝିଅ ଝିଆଣୀଙ୍କ ମେଳା ଜମିଥାଏ କଟକ ସହରରେ । ମେଳା ଦେଖା ପାଇଁ ବାପ ଘରକୁ ଝିଅଟି ଆସିଥାଏ ମେଳା ବୁଲା ସହ ତା ମନଲାଖି ବର୍ଷକର ଜିନିଷ କିଣିବା ପାଇଁ । କୁହାଯାଏ ବାଲିଯାତ୍ରାରେ ଛୁଞ୍ଚି ଠାରୁ ଡ଼ିଙ୍ଗି, ଚାଲୁଣୀ ଠାରୁ ରେନକୋର୍ଟ ସବୁକିଛି ଏଠି ସୁଲଭ ମୂଲ୍ୟରେ ମିଳେ । ରାଜ୍ୟ ସରକାରଙ୍କ ପ୍ରୋତ୍ସାହନରେ ସ୍ୱୟଂ ସହାୟକ ସଂଗଠନର ମାଆ ଓ ଭଉଣୀମାନେ ସେମାନଙ୍କର ବିପୁଳ ହସ୍ତ ନିପୁଣ କଳା ପ୍ରସ୍ତୁତ ଆକର୍ଷଣୀୟ ଘରୋଇ ଓ ବ୍ୟକ୍ତିଗତ ସାମଗ୍ରୀ ପ୍ରସ୍ତୁତ କରି ଏଠାରେ ବିକ୍ରିବଟା ପାଇଁ ଆସିଥାନ୍ତି । ଅନେକ ଦୁଃଷ୍ପ୍ରାପ୍ୟ ଓ ପ୍ରାୟତଃ ଦେଖିବାକୁ ମିଳୁନଥିବା ହସ୍ତକଳାର ଅନେକ ସାମଗ୍ରୀ ଏହି ମେଳାରେ ମିଳିଥାଏ । ସାଙ୍ଗଦୋସ୍ତିଙ୍କ ଭିତରେ ସମୟ କାଟିବା ଓ ନଈପଠା ଭିତରେ ମେଳାର ମଜା ନେବା ବାଲିଯାତ୍ରାର ସବୁଠାରୁ ବଡ଼ ଆକର୍ଷଣର କେନ୍ଦ୍ର ପାଲଟିଥାଏ । ଓଡ଼ିଆ ଆଧ୍ୟାତ୍ମିକ ଚେତନା ଓ ବୈଷ୍ଣବ ଧର୍ମାବଲମ୍ବୀଙ୍କ ଭିତରେ ମହାପ୍ରଭୁ ଶ୍ରୀ ଚୈତନ୍ୟଙ୍କ ଦିଗଦର୍ଶନ ପ୍ରତିଟି ଜୀବନ ପାଇଁ ଦିଗବାରେଣୀ ସଦୃଶ । ହଜାର ବର୍ଷ ପରିଚୟରେ ସମୃଦ୍ଧ କଟକ ସହରର ବାଲିଯାତ୍ରା ପଡ଼ିଆକୁ ଲାଗିଥିବା ମହାନଦୀ ରିଂ ରୋଡ଼ର ପାର୍ଶ୍ୱରେ ରହିଛି ଗଡ଼ଗଡ଼ିଆ ମହାଦେବ ମନ୍ଦିର । ଏହା ଗଡ଼ଗଡ଼ିଆ ଘାଟରେ ପରିଚିତ ଯେଉଁଥିରେ ମହାପ୍ରଭୁ ଶ୍ରୀ ଚୈତନ୍ୟଙ୍କ ପବିତ୍ର ସ୍ମୃତି ରହିଛି । ବାଲିଯାତ୍ରା ସମ୍ବନ୍ଧରେ ଗବେଷକ ଓ ଐତିହାସିକ ସୂତ୍ର ଅନୁଯାୟୀ ବାଲିଯାତ୍ରା ହେଉଛି ମହାପ୍ରଭୁ ଶ୍ରୀ ଶ୍ରୀ ଚୈତନ୍ୟ ଦେବଙ୍କ ପବିତ୍ର ପଦାର୍ପଣ ସ୍ମୃତି ମହୋତ୍ସବ । ସେହିପରି ଗଡ଼ଗଡ଼ିଆ ଘାଟର ନାମକରଣର ଲୋକକଥା ହେଉଛି ଯେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଦର୍ଶନ ଶେଷ ପରେ ଶ୍ରୀ ଚୈତନ୍ୟ ନବଦ୍ୱୀପକୁ ଫେରିବା ବେଳେ ସେ ସମୟର ସତୀଚୌରା ନିକଟସ୍ଥ ମହାନଦୀ ପଠାରେ ପଦବ୍ରଜ କରି ଚାଲୁଥିବା ବେଳେ ଲୋକମାନେ ହରିନାମ ସଂକୀର୍ତ୍ତନ ପୂର୍ବକ ସେହି ପବିତ୍ର ବାଲିରେଣୁରେ ନିଜେ ଗଡ଼ି ଯାଇଥିଲେ । ସେ ସମୟର ସହରର ସଂକୀର୍ତ୍ତନ ମଣ୍ଡଳୀ ଓ ବିଭିନ୍ନ ମଠ ମନ୍ଦିରର ଝାଞ୍ଜକୀର୍ତ୍ତନିଆମାନେ ନଦୀକୂଳକୁ ଲୋକାରଣ୍ୟ କରିଦେଇଥିଲେ । ଗଡ଼ଗଡ଼ିଆ ଘାଟରେ ଏବେ ବି ଶ୍ରୀ ଚୈତନ୍ୟଙ୍କ ପବିତ୍ର ପଦଚିହ୍ନରେ ରହିଛି ଯହିଁରେ ୧୫୧୦ ମସିହା ଲିଖିତ ରହିଛି । ସୂଚନାଯୋଗ୍ୟ ଏତଦ୍‌ବ୍ୟତୀତ ମହମ୍ମଦିଆ ବଜାରର ଚୈତନ୍ୟ ମଠରେ ମଧ୍ୟ ଚୈତନ୍ୟ ମହାପ୍ରଭୁଙ୍କ ପବିତ୍ର ପଦଚିହ୍ନ ପୂଜିତ ହେଉଛି । 'ଚୈତନ୍ୟ ପଦପୂତ ଓଡ଼ିଶା ପୁସ୍ତକରେ ମହାପ୍ରଭୁ କାର୍ତ୍ତିକ ପୂର୍ଣ୍ଣିମାର ନିତ୍ୟ ରାସ ଉତ୍ସବ ଦିନ କଟକରେ ପହଞ୍ଚି ଥିଲେ । ତତ୍‌କାଳୀନ ମହାରାଜ ପ୍ରତାପରୁଦ୍ର ଦେବ ଏହି ସ୍ମୃତିକୁ ଉଦ୍‌ଜୀବିତ କରି କାର୍ତ୍ତିକ ପୂର୍ଣ୍ଣିମା ଦିନ ହିଁ ବାଲିଯାତ୍ରା ଉତ୍ସବ ଅନୁଷ୍ଠିତ କରାଇବା ପାଇଁ ପୃଷ୍ଠପୋଷକତା କରିବା ସମ୍ବନ୍ଧରେ ଐତିହାସିକ ତଥ୍ୟ ଉଲ୍ଲେଖ ରହିଛି । କଟକରେ ଗଡ଼ଗଡ଼ିଆ ଘାଟ ଓ ଚୈତନ୍ୟ ମଠ ବ୍ୟତୀତ ସତୀଚୌରା ନିକଟ ଚୈତନ୍ୟ ଘାଟ, ମାନସିଂପାଟଣାର ମସ୍ତରାମ ମଠ ଓ ବଢ଼େଇସାହିରେ ମହାପ୍ରଭୁ ଶ୍ରୀ ଚୈତନ୍ୟଙ୍କ ସ୍ମୃତି ରହିଛି । କେବଳ ରାଜ୍ୟ ଭିତରେ ନୁହେଁ ସମ୍ପ୍ରତି ସର୍ବଭାରତୀୟ ସ୍ତରରେ ବାଲିଯାତ୍ରା ନିଜର ବ୍ୟବସାୟିକ ବିପଣିକୁ ବହୁମୁଖୀ କରିପାରିଛି । ମେଦିନାପୁର ଠାରୁ ଝାଡ଼ଖଣ୍ଡ, ଟାଟା ନଗର ଠାରୁ ରାୟପୁର ପର୍ଯ୍ୟନ୍ତ ତଥା ଅନ୍ୟାନ୍ୟ ରାଜ୍ୟର ବ୍ୟବସାୟୀମାନେ ନିଜର ବଜାରକୁ ଏଠାରେ ଖୋଲୁଛନ୍ତି । ସରକାର ରାଜସ୍ୱ ପାଉଛନ୍ତି, ଆଉ ଯାତ୍ରୀ ନିଜ ମନ ପସନ୍ଦର ବାହାର ରାଜ୍ୟର କାରୁକାର୍ଯ୍ୟ ସମ୍ପନ୍ନ ଜିନିଷ ମଧ୍ୟ କିଣିପାରୁଛନ୍ତି । କେବଳ ସେତିକି ନୁହେଁ ଏଠାରେ ଅନୁଷ୍ଠିତ ବିଭିନ୍ନ ସାଂସ୍କୃତିକ ମଣ୍ଡପରେ ନିୟମିତ ସନ୍ଧ୍ୟାରେ ବାହାର ରାଜ୍ୟର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଆସୁଛି, ମଣିପୁର, ମେଘାଳୟ, ଗୁଜୁରାଟ, ପଶ୍ଚିମବଙ୍ଗ, ଆସାମ ଏପରିକି କେରଳରୁ ମଧ୍ୟ ବିଭିନ୍ନ ସାଂସ୍କୃତିକ ଟିମ୍ ଏଠାରେ ନିଜର କାର୍ଯ୍ୟକ୍ରମ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରାଉଛନ୍ତି । ଯଦିଓ ପ୍ରାଚୀନ ଓଡ଼ିଶାର ଚାମ୍ପୁ, ଦାସକାଠିଆ, ପାଲା ଓ ରାମଲୀଳାକୁ ଦର୍ଶକ ଆଗ୍ରହ ରଖିଛନ୍ତି କିନ୍ତୁ ଗୋଟିଏ ବଡ଼ ଜିନିଷକୁ ବିଶେଷକରି ଗ୍ରାମାଞ୍ଚଳର ଲୋକମାନେ ନିଶ୍ଚିତ ଅନୁଭବ କରୁଛନ୍ତି ତାହା ହେଉଛି ଯାତ୍ରା ପାର୍ଟି । କାରଣ ବାଲିଯାତ୍ରାରେ କୌଣସି ଯାତ୍ରା ଅପେରା କେବେବି ପଡ଼ିନଥାଏ । ପ୍ରଶାସନ ଏ ନେଇ ଯଦିଓ ଅନୁମତି ଦେଉନାହିଁ ବୋଲି ସେମାନଙ୍କ ପକ୍ଷରୁ ଅଭିଯୋଗ ହେଉଛି ତଥାପି ଏ ନେଇ ସ୍ଥାନାଭାବ ସମ୍ବନ୍ଧରେ କେହି କେହି ମତ ଦିଅନ୍ତି କିନ୍ତୁ ଏନେଇ କୌଣସି ବିଧିବଦ୍ଧ ଆବେଦନ ପତ୍ର ସେମାନେ ପାଇନାହାନ୍ତି ବୋଲି ରାଜସ୍ୱ ବିଭାଗର ଅଧିକାରୀମାନଙ୍କ ମତ । ଦୂର ଦୂରାନ୍ତରୁ ଆସୁଥିବା ଯାତ୍ରୀମାନେ ଦିନ ଓ ସନ୍ଧ୍ୟାର ବେପାର ସଉଦା ପରେ ରାତ୍ରୀଟି ଅନ୍ତତଃ ଯାତ୍ରାନାଟ ଭିତରେ ହଜାଇ ସଖାଳୁ ଘରୁକୁ ଫେରି ପାରନ୍ତେ ବୋଲି ମତ ଦିଅନ୍ତି । ରାଜ୍ୟ ସରକାରଙ୍କ ସହଯୋଗରେ ରାଜ୍ୟର ସମସ୍ତ ଜିଲ୍ଲାରୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ହାତ ତିଆରି ଜିନିଷ ବିକ୍ରିବଟା କରାଇବା ତଥା ସରକାରଙ୍କ ଯୋଜନାର ପ୍ରଚାର ଓ ପ୍ରସାର ପାଇଁ ଜିଲ୍ଲା ପ୍ରଶାସନର ଓରମାସ୍ ସଂସ୍ଥା ବିଧିବଦ୍ଧ ଭାବରେ ଏହାର ଦାୟିତ୍ୱ ନେଇଥାଏ । ବାଲିଯାତ୍ରାର ଘଟଣା ଅଘଟଣା ତ ବହୁତ । ମହିଳା ଓ ଯୁବତୀଙ୍କୁ ଦୁର୍ବ୍ୟବହାର କରି ପୋଲିସ ବିଭାଗର ମଞ୍ଚରେ ଉଠବସା ହେବାର ଅନୁଭୂତି ଯିଏବା ପାଇଥିବ ସେ ସାରା ଜୀବନ ବାଲିଯାତ୍ରାକୁ ହିଁ ମନେ ରଖିଥିବ । ତେବେ ଗହଳି ଭିତରେ ପକେଟମାରୁ ମଧ୍ୟ ସେମାନଙ୍କ ହାତ୍ ସଫାଇର କମାଲ ଦେଖାଇବାକୁ ଭୁଲି ନଥାନ୍ତି । ତେବେ ଚଳିତ ବର୍ଷ କ୍ଲୋଜ ସର୍କିଟ୍ କ୍ୟାମେରା ବିଶେଷ ଭାବରେ ଲଗାଯିବାର ବ୍ୟବସ୍ଥା ରହିଛି । ବାଲିଯାତ୍ରା ସମୟରେ ଜିଲ୍ଲା ପ୍ରାଶାସନ ଠାରୁ ମହାନଗର ନିଗମ, କମିଶନରେଟ୍ ପୋଲିସ ଠାରୁ ଦମକଳ ବାହିନୀ ଓ ବିଭିନ୍ନ ସ୍ୱେଚ୍ଛାସେବୀ ଓ ଆଧ୍ୟାତ୍ମିକ ସଂଗଠନମାନେ ନିରନ୍ତର ସେବା ପ୍ରଦାନ କରିଥାଆନ୍ତି । ସେହିପରି ଉଲ୍ଲେଖନୀୟ ଘଟଣା ଥାଏ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଏଠାରେ ଅନେକ ଛୋଟବଡ଼ ଅନୁଷ୍ଠାନ ନିଜର ପ୍ରଚାର, ପ୍ରସାର ପାଇଁ ବାଲିଯାତ୍ରାରେ ମାଗଣା ବିଜ୍ଞାପନ ଦେବାର ସୁଯୋଗ ପାଇଥାଆନ୍ତି ଯଦିଓ ଜିଲ୍ଲା ପ୍ରଶାସନ ପକ୍ଷରୁ ହୋଡିଂ, କଟଆଉଟ, ବ୍ୟାନର ଓ ପୋଷ୍ଟରରୁ ରାଜସ୍ୱ ଆଦାୟ ପାଇଁ ବ୍ୟବସ୍ଥା ରହିଛି ତଥାପି ଏହି ଛୋଟବଡ଼ ଅନୁଷ୍ଠାନମାନେ ସେମାନଙ୍କ ବିଜ୍ଞାପନ ପ୍ରଦର୍ଶିତ କରିବାର ସୁଯୋଗକୁ ହାତଛଡ଼ା କରିନଥାନ୍ତି । ପୋଲିସର କଡ଼ା ନଜର ଭିତରେ ପକେଟମାରୁ ମାନଙ୍କ ବ୍ୟତୀତ ଗ୍ରାମାଞ୍ଚଳର ଠାଉରିଆ ଚୋର ଓ ଯୁଆଖେଳାଳୀ ଓ ନିଶାଡ଼ୀମାନେ ପୋଲିସର ନାକନିଶ ତଳେ ନିଜର ଭଲରକମର ଯାଦୁବିଦ୍ୟା ଦେଖାଇଥାଆନ୍ତି ।  ବାଲିଯାତ୍ରାରେ କଟକ ସହର ସତରେ ପୁରି ଉଠିଥାଏ । ମହାନଗରର ମାନ୍ୟତା ପାଇଥିଲେ ବି କଟକରେ ରହୁଥିବା ମୂଳ ଅଧିବାସୀଙ୍କ ଠାରୁ ଭଡାଟିଆଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ଘରେ ବନ୍ଧୁକୁଣିଆଙ୍କ ଭିଡ଼ । ଢେଙ୍କାନାଳରୁ ଆସି ବିଡ଼ାନାସୀର ନୂଆସାହିରେ ରହୁଥିବା ଜନୈକ ପୁରୁଣା କଟକିଆ ଶ୍ରୀକାନ୍ତ ସାହୁଙ୍କ ମତରେ 'ଯାହାବି ହେଲେ ଗାଁରୁ କୁଣିଆମୈତ୍ର ଆସିବେ, ତିରିଶ ବର୍ଷ ଦଶଜଣ ଆସିଥିବା ବେଳେ ଗତବର୍ଷ ସଂଖ୍ୟା ଥିଲା କୋଡ଼ିଏ, ଏବର୍ଷ ନିମନ୍ତ୍ରଣ ବ୍ୟତୀତ ସବୁ ମିଶାଇଲେ ତିରିଶ ଜଣ ଲୋକ ଯିବାଆସିବା କରି ରହିବେ । ତାଙ୍କ ମତରେ କଟକରେ ବନ୍ଧୁ ଘର କରନ୍ତି ବଡ଼ କଚେରୀ ହାଇକୋର୍ଟ ଓ ବଡ଼ମେଡ଼ିକାଲ ପାଇଁ କିନ୍ତୁ ବର୍ତ୍ତମାନ ସମସ୍ତଙ୍କ ଆଖିରେ ବାଲିଯାତ୍ରା ଆଉ ନଡାକିଲେ ବି ମୁହଁ ଫୁଲା କ'ଣ ବା କରିବା ? ସତରେ ବାଲିଯାତ୍ରା ସମୟରେ ଦଶହରାକୁ ଛାଡ଼ିଦେଲେ ସହରରେ ଘରେ ଘରେ କୁଣିଆ ।' ସେମାନଙ୍କ ଭିତରେ ଅପୂର୍ବ ଭାବନାବ, ସୁଖଦୁଃଖ ଓ ବନ୍ଧୁଖୋଜା ଲୋଡ଼ାର ନିବିଡ଼ ପରିବେଶ ସୃଷ୍ଟି କରିଥାଏ ଏହି ବାଲିଯାତ୍ରା । ଭିଡ଼ର ଗହଳିରେ ଚାକଚକ୍ୟର ରୂପରଙ୍ଗରେ ଆଖିବି ଖୋସି ଦେଇପାର, ମନଭରି କିଣିପାର, ଗହଳିରେ ହଜିପାର ଆଉ ନିଜକୁ ବି ଖୋଜିପାର । ପ୍ରତିବର୍ଷ ବାଲିଯାତ୍ରାର ରଙ୍ଗଢ଼ଙ୍ଗ ହିଁ ବଦଳୁଛି ଏହାରି ଭିତରେ ଗୌରବମୟ ଉତ୍କଳୀୟ ନୌବାଣିଜ୍ୟର ଅପୂର୍ବ ପରମ୍ପରାର ସ୍ମୃତିର ପଦଚିହ୍ନ ଦିଗ୍‌ବଳୟରେ ପ୍ରଜ୍ୱଳିତ ହେଉଥିବାବେଳେ ଏହି ମାଟିର ସାଧବପୁଅ ଦିନେ ସମଗ୍ର ବିଶ୍ୱରେ ନିଜ ରାଜ୍ୟକୁ ସମୃଦ୍ଧ ଓ ଗୌରବାନ୍ୱିତ କରୁଥିଲେ । ବାଲିଯାତ୍ରା ପାଇଁ କଳିଙ୍ଗ ବୀର ଏହି ଜାତିର ମଉଡ଼ମଣି ବିଜୁବାବୁଙ୍କ ଅବଦାନକୁ ଏ ମାଟି ନିଶ୍ଚିତ ମନେ ରଖିଛି । ତେବେ ଯାହାହେଉନା କାହିଁକି ବାଲିଯାତ୍ରା ସତରେ ଯୁଗ ଯୁଗର ଯାତ୍ରା, ଅଯୁତ ଯୁଗର ଯାତ୍ରା, ଚିର ପ୍ରତୀକ୍ଷାର ଅପାସୋରା ମୁହୂର୍ତ୍ତ......

*ଅଧ୍ୟକ୍ଷା, ନାଳନ୍ଦା ପବ୍ଲିକ ସ୍କୁଲ,*
*ସେକ୍ଟର–୮, ସିଡିଏ, କଟକ*

# କାନ ପାଇଁ ମୁଣ୍ଡବିନ୍ଧା



ନାରାୟଣ ଚନ୍ଦ୍ର ବିଶ୍ୱାଳ

କାନ ହେଉଛି ଶରୀରର ଏକ ସୂକ୍ଷ୍ମ ଅଂଶ । ଏଥିରେ କୌଣସି ଅଂଶ ଦୁର୍ବଳ ହେଲେ ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପଡ଼େ । ନିକଟରେ ବିଶେଷଜ୍ଞମାନେ ପ୍ରକାଶ କରିଥିବା କର୍ଣ୍ଣ ସମ୍ବନ୍ଧୀୟ ତଥ୍ୟ ଅନେକଙ୍କୁ ଚିନ୍ତାରେ ପକାଇଛି । ବିଶେଷଜ୍ଞଙ୍କ କହିବାନୁସାରେ କେତେକଙ୍କର ପ୍ରାୟବେଳେ ମୁଣ୍ଡ ବୁଲାଇଥାଏ । ଏହାର କାରଣ ହେଉଛି କାନରେ ଉପୁଜିଥିବା ଅସୁବିଧା । ଅନ୍ୟୂନ ୯୦ ପ୍ରତିଶତ ଲୋକ ଏହି କାନ ଅସୁବିଧା ପାଇଁ ମୁଣ୍ଡ ବୁଲାଇବାର ଶିକାର ହୋଇଥାନ୍ତି । କାନ ସଫା କରିବାବେଳେ ଡାକ୍ତର କିମ୍ବା ଅଭିଭାବକମାନେ ସ୍ପିରିଟ କି ହାଇଡ୍ରୋଜେନ୍ ପାରକ୍ସାଇଡ଼ର ବ୍ୟବହାର କରନ୍ତି । ଏହାର ପ୍ରୟୋଗ କିନ୍ତୁ କାନ ପାଇଁ କ୍ଷତିକାରକ । କାନ ବିନ୍ଧିବା, କାନ କୁଣ୍ଡାଇ ହେବା ଏବଂ କାନ ଭିତରେ ପାଣି ପଶିବାକୁ ଲୋକେ ହାଲ୍‌କାରେ ନିଅନ୍ତି । ହେଲେ ଏହାଦ୍ୱାରା ଜନ୍ମଜାତ ବଧିରତା, କାନର ପର୍ଦ୍ଦାରେ ଛିଦ୍ର ସୃଷ୍ଟି ହେବା ପରି ବିଭିନ୍ନ କର୍ଣ୍ଣରୋଗ ଦେଖାଯାଏ । ଫଳରେ ମୁଣ୍ଡ ବୁଲାଇଥାଏ । କାନ କୁଣ୍ଡାଇ ହେଉ କି ପାଣି ପଶିବା ଫଳରେ କାନରେ ମଇଳା ଜମି କରି ହେଉ । ଏହାପରେ କାନକୁ ଭଲ ଶୁଣାଯାଏନା । କାନ ମଧ୍ୟରେ ଥିବା ସିଟୋମିନ୍ ନାମକ ପଦାର୍ଥଟି କାନରୁ ମଇଳା ବାହାର କରିବାରେ ସହାୟ ହୁଏ । ଯଦି ଏହା କମ୍ ନିର୍ଗତ ହୁଏ କି ବନ୍ଦ ହୋଇଯାଏ ତେବେ ମଳି ଜମି କାନପର୍ଦ୍ଦା ବନ୍ଦ ହୋଇଯାଏ । ଏହା ସାଧାରଣତଃ ପିଲାମାନଙ୍କ କ୍ଷେତ୍ରରେ ଘଟିଥାଏ । ଏହାଦ୍ୱାରା ସେମାନଙ୍କୁ ଭଲଭାବେ ଶୁଭିନଥାଏ । କାନ କୁଣ୍ଡାଇହୁଏ । ଅଭିଭାବକମାନେ କିନ୍ତୁ ଏଥିପ୍ରତି ଗୁରୁତ୍ୱ ଦିଅନ୍ତି ନାହିଁ । ଏମିତି ଲକ୍ଷଣ ଦେଖାଯାଉଥିବା ପିଲାଙ୍କୁ ତୁରନ୍ତ ଡାକ୍ତରଙ୍କ ପରାମର୍ଶ କରାଇବା ଉଚିତ । ନଚେତ୍ ଏହା ସେମାନଙ୍କ ମସ୍ତିଷ୍କକୁ ପ୍ରଭାବିତ କରିବ । ନିୟମିତ ନିଜର ଓ ପିଲାମାନଙ୍କର କାନ ସଫା କରିବା ଉଚିତ । ଯେତେବେଳେ ସେମାନେ କାନ ସମ୍ବନ୍ଧୀୟ କୌଣସି ଅଭିଯୋଗ ପାଉଛନ୍ତି, ତୁରନ୍ତ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ ।

*ବାକଶ୍ରବଣ ବିଶେଷଜ୍ଞ, 'ଧ୍ୱନୀ'*
*କାଠଗୋଲା ରୋଡ଼, ମଙ୍ଗଳାବାଗ, କଟକ,*
*ଦୂରଭାଷ : ୯୪୩୮୨୭୬୭୬୦*




# ବିଜେପି ପାଇଁ ଅଲୋଡା ହେଲେକି ଦିଲ୍ଲୀପ !

ନିମାପଡା ,(ପି.ଏନ):ନିମାପଡା ନିର୍ବାଚନ ମଣ୍ଡଳୀ ଏବେ ଉଭୟ ବିଜେପି ଓ କଂଗ୍ରେସ ପାଇଁ ସମ୍ମାନର ପ୍ରଶ୍ନ ପାଲଟିଛି। ୨୦୦୯ ରେ ବିଜେଡି ହାତକୁ ଚାଲିଯାଇଥିବା ଏହି ନିର୍ବାଚନ ମଣ୍ଡଳୀକୁ ନିଜ ଅକ୍ତିଆରକୁ ନେବାପାଇଁ ଉଭୟ ବିଜେପି ଓ କଂଗ୍ରେସ ତତ୍ପର ଥିବା ବେଳେ ଏପଟେ ନିମାପଡା ର ବିଧାୟକ ସମୀର ରଞ୍ଜନ ଦାଶ ଏହି ଆସନରୁ ପୁନର୍ବାର ଲଢ଼ି ବିଧାୟକ ହୋଇ ଲୋକମାନଙ୍କ ସେବା କରିବା ପାଇଁ ଉଦ୍ୟମ ଜାରି ରଖିଛନ୍ତି। ୨୦୨୪ ସାଧାରଣ ନିର୍ବାଚନରେ ସମୀର ଙ୍କ ସହିତ କିଏ ତାଳ ଦେଇ ଲ଼ିବ ଏନେଇ ସାଧାରଣ ରେ ଚର୍ଚ୍ଚା ଜୋର ଧରିଛି।ଏପଟେ ନିମାପଡା ଗୋପ ନିର୍ବାଚନ ମଣ୍ଡଳୀର ବିଜେପି ରୁ ଆଗ ଧାଡ଼ିର ନେତ୍ରୀ ପ୍ରଭାତୀ ପରିଡାଙ୍କ ସହିତ ନୂତନ କରି ବିଜେପି ରେ ମିଶିଥିବା ଦିଲ୍ଲୀପ ନାୟକ ଉଭୟଙ୍କ ଭିତରେ ବିଧାୟକ ଟିକେଟ କୁ ନେଇ ଚାଲିଛି ଛକା ପଞ୍ଝା।ଦିଲ୍ଲୀପ୍ ଆଉ ପ୍ରଭାତୀ ନିଜ ନିଜର କର୍ମୀଙ୍କୁ ନେଇ ଭିତରେ ନଛୋଡବନ୍ଧା।କାହା ମୁଣ୍ଡରେ ହାତୀ ସୁନା କଳସ ଢାଳି ବ ଆଉ କାହାକୁ ଟିକେଟ ମିଳିବ ସେଥିପାଇଁ ଦୁଇ ଆଶାୟୀ ପ୍ରାଥୀ ନିଜର ସଙ୍ଗଠନ କୁ ମଜବୁତ କରିବା ପାଇଁ ଦିନ ରାତି ଏକ କରି ସାରିଲେଣି। ନିର୍ବାଚନ ଯେତିକି ପାଖେଇ ଆସୁଛି ନିମାପଡା ରେ ରାଜନୀତିର ମାହାଲ ସେତିକି ମଧ୍ୟ ସରଗରମ ହେବାରେ ଲାଗିଲାଣି। କିଏ ଜିଣିବ ନିମାପଡା ଗୋପ ବାସୀଙ୍କ ମନ ସେଥିପାଇଁ ଦୁଇ ଆଶାଇ ପ୍ରାଥୀ ଧୀରେ ଧୀରେ ନିଜର ସଙ୍ଗଠନକୁ ଦମ୍ଭ କରିବାକୁ ବିଭିନ୍ନ ଉପାୟ ରେ ଲୋକଙ୍କ ପାଖରେ ପହଂଚ଼ିବାକୁ ଲାଗିଲେଣି। ଖାଲି ଭାରତୀୟ ଜନତା ପାର୍ଟି ନୁହେଁ ସେ ବିଜୁ ଜନତା ଦଳ ହଉ କି ଜାତୀୟ କଂଗ୍ରେସ ହଉ ଯିଏ ଜଣେ ଦକ୍ଷ୍ୟ ନେର୍ତ୍ୱତ୍ୱ ହୋଇଥିବ ସେ ନିମାପଡା ନିର୍ବାଚନ ମଣ୍ଡଳୀ ରୁ ପ୍ରାଥୀ ହଉ ବୋଲି ସାଧାରଣ ରେ ଚର୍ଚ୍ଚା ଜୋର ଧରିଛି କାରଣ ନିମାପଡା ଗୋପ ଏକ ସ୍ୱାଭିମାନ ର ମାଟି ହୋଇଥିବାରୁ ଏଠି ପାଖରେ ଟଙ୍କା ଥିବା ନେତାକି କଥା କୁହା ନେତା ନୁହେଁ କାର୍ଯ୍ୟ କରୁଥିବା ଲୋକ ଆଉ ନିମାପଡା ଗୋପ ବାସୀଙ୍କ ହୃଦୟ କୁ ବୁଝିପାରୁଥିବା ଲୋକଟେ ନେତା ହେବା ଦରକାର ବୋଲି ଲୋକମାନେ କହିବାକୁ ଲାଗିଲେଣି।କିନ୍ତୁ କିଛି ଲୋକ ଯାହାର ନାଁ ନାହିଁ କି ଗାଁ ନାହିଁ ପାଖରେ ପୁଳା ପୁଳା ଟଙ୍କା ଅଛି ବୋଲି ନେତା ହେବା ପାଇଁ ନିଜକୁ ସର୍ବ ? ସର୍ବା ଭାବି କ୍ଷମତା ପାଇବା ଲୋଭରେ ନିମାପଡା ଗୋପ ଆସି ବଶିବାର ଦେଖିବାକୁ ମିଳୁଛି ବୋଲି ବଜାର ଘାଟରେ ଲୋକମାନେ କହିବା ଶୁଣିବାକୁ ମିଳୁଛି। ଯେମିତି ଚିଲିକା କୁ ଶୀତ ଦିନେ କେତେକ ବିଦେଷାଗତ ପକ୍ଷୀ ଉଡିଆସି ଦୁଇ କି ତିନି ମାଶ ରହି ପୁଣିଥରେ ନିଜ ଜାଗାକୁ ଫେରିଯାନ୍ତି ସେହିପରି ନିର୍ବାଚନ ଆସିଲେ ଅନେକ ଆଶାୟୀ ପ୍ରାଥୀ ନିମାପଡା ଗୋପ କୁ ଚାଲି ଆସନ୍ତି। ସେମିତି ବିଦେଶୀ ଗତ ପକ୍ଷୀ କେବଳ ଦେଖିବାକୁ ସୁନ୍ଦର କିନ୍ତୁ ତାଙ୍କୁ ଧରି ହୁଏନି କି ଛୁଇଁ ହୁଏନି ସେମିତି ନିମାପଡା ଗୋପ ରେ ଆସିଥିବା ନୂଆ ନୂଆ ମୁହଁ ବି ସେମିତି ଦେଖିବାକୁ ସୁନ୍ଦର ହେଲେ କାମ ଟଙ୍କାକାର ନାହିଁ ବୋଲି ନିମାପଡା ଗୋପ ରେ ଚର୍ଚ୍ଚା ଜୋର ଧରିଛି।କିନ୍ତୁ ଏପଟେ ବିଜେପି ର ପୁରୁଖା ନେତ୍ରୀ ଭାବେ ପ୍ରଭାତୀ ପରିଡା ଦୁଇ ଦୁଇ ଥର ନିର୍ବାଚନ ଲଢ଼ି ପରାଜୟ ବରଣ କରିବା ପରେ ବି ନିଜର ସଂଗଠନକୁ ମଜଭୁତ କରିବା ପାଇଁ ଚେଷ୍ଟା କରୁଥୁବା ବେଳେ ଗତ ନିର୍ବାଚନ ରେ କଂଗ୍ରେସ ରୁ ପରାଜିତ ହୋଇଥିବା ଦିଲ୍ଲୀପ ନାୟକ ପ୍ରଭାତିଙ୍କ ନେର୍ତ୍ୱତ୍ୱ ରେ ବିଜେପିରେ ମିଶିଥିଲେ ଓ ଚୁକ୍ତି ମଧ୍ୟ କରିଥିଲେ କି ସେ ବିଜେପି ରୁ ୨୦୨୪ ନିର୍ବାଚନ ଲଢ଼ିବେ ନାହିଁ କିନ୍ତୁ ସେ କ୍ଷମତା ପାଇବା ଲୋଭରେ ତାଙ୍କ ଚୁକ୍ତି କୁ ଭୁଲି ସେ ଏକ ସଂଗଠନ କରି ବିଜେପି କୁ ଦୁଇ ଭାଗ କରି ନିଜେ ନିର୍ବାଚନ ଲଢ଼ିବା ପାଇଁ ଭିତରେ ଲବି କରିବା ଶୁଣିବାକୁ ମିଳୁଛି। ଦିଲ୍ଲୀପ ବିଜେପିକୁ ଦୁଇ ଭାଗ କରି ନିଜର ପତିଆର ଜାହିରି କରିବା ସହିତ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ପାଇଁ ପ୍ରତେକ ଥର ଏକ ମିଶ୍ରଣ ପର୍ବ କରି ବିଜେପି ରେ ଅନେକ ଲୋକ ମିଶିଲେ ବୋଲି ଏକ ମିଛ ପ୍ରହସନ କରି ଆସୁଥିବା ନିମାପଡାରେ ଚର୍ଚ୍ଚା ଜୋର ଧରିଛି। ଏମିତିକି ଦିଲ୍ଲୀପ କ୍ଷମତା ପାଇବା ଲୋଭରେ ମିଶ୍ରଣ ପର୍ବର ପୋଷ୍ଟରରୁ ପ୍ରଭାତୀଙ୍କୁ ହଟେଇ ନିଜ ଫୋଟୋ ଲଗାଇ ଅନେକ ଗୁପ୍ତ ବୈଠକ କରି ଆସୁଥିବା କଥା ଅନେକ ଗଣମାଧମ ରେ ପ୍ରକାଶ ହେବା ଦେଖିବାକୁ ମିଳିଛି।ଦିଲ୍ଲିପ ନାୟକ ଏମିତି କଲେ କାଳେ ରାଜ୍ୟ ବିଜେପି ସଭାପତି ଖୁସି ହେବା ସହିତ କ୍ଷମତା ମିଳିଯିବ ସେଥିପାଇଁ ଅନେକ ମିଶ୍ରଣ ପର୍ବ କରି ନିଜ ନେର୍ତ୍ତୁତ୍ୱରେ ଅନେକ ଲୋକ ବିଭିନ୍ନ ଦଳ ଛାଡି ବିଜେପି ରେ ମିଶିଲେ ବୋଲି ଦେଖେଇ ହଉଥିବା ସହିତ ଦିଲ୍ଲୀପ୍ ନିଜକୁ ସର୍ବ ? ସର୍ବା ଭାବିନେଉଥିଲେ ଏମିତିକି ଦିଲ୍ଲୀପ ଏମିତି କାମ କରି ପ୍ରଭାତୀଙ୍କୁ ପଛରେ ପକାଇ ବିଜେପିର କର୍ମୀ ମାନଙ୍କ ମନରୁ ପ୍ରଭାତୀଙ୍କ ନାମକୁ ଭୁଲେଇବା ସହିତ ପ୍ରଭାତୀଙ୍କର ବିଜେପି ରୁ ଅସ୍ତିତ୍ୱ ଲିଭେଇବାକୁ ଚେଷ୍ଟା କରୁଥିଲେ ବୋଲି ଚର୍ଚ୍ଚା ଜୋର ଧରିଛି। କିନ୍ତୁ କିଛିଦିନ ତଳେ ପୁରି ଜିଲ୍ଲା ବିଜେପି ସଭାପତି ଭାବେ ଆଶ୍ରିତ ପଟ୍ଟନାୟକଙ୍କ ନାମ ଘୋଷଣା ହେବା ପରେ ଉତ୍ତରାରୁ ପିପିଲି ଏକ ବିଶାଳ ରାଲି ଆୟୋଜନ କରାଯାଇଥିଲା ଯୋଉଥିରେ ବିଜେପି ରୁ ଅନେକ କର୍ମୀଙ୍କ ସହିତ ଆଗଧାଡିର ନେତା ଆଉ ନେତ୍ରୀ ମାନେ ଯୋଗ ଦେଇଥିଲେ ସେହି ଭିତରେ ନିମାପଡା ବିଜେପି ର ଆଗ ଧାଡ଼ିର ନେତ୍ରୀ ଭାବେ ପ୍ରଭାତୀ ପରିଡା ଯୋଗ ଦେଇଥିଲେ କିନ୍ତୁ ନିଜକୁ ବିଜେପି ର ସର୍ବ ? ସର୍ବା ଭାବୁଥିବା ଦିଲ୍ଲୀପ ନାୟକଙ୍କୁ ସେଠି ଦେଖିବାକୁ ମିଳିନଥିଲା। ଯୋଉଠି ପାଇଁ ଏଇ କଥା ନେଇ ବିଜେପି କର୍ମୀ ମାନେ ଖୁସି ହେବା ସହିତ ଦିଲ୍ଲୀପ୍ ଯୋଉ ଗାତ ପ୍ରଭାତୀଙ୍କ ପାଇଁ ଖୋଳୁଥିଲେ ଏବେ କାଳେ ସେଇ ଗାତ ରେ ନିଜେ ପଡିବେ ବୋଲି କହିବା ସହ ଦିଲ୍ଲୀପ୍ ଏବେ ବିଜେପି ରୁ ଅଲୋଡା ହେଲେ ବୋଲି ଚର୍ଚ୍ଚା ଜୋର ଧରିଛି। ଦିଲ୍ଲୀପ ଗତ ନିର୍ବାଚନ ରେ ସ୍ୱାଧୀନ ରୁ ଠିଆ ହେବା ନେଇ ପ୍ରଚାର ପ୍ରସାର କରିଥିଲେ ମଧ୍ୟ ଶେଷ ମୁହୂର୍ତ୍ତ ରେ କଂଗ୍ରେସ କୁ ଲମ୍ଫ ପ୍ରଦାନ କରି କଂଗ୍ରେସ ର ବିଧାୟକ ଟିକେଟ କୁ ହାତେଇ ନେଇଥିଲେ। ଖାଲି ଟିକେଟ ପାଇଲେ ନେତା ହୋଇଯାନ୍ତି ତାହା ନୁହେଁ ଏ କଥା ଜନସାଧାରଣ ଦିଲ୍ଲୀପଙ୍କୁ ଗତ ନିର୍ବାଚନ ରେ ବୁଝାଇ ଦେଇଥିଲେ ଯାହା ଦ୍ୱାରା ଗତ ନିର୍ବାଚନ ରେ ଦିଲ୍ଲୀପଙ୍କୁ ପରାଜୟ ର ସ୍ୱାଦ ଚାଖିବାକୁ ପଡିଥିଲା।ଶେଷରେ ପରାଜୟ ପରେ ଦିଲ୍ଲୀପ ନିଜ ସ୍ୱାର୍ଥ ଦୃଷ୍ଟିରୁ ବିଜେପି ପୁରାତନ ନେତ୍ରୀ ପ୍ରଭାତୀ ଙ୍କ ନେର୍ତ୍ୱତ୍ୱରେ କଂଗ୍ରେସ ଛାଡି ବିଜେପି ରେ ମିଶି ଥିଲେ। କିନ୍ତୁ ପ୍ରଭାତୀ ଜାଣିନଥିଲେ ସେତେବେଳେ ମିଶିଥିବା ଦିଲ୍ଲୀପ ଏବେ ନିଜ ପାଇଁ ଅଡୁଆ ସୁତାର ଖିଅ ପରି ନିଜ ବେକରେ ଛନ୍ଦି ହେଇଯିବେ ବୋଲି। ଯିଏ ଦିଲ୍ଲୀପ ଙ୍କୁ ହାତ ଧରି ବିଜେପି ରେ ମିଶାଇଥିଲେ ତାଙ୍କୁ ଭୁଲିଯାଇ ତାଙ୍କ ବିରୁଦ୍ଧରେ ଆଉ ଏକ ସଂଗଠନ ସୃଷ୍ଟି କରିବା ସହିତ ଏକା ଏକା କର୍ମୀ ମାନଙ୍କୁ ନେଇ ବୈଠକ କରିବା ଦ୍ୱାରା କର୍ମୀ ମାନଙ୍କ ମହଲରେ ଅସନ୍ତୁଷ୍ଟ ପ୍ରକାଶ ପାଇଛି। ଯାହାଦ୍ୱାରା ବିଜେପି ର କର୍ମୀ ମାନେ ଓ ଦଳର ତୁଙ୍ଗ ନେତା ମାନେ ନିର୍ବାଚନ ସମୟରେ ଦିଲ୍ଲୀପଙ୍କୁ ପାନେ ଦେବାକୁ ନିଷ୍ପତି ନେଇଥିବା କୁହା କୁହି ହେବା ସହିତ ଦିଲ୍ଲୀପଙ୍କୁ ସ୍ୱାର୍ଥପର ଓ ନାଟକବାଜି ନେତା ବୋଲି କହିବାରେ ଲାଗିଛନ୍ତି। ତା ସହିତ ଯାହା ନେର୍ତ୍ତୁତ୍ୱରେ ବିଜେପି ରେ ମିଶି ଦିଲ୍ଲୀପ ନିଜର ରାଜନୀତିର କ୍ୟାରିଅର କୁ ଆଗକୁ ନେବା ପାଇଁ ଚେଷ୍ଟା କରିଥିଲେ ତାକୁ ତା ଅଜାଣତରେ ପଛପଟୁ ଛୁରୀ ମାରିବା ଏହା କର୍ମୀଙ୍କ ମହଲରେ ଅସନ୍ତୁଷ୍ଟ ପ୍ରକାଶ କରିବା ସହିତ ବିଜେପି କୁ ଦୁଇ ଭାଗ ହେବା ଦ୍ୱାରା କର୍ମୀ କାହାକୁ ନିଜର ନେତା ବାଛିବେ ସେ ନେଇ ଦ୍ୱନ୍ଦ୍ୱରେ ଥିବା ନେଇ ନିଜର ମତ ପ୍ରକାଶ କରିଛନ୍ତି। କିଛି ଦିନ ତଳେ ଗୋପ ବ୍ଲକ ରେ ବିଜେପି ର ହୋଇଥିବା ଜନ ଆକ୍ରୋଶ ଆନ୍‌ଦୋଳନ ରେ ବ୍ଲକ ଘେରାଉ ସମୟରେ ଆସିଥିବା ବିଜପିର ପୂର୍ବତନ ସଭାପତି ସମୀର ମହାନ୍ତିଙ୍କ ଉପସ୍ଥିତିରେ ଦିଲ୍ଲୀପ ନାୟକ ନିଜର ଅଭି ଭାଷଣ ରେ କହିଥିଲେକି ମତେ ବିଜେପି ର ପାୱର ଅଫ ଆଟନି ଦେଲେ ମୁଁ ବିଜେପି କୁ ଅନେକ ଉପରକୁ ନେଇଯିବି ଯାହା ପ୍ରଭାତୀଙ୍କ କର୍ମୀ ଆଉ ଦିଲ୍ଲୀପ ଙ୍କ କର୍ମୀଙ୍କ ଭିତରେ ଦ୍ୱନ୍ଦ ହେବା ଦେଖିବାକୁ ମିଳିଥିଲା ବୋଲି ଶୁଣିବାକୁ ମିଳୁଛି।ଯାହା ଦ୍ୱାରା ପ୍ରଭାତୀଙ୍କ ସମର୍ଥକ ମାନେ ଦିଲ୍ଲୀପଙ୍କୁ ମତେ ଯେତେ ମାଠିବୁ ମାଠେ ମୁଁ ସେଇ ଦରପୋଡା କାଠେ କହି ଦିଲ୍ଲୀପଙ୍କୁ ପାନେ ଦେବେ ବୋଲି କହିଛନ୍ତି।

# ସାମସଙ୍ଗ ଇଣ୍ଡିଆର ସବୁଠାରୁ ବଡ଼ ପାର୍ବଣ ଅଫର ରିୱାର୍ଡ଼ ଇୟୋରସେଲ୍ଫର ଶୁଭାରମ୍ଭ

ଭୁବନେଶ୍ୱର: ଭାରତର ଅଗ୍ରଣୀ ଇଲେକ୍ଟ୍ରୋନିକ୍ସ ଏବଂ ସ୍ମାର୍ଟଫୋନ୍ ବ୍ରାଣ୍ଡ, ସାମସଙ୍ଗ ପକ୍ଷରୁ ଚଳିତ ପାର୍ବଣକୁ ଆହୁରି ଅଧିକ ଆକର୍ଷଣୀୟ କରିବା ପାଇଁ 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନର ଶୁଭାରମ୍ଭ କରାଯାଇଛି। 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନ ସହିତ, ଗ୍ରାହକମାନେ ଏଚଡ଼ିଏଫସି କ୍ରେଡ଼ିଟ କାର୍ଡ଼ ଏବଂ ଡ଼େବିଟ କାର୍ଡ଼ ଏବଂ ଏସବିଆଇ କ୍ରେଡ଼ିଟ କାର୍ଡ଼ ଉପରେ ୧୦% କ୍ୟାଶବ୍ୟାକ ପାଇବା ସହିତ ଆକର୍ଷଣୀୟ ବଣ୍ଡଲ ଅଫର ଏବଂ ସାମସଙ୍ଗର ବିସ୍ତୃତ ସ୍ମାର୍ଟଫୋନ୍ ଶୃଙ୍ଖଳ, ଓୟେରେବୁଲସ ଏବଂ ଟାବଲେଟ ଇତ୍ୟାଦି ପାଇବାର ସୁବିଧା ରହିଛି। ଏହି ପରିପ୍ରେକ୍ଷୀରେ ସାମସଙ୍ଗ ଇଣ୍ଡିଆର ମୋବାଇଲ ବିଜନେସର, ବରିଷ୍ଠ ଉପାଧ୍ୟକ୍ଷ, ଶ୍ରୀ ମୋହନଦୀପ୍ ସିଂ କହିଛନ୍ତି ଯେ, "ପାର୍ବଣ ସମୟରେ ଆମର ଗ୍ରାହକ ମାନଙ୍କ ଉତ୍ସାହକୁ ଆହୁରି ବୃଦ୍ଧି କରିବା ପାଇଁ, ଆମ୍ଭେମାନେ ଆମର ଅଫର ଗୁଡ଼ିକରେ କ୍ୟାଶବ୍ୟାକ, ସର୍ବନିମ୍ନ ମାସିକ କିସ୍ତି ଏବଂ ଅନ୍ୟ ଆକର୍ଷଣୀୟ ଯୋଜନାମାନ ନେଇଆସିଛୁ।" ସାମସଙ୍ଗର 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନ ଅନେକ ଗୁଡ଼ିଏ ସ୍ମାର୍ଟଫୋନ୍, ଟାବଲେଟ ଏବଂ ଓୟାରବୁଲସ ଉପରେ ଉପଲବ୍ଧ ଥିବାବେଳେ, ଏହି ପାର୍ବଣ ସମୟରେ ଗାଲାକ୍ସି ଡ଼ିଭାଇସ କ୍ରୟ କରୁଥିବା ପ୍ରତ୍ୟେକ ଗ୍ରାହକଙ୍କ ପାଇଁ ସୁନିଶ୍ଚିତ ପୁରସ୍କାର ନେଇଆସିଛି। ଏହି ଅଫରରେ ୪୯୯୯ ଟଙ୍କାରୁ ୧୦୪୯୯୯ଟଙ୍କା ମଧ୍ୟରେ ରହିଥିବା କେତେକ ବଛାବଛା ସ୍ମାର୍ଟଫୋନ୍, ଟାବଲେଟ ଏବଂ ଓୟେରେବୁଲସ ଉପରେ ଏଚଡ଼ିଏଫସି ବ୍ୟାଙ୍କ କାର୍ଡ଼ରେ ୧୦% କ୍ୟାଶବ୍ୟାକ ସୁବିଧା ରହିଛି। ଏହି ଅଫର ଅକ୍ଟୋବର ୧୫ ରୁ ଅକ୍ଟୋବର ୨୭, ୨୦୨୦ ପର୍ଯ୍ୟନ୍ତ ବୈଧ। ୪୯୯୯ଟଙ୍କାରୁ ୪୭୯୯୯ଟଙ୍କାର ସମସ୍ତ ଗାଲାକ୍ସି ସ୍ମାର୍ଟଫୋନ୍ ଏବଂ ବଛାବଛା ଟାବଲେଟ ଏବଂ ଓୟେରବୁଲସରେ ଏସବିଆଇ କ୍ରେଡ଼ିଟ କାର୍ଡ଼ରେ ୧୦% କ୍ୟାଶବ୍ୟାକ ଉପଲବ୍ଧ। ଏହି ଅଫର ଅକ୍ଟୋବର ୨୮ ରୁ ନଭେମ୍ବର ୧୭, ୨୦୨୦ ପର୍ଯ୍ୟନ୍ତ ବୈଧ।ଗାଲାକ୍ସି ନୋଟ ୨୦ କ୍ରୟ କରୁଥିବା ଗ୍ରାହକମାନେ ତୁରନ୍ତ ୧୦,୦୦୦ ଟଙ୍କାର କ୍ୟାଶବ୍ୟାକ ପାଇପାରିବେ। ଏହି ଅଫର ଅକ୍ଟୋବର ୧୬ ରୁ ଅକ୍ଟୋବର ୨୫, ୨୦୨୦ ପର୍ଯ୍ୟନ୍ତ ବୈଧ। ଗାଲାକ୍ସି ଏ ସିରିଜ ଏବଂ ସମସ୍ତ ଫ୍ଲାଗସିପ୍ ଡ଼ିଭାଇସ ଉପରେ ଗ୍ରାହକମାନେ ନୋ କଷ୍ଟ୍ ଇଏମଆଇ ସହିତ ଜିରୋ ଡ଼ାଉନପେମେଂଟ ସୁବିଧା ପାଇପାରିବେ। ଗ୍ରାହକମାନେ ୧୩,୦୦୦ ଟଙ୍କା ପର୍ଯ୍ୟନ୍ତର ଅପଗ୍ରେଡ଼ ବୋନସ ପାଇପାରିବା ସହିତ ଚଳିତବର୍ଷ ଅକ୍ଟୋବର ୧୬ ରୁ ଅକ୍ଟୋବର ୨୫ ପର୍ଯ୍ୟନ୍ତ ଗାଲାକ୍ସି ନୋଟ୨୦ ଅଲଟ୍ରା କ୍ରୟରେ ୭୦୦୦ ଟଙ୍କା ମୁଲ୍ୟର ସାମସଙ୍ଗ ଭାଉଚର ପାଇପାରିବେ। ଗ୍ରାହକମାନେ ଏହି ଭଳି ଆହୁରି ଅନେକ ଆକର୍ଷଣୀୟ ଅଫରକୁ ଉପଭୋଗ କରିପାରିବେ। ଏହି ପାର୍ବଣ ଅଫରଗୁଡ଼ିକ ଅଗ୍ରଣୀ ରିଟେଲ ଷ୍ଟୋର ଏବଂ ସାମସଙ୍ଗ ଡ଼ଟ କମରେ କ୍ରୟ ଉପରେ ଉପଲବ୍ଧ।

# ଇଣ୍ଡିଆନ ଟେରେନ୍ ଏକ ଫେୟାରଟ୍ରେଡ କ୍ୟାପ୍‌ସୁଲ ସହିତ ହାଇ ଷ୍ଟ୍ରିଟ ଫେସନ୍‌ରେ ନିରନ୍ତରତାର ଅଗ୍ରଣୀ ସାଜିଛି

ଭୁବନେଶ୍ୱର : ବିଗତ ବର୍ଷଗୁଡ଼ିକରେ ନିରନ୍ତର ଏବଂ ଦାୟିତ୍ୱ ସଂପନ୍ନ ଗ୍ରାହକମାନେ ବ୍ରାଣ୍ଡଗୁଡ଼ିକୁ ସେମାନଙ୍କ ଯୋଗାଣ ଶୃଙ୍ଖଳାରେ ସ୍ୱଚ୍ଛତା ଓ ନିରନ୍ତରତା ପ୍ରଦର୍ଶନ କରିବା ଲାଗି ଉତ୍ସାହିତ କରୁଛନ୍ତି। ଗ୍ରାହକମାନଙ୍କୁ ଶ୍ରେଷ୍ଠ ଗୁଣାତ୍ମକ ମାନର ଉତ୍ପାଦ ଯୋଗାଇବା ନେଇ ୨୦ ବର୍ଷର ପ୍ରତିବଦ୍ଧତାକୁ ଦୋହରାଇ ଓ ଏକ ସୁଦୃଢ଼ ଜାତୀୟ ବ୍ରାଣ୍ଡ ସୃଷ୍ଟି କରିବା ଲାଗି ଦେଶର ଆହ୍ୱାନ ଅନୁସାରେ ଭାରତର ଅଗ୍ରଣୀ ପୁରୁଷ ପରିଧାନ ଓ ଶିଶୁ ପରିଧାନ ବ୍ରାଣ୍ଡ ଇଣ୍ଡିଆନ ଟିରେନ୍ ପକ୍ଷରୁ ପରିବେଶର ସୁରକ୍ଷା ଓ ଗୁଜରାଟର ଫେୟାରଟ୍ରେଡ ଋଷୀଙ୍କୁ ସଶକ୍ତ କରିବା ଲାଗି ଏକ ସ୍ୱତନ୍ତ୍ର ନିରନ୍ତର ଫେସନ ପୋଷାକ ବର୍ଗ (ସଷ୍ଟେନେବଲ ଫେସନ୍ ଲାଇନ୍) ସୃଷ୍ଟି କରିବା ପାଇଁ ଫେୟାରଟ୍ରେଡ ଇଣ୍ଡିଆ ସହ ହାତ ମିଳାଯାଇଛି। ଫେସନ୍‌ର ସାମାଜିକ ଓ ପରିବେଶ ଉପସ୍ଥିତି ବୃଦ୍ଧି ପାଉଥିବାରୁ ପରିବର୍ତ୍ତନକୁ ଆଗକୁ ବଢ଼ାଇବା ବ୍ରାଣ୍ଡ ଲାଗି ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ନିରନ୍ତର ଫେସନ୍‌କୁ ମୁଖ୍ୟସ୍ରୋତରେ ପରିଣତ କରିବା ଲାଗି ଇଣ୍ଡିଆନ ଟେରେନ୍ ଏହାର ଭୂମିକାକୁ ସ୍ୱୀକୃତି ଦେଇଛି। ଏହି ଦିଗରେ ପଦକ୍ଷେପ ସ୍ୱରୂପ ଏକ ଫାୟାରଟ୍ରେଡ କ୍ୟାପସୁଲ ଉନ୍ମୋଚନ କରିବା ଲାଗି ଭାରତର ପ୍ରଥମ ହାଇ ଷ୍ଟ୍ରିଟ ବ୍ରାଣ୍ଡ ହେବାକୁ କଂପାନି ପ୍ରତିବଦ୍ଧ। ଇଣ୍ଡିଆନ ଟେରେନ୍‌ର ଫେୟାରଟ୍ରେଡ ଲେବଲ ଥିବା ସମ୍ଭାର/ କ୍ୟାପସୁଲର ଅର୍ଥ ହେଉଛି ସମ୍ଭାର/କ୍ୟାପସୁଲ ତିଆରି କରିଥିବା କ୍ଷେତ ଓ କାରଖାନାଗୁଡ଼ିକରେ ସାମାଜିକ ଓ ପରିବେଶ ନିରନ୍ତରତା ମାନକକୁ ପାଳନ କରାଯାଇଛି। ଏହାର ଅର୍ଥ ହେଉଛି-ଋଷୀମାନେ ଉତ୍ପାଦିତ ସାମଗ୍ରୀ ପାଇଁ ଉଚିତ ମୂଲ୍ୟ ପାଇଛନ୍ତି, କେଣସି ହାନିକାରକ କିଟନାଶକ ବ୍ୟବହାର କରାଯାଇନାହିଁ, ଶିଶୁ ଶ୍ରମିକ ନିଷିଦ୍ଧ କରାଯାଇଛି ଏବଂ ଏହି ପୋଷାକଗୁଡ଼ିକ ତିଆରି ବେଳେ ପରିବେଶକୁ ସୁରକ୍ଷା ଦିଆଯାଇଛି। ଏହି ସହଯୋଗିତା ସଂପର୍କରେ ଶ୍ରୀଯୁକ୍ତ ଚରଥ ନରସିମହନ୍, ପରିଚ୍ଳନା ନିର୍ଦ୍ଦେଶକ, ଇଣ୍ଡିଆନ ଟେରେନ୍ ଫେସନସ୍ ଲିମିଟେଡ କହିଛନ୍ତି ଯେ, ଠକ୍ତଙ୍କକ୍ଟଷ୍ପ;ଯେଉଁ ଫେସନ୍‌ର ଦୁନିଆକୁ ଆମେ ଜାଣିଥିଲୁ ତାହା ଉଦୀୟମାନ ହୋଇଛି ଏବଂ ବର୍ତମାନ ତାହା ଅଧିକ ପରିବେଶ ସଚେତନ ହୋଇପଡ଼ିଛି। ଏକ ଅଧିକ ନିରନ୍ତର ଜୀବନଯାପନ ଶୈଳୀକୁ ଗ୍ରହଣ କରିବା ବିଷୟରେ ଗ୍ରାହକମାନଙ୍କ ମଧ୍ୟରେ ଆଲୋଚନା ବଢ଼ିଛି। ଫେୟାରଟ୍ରେଡ ସହିତ ଆମର ସହଯୋଗିତା ଜରିଆରେ ବିଶ୍ୱାସ, ନିରନ୍ତରତା ଏବଂ ଗୁଣାତ୍ମକ ମାନକୁ ନେଇ ବୃଦ୍ଧି ପାଉଥିବା ଆବଶ୍ୟକତାକୁ ପୂରଣ କରିବା ପାଇଁ ନିରନ୍ତରତା ଦିଗରେ ଏହା ହେଉଛି ଅନ୍ୟତମ ପଦକ୍ଷେପ, ତେଣୁ ଭାରତର ପ୍ରଥମ ହାଇ ଷ୍ଟ୍ରିଟ ବ୍ରାଣ୍ଡରେ ପରିଣତ ହୋଇଛୁ ଯାହା ଗୁଜରାଟର ସୁରେନ୍ଦ୍ରନଗର ଜିଲ୍ଲାରୁ ଋଷୀଙ୍କ ଠାରୁ ଫେୟାରଟ୍ରେଡ କଟନ୍ ସଂଗ୍ରହ କରି ସ୍ୱତନ୍ତ୍ର ଉତ୍ପାଦ ବର୍ଗ ତିଆରି କରୁଛି। ସେ ଆହୁରି କହିଛନ୍ତି ଯେ, ଆଗକୁ ଫେୟାରଟ୍ରେଡ କଟନ୍, ରିସାଇକଲଡ କଟନ୍, ରିସାଇକଲଡ ପଲିଷ୍ଟର ଏବଂ ଅର୍ଗାନିକ ଓ ପ୍ରାକୃତିକ ଫାଇବର ଯଥା ବାଉଁଶ, ହେମ୍ପ ଯାହାକୁ ଆସନ୍ତା ତିନି ବର୍ଷ ଭିତରେ ସଚେତନ ଭାବେ ଏବଂ ନିରନ୍ତରତାର ସହ ସଂଗ୍ରହ କରାଯାଇଥିବ ତାହାକୁ ବ୍ୟବହାର କରି ସମଗ୍ର ପୋର୍ଟଫୋଲିଓର ୫୦ ପ୍ରତିଶତରୁ ଅଧିକ ଉତ୍ପାଦ ଉତ୍ପାଦନ କରିବାକୁ ଆମେ ଋହୁଁଛୁ। ଆମେ ସାର୍ଟିଫାଏଡ ଯୋଗାଣକାରୀଙ୍କ ସହ କାର୍ଯ୍ୟ କରିବୁ ଏବଂ ବ୍ୟବହାର ହେଉଥିବା କଂଋମାଲ କେଉଁଠାରେ ମିଳୁଛି ତାହା ଗୁରୁତ୍ୱାରୋପ କରି ଆମର ଲକ୍ଷ୍ୟ ସହିତ ଯୋଗାଣ ଶୃଙ୍ଖଳ ସହଯୋଗୀମାନଙ୍କୁ ଜଡ଼ିତ କରିବା ନିଶ୍ଚିତ କରିବୁ। ଜୈବ ବିଘଟିତ ପ୍ୟାକେଜିଂ ଏବଂ ଉତ୍ପାଦ ବଂଟନ ଜରିଆରେ ଅନ୍ୟାନ୍ୟ ପ୍ରକ୍ରିୟା ପର୍ଯ୍ୟନ୍ତ ମଧ୍ୟ ଆମେ ନିରନ୍ତରତାକୁ ସଂପ୍ରସାରିତ କରିବୁ। ଫେୟାରଟ୍ରେଡ ଇଣ୍ଡିଆ ସହଯୋଗିତାରେ ଇଣ୍ଡିଆନ ଟେରେନ୍‌ର ନୂଆ ସମ୍ଭାର ସବୁଠୁ ଫେସନେବଲ ପୋଷାକ ସହିତ ଦାୟିତ୍ୱବାନ ଷ୍ଟାଇଲର ଭାବ ପ୍ରଦାନ କରୁଛି। ସ୍ୱତନ୍ତ୍ର ଗ୍ରାଫିକ ପ୍ରିଂଟର ବିବିଧତା, ସଲିଡ ଓ ପାଷ୍ଟେଲ ରଙ୍ଗ ମିଶ୍ରଣର ବର୍ଗ ସହିତ ଇଣ୍ଡିଆନ ଟେରେନ୍ ପୋଷାକର ଆରାମ ଏହି ପୋଷାକକୁ ନିଶ୍ଚିତ ଦରକାରରେ ପରିଣତ କରିଛି। ଏହି କ୍ୟାପସୁଲ ସମ୍ଭାର ବର୍ତମାନ ପ୍ରଦାନ କରୁଛି ଟି;ର ସମ୍ଭାର ଯେଉଁଥିରେ ପୁରୁଷ ଓ ବାଳକଙ୍କ ପାଇଁ କ୍ରୁ ନେକ୍ ଟି-ସାର୍ଟ ରହିଛି ଏବଂ ଟି-ସାର୍ଟ ବ୍ୟତୀତ ସାର୍ଟ ଏବଂ ଟ୍ରାଉଜର ଆଦକି ନେଇ ଏକ ବୃହତ ସମ୍ଭାର ପର୍ଯ୍ୟନ୍ତ ଏହାକୁ ଆହୁରି ସଂପ୍ରସାରିତ କରାଯିବ। ପୁନଶ୍ଚ, ଗ୍ରାହକମାନେ ଇଣ୍ଡିଆନ ଟେରେନ୍ ଫେୟାରଟ୍ରେଡ ସମ୍ଭାରରୁ ଯେତେ ଅଧିକ ଉତ୍ପାଦ କିଣିବେ ଋଷୀ ସଂଗଠନଗୁଡ଼ିକ ସେତେ ଅଧିକ ପରିମାଣର ଫେୟାରଟ୍ରେଡ ପ୍ରିମିୟମ ପାଇପାରିବେ। ନିରନ୍ତରତା ଆପଣଙ୍କୁ ଭଲ ଅନୁଭୂତି ପ୍ରଦାନ କରିବ। ଅଭିଶେଷ ଜାନି, ସିଇଓ, ଫେୟାରଟ୍ରେଡ ଇଣ୍ଡିଆ କହିଛନ୍ତି ଯେ, ବିଶ୍ୱ ଫେସନ୍ ଶିଳ୍ପ କୋଭିଡ-୧୯ର ପ୍ରଭାବ ଦେଇ ଗତି କରୁଥିବା ବେଳେ ନିରନ୍ତରତାର ପ୍ରସାର ପାଇଁ ଇଣ୍ଡିଆନ ଟେରେନ୍ ବଳିଷ୍ଠ ପଦକ୍ଷେପ ଗ୍ରହଣ କରିଛି। ସେମାନଙ୍କ ଫେୟାରଟ୍ରେଡ ସମ୍ଭାର ଉନ୍ମୋଚନ ସହିତ ଇଣ୍ଡିଆନ ଟେରେନ୍ କେବଳ ଏହି ଗ୍ରହ ଓ ଯୋଗାଣ ଶୃଙ୍ଖଳର ସମ୍ବେଦନଶୀଳ ଗୋଷ୍ଠୀ ପ୍ରତି ଗଭୀର ପ୍ରତିବଦ୍ଧତା ପ୍ରଦର୍ଶନ କରିନାହିଁ ବରଂ ଭାରତୀୟ କପା ଋଷିଙ୍କୁ ସେମାନଙ୍କ ଉତ୍ପାଦ ପାଇଁ ଏକ ବଜାର ପ୍ରଦାନ କରିବା ସହ ସେମାନଙ୍କୁ ଉଚିତ ମୂଲ୍ୟ ପ୍ରଦାନ ପାଇଁ ପ୍ରତିବଦ୍ଧତାକୁ ଦୋହରାଇଛି। ଫେସନ୍ ଶିଳ୍ପରେ ପରିଋଳିତ ହେଉଥିବା ବ୍ରାଣ୍ଡ ଓ ବ୍ୟବସାୟଗୁଡ଼ିକୁ ପ୍ରଦୂଷଣ ଓ ଶୋଷଣ ଚକ୍ରରେ ସେମାନଙ୍କ ଭୂମିକାକୁ ମାନ୍ୟତା ଦେବାକୁ ପଡ଼ିବ କିମ୍ବା ସକାରାତ୍ମକ ପରିବର୍ତନ ଓ ସାମାଜିକ ସଶକ୍ତୀକରଣର ବାର୍ତାବହ ହେବାକୁ ପଡ଼ିବ।

# ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟରେ ନୂଆ ଉଦାହରଣ ସୃଷ୍ଟି କରାଯାଇଛି

ଭୁବନେଶ୍ୱର: ନିର୍ମାଣ ଯନ୍ତ୍ରାଂଶ, ହେଭି ଯନ୍ତ୍ରାଂଶ କ୍ଷେତ୍ରରେ ବିଭିନ୍ନ ଉତ୍ପାଦ ଉପଲବ୍ଧ କରାଉଥିବା ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟ ସମୟରେ ଏକ ନୂଆ ଉଦାହରଣ ସୃଷ୍ଟି କରାଯାଇଛି। କମ୍ପାନୀ ପକ୍ଷରୁ ଏହାର ସମସ୍ତ ୩୫ ଡିଲରଙ୍କୁ ସାମ୍ପ୍ରତିକ ଆହ୍ୱାନମୂଳକ ସମୟରେ ବହୁବିଧ ଆବଶ୍ୟକ ସହାୟତା ଯୋଗାଇ ଦିଆଯାଇଛି। କ୍ରେଡ଼ିଟ୍ ସମୟସୀମାକୁ କମ୍ପାନୀ ପକ୍ଷରୁ ବର୍ଦ୍ଧିତ କରାଯାଇଛି। ଏହି ସୁବିଧା ସମସ୍ତ ନିର୍ମାଣ ଯନ୍ତ୍ରାଶଂ ଏବଂ ସ୍ପେୟାର ପାର୍ଟସ୍ ପାଇଁ ଉପଲବ୍ଧ ହେଉଛି। ସେହିପରି ଗ୍ରାହକଙ୍କ ୱାରେଟିଂ ସମୟକୁ ମଧ୍ୟ ବଢ଼ାଇ ଦିଆଯାଇଛି। କମ୍ପାନୀରେ କାର୍ଯ୍ୟ କରୁଥିବା ୧୧୦୦ରୁ ଅଧିକ କର୍ମଚାରୀଙ୍କୁ ଦରମା ସହାୟତା ମଧ୍ୟ ଯୋଗାଇ ଦିଆଯାଇଛି। ଭାରତ ଏବଂ ଦକ୍ଷିଣ ଏସିଆରେ ଥିବା ଏହାର ପେ ରୋଲ୍ କର୍ମଚାରୀଙ୍କ ପାଇଁ ଏହି ସୁବିଧା ଲାଗୁ ହୋଇଛି। ଡିଲରଙ୍କୁ ଯୋଗାଇ ଦିଆଯାଇଥିବା ସହାୟତା ଯୋଗୁ ୩ ପ୍ରକାର ଲାଭ ମିଳି ପାରିଛି। ଡିଲରମାନେ ସେମାନଙ୍କର ମାନବସମ୍ବଳର ଉପଯୋଗ କରିପାରିଛନ୍ତି। ସେହିପରି ବ୍ୟବସାୟିକ ଧାରାକୁ ବଜାୟ ରଖିବା ସହିତ ବଜାର ଖୋଲିବା ପରେ ପୁଣି ସୁବିଧାରେ କାରବାର ଆରମ୍ଭ କରିପାରିଛନ୍ତି। ଏହି ଯୋଜନାବଦ୍ଧ ରଣନୀତି ଦ୍ୱାରା କମ୍ପାନୀ ୨୦୧୯ ତୁଳନାରେ ଲକ୍‌ଡାଉନ୍ ହଟିବା ପରେ ଗତ ୨ମାସ ଅଗଷ୍ଟ ଏବଂ ସେପ୍ଟେମ୍ବର ମଧ୍ୟରେ ବ୍ୟବସାୟ ବୃଦ୍ଧିରେ ଅଗ୍ରଗତି କରିପାରିଛି। କମ୍ପାନୀର ଏକ୍ସାଭେଟର ମାର୍କେଟ ଶେୟାର ୧୪.୫ ପ୍ରତିଶତରେ ପହଂଚିଛି। ଏହାର ଅଭିବୃଦ୍ଧି ହାର ୧୫ ପ୍ରତିଶତ ରହିଛି। ସେହିପରି କ୍ରାୱଲ କ୍ରେନ୍‌ର ମାର୍କେଟ ଶେୟାର ୪୫ ପ୍ରତିଶତ ଥିବାବେଳେ ଏହାର ଅଭିବୃଦ୍ଧି ହାର ୮୦ ପ୍ରତିଶତ ରହିଛି। ଟ୍ରକ୍ କେନ୍‌ର ମାର୍କେଟ ଶେୟାର ୭୦ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୧୦ ପ୍ରତିଶତ ଛୁଇଁଛି। ପିଲିଂ ରିଙ୍ଗ୍‌ର ମାର୍କେଟଶେୟାର ୭୫ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୨୪ ପ୍ରତିଶତ

ରହିଛି। ମୋଟୋର ଗ୍ରେଡ୍‌ର ମାର୍କେଟ ଶେୟାର ୧୧ ପ୍ରତିଶତ ଥିବାବେଳେ ଏହା ଅଭିବୃଦ୍ଧି ହାର ୧୦ ପ୍ରତିଶତ ରହିଛି। ସାନୀ ଇଣ୍ଡିଆ ଡିଲରମାନଙ୍କୁ ସବୁବେଳେ ଏହାର କାରବାର ବୃଦ୍ଧି ପାଇଁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଭାବେ ବିବେଚନା କରିଥାଏ। କମ୍ପାନୀର ପଦକ୍ଷେପ ଯୋଗୁ ଡିଲରମାନଙ୍କୁ ଆବଶ୍ୟକ ଆର୍ଥିକ ସହାୟତା ମିଳିପାରିଛି। ଏହି ଅବସରରେ ସାନୀ ଗ୍ରୁପ୍‌ର ଭାରତ ତଥା ଦକ୍ଷିଣ ଏସିଆ ମୁଖ୍ୟ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦୀପକ ଗର୍ଗ କହିଲେ, " ଆମେ ଆର୍ଥିକ ସହାୟତାକୁ ଉପଯୁକ୍ତ ମାର୍ଗରେ ପରିଚାଳିତ କରିପାରିଛୁ। ଏହାଦ୍ୱାରା ଡିଲରମାନେ ବିଶେଷ ଉପକୃତ ହୋଇପାରିଛନ୍ତି। ମହାମାରୀ ସଙ୍କଟ ସମୟରେ ସହାୟତା ଯୋଗୁ ଡିଲରମାନେ ସେମାନଙ୍କ କାରବାରକୁ ବନ୍ଦ ନ କରି ଜାରି ରଖିପାରିଛନ୍ତି। କୋଭିଡ୍ ସଙ୍କଟ ଆମମାନଙ୍କୁ

ଅସୁବିଧା ସମୟରେ କିଭଳି ସହାୟତା ଦ୍ୱାରା କାରବାର ବୃଦ୍ଧି କରାଯାଇ ପାରିବ ତାହାର ଏକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଦେଇଛି। ମହାମାରୀ ସଙ୍କଟ ସମୟରେ ପୃଥିବୀର ବହୁ କମ୍ପାନୀ ସେମାନଙ୍କର କର୍ମଚାରୀଙ୍କୁ ଛଟେଇ କରିବା ଆରମ୍ଭ କରିଥିଲେ। ଏପରିସ୍ଥଳେ ସାନୀ ଇଣ୍ଡିଆ ପଦୋନ୍ନତି ଏବଂ ଦରମା ବୃଦ୍ଧି କରିଥିଲା। କମ୍ପାନୀର ଏଭଳି ଦୂର ଦୃଷ୍ଟି ସମ୍ପନ୍ନ ଆର୍ଥିକ ନୀତିର ସକାରାତ୍ମକ ପ୍ରଭାବ ଏହାର ଆର୍ ଆଣ୍ଡ୍ ଡି ଉପରେ ଅନୁଭୁତ ହୋଇଛି। ଲକ୍‌ଡାଉନ୍ ସମୟରେ ଗ୍ରାହକ ଏବଂ ଫାଇନାନ୍ସର,ମଲ୍ଟିପୁଲ ଟ୍ରେନିଂ ଏବଂ ଡେଭଲପମେଂଟ୍ କାର୍ଯ୍ୟ ଆଦି ସମ୍ପନ୍ନ ହୋଇପାରିଛି।

# ନିଶାନ୍ ଇଣ୍ଡିଆ ପକ୍ଷରୁ ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍ ବି-ଏସ୍‌ୟୁଭି ଉନ୍ମୋଚିତ

ଭୁବନେଶ୍ୱର: 'ମେକ୍ ଇନ୍ ଇଣ୍ଡିଆ, ମେକ୍ ଫର୍ ୱାର୍ଲ୍ଡ' ଦର୍ଶନ ଉପରେ ନିର୍ମିତ ନିଶାନ ଇଣ୍ଡିଆ ଏହାର ବହୁ ପ୍ରତିକ୍ଷୀତ ବି-ଏସ୍‌ୟୁଭି ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍‌କୁ ଉନ୍ମୋଚନ କରିଛି। ନିଶାନ୍-ନେସ୍ କନ୍‌ସେପ୍ଟର ଏକ ବାସ୍ତବ ପ୍ରତିଫଳନ ନୂଆ ନିଶାନ୍ ମାଗ୍ନାଇଟ୍‌କୁ ଏକ ଭର୍ଚୁଆଲ ଇଭେଂଟ୍ ଜରିଆରେ ସମଗ୍ର ବିଶ୍ୱର ଦର୍ଶକଙ୍କ ପାଇଁ ଉନ୍ମୋଚିତ କରାଯାଇଥିଲା। ଏସମ୍ପର୍କରେ ନିଶାନ ମୋଟର ଇଣ୍ଡିଆର ଅଧ୍ୟକ୍ଷ, ସିନାନ୍ ଓଜ୍‌କୋକ୍ କହିଛନ୍ତିଯେ, "ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍ ଆମର ନିଶାନ୍ ନେକ୍ସଟ୍ ରଣନୀତି କ୍ଷେତ୍ରରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଛି ଏବଂ ଏକ ଗ୍ରାହକ କୈନ୍ଦ୍ରିକ ସଂସ୍ଥା ଭାବେ ଭାରତୀୟ ବଜାର ପାଇଁ ନିଶାନ୍‌ର ଅବିସ୍ମରଣୀୟ ପ୍ରତିଶ୍ରୁତିର ପ୍ରତିନିଧିତ୍ୱ କରୁଛି। ଏହି କାର୍ ସମୃଦ୍ଧ ଅଭିଜ୍ଞତା ପାଇଁ ଆକର୍ଷଣୀୟ ଉତ୍ପାଦ ଡେଲିଭର କରିବା ଲାଗି ଆମେ କରୁଥିବା ସବୁକିଛିର କେନ୍ଦ୍ରରେ ଗ୍ରାହକଙ୍କୁ ରଖିବା ନେଇ ଆମର ବ୍ରାଣ୍ଡ ଫିଲୋସୋଫିକୁ ଦୋହରାଉଛି।" ଅଲ୍-ନ୍ୟୁ ନିଶାନ ମାଗ୍ନାଇଟ୍ ହେଉଛି ନିରନ୍ତର ଉଦ୍ଭାବନ, ଅତ୍ୟାଧୁନିକ ଟେକ୍ନୋଲୋଜି ଓ ଜାପାନିଜ୍ ଇଞ୍ଜିନିୟରିଙ୍ଗର ନିଶାନର ଗ୍ଲୋବାଲ ଏସ୍‌ୟୁଭି ଡିଏନ୍‌ଏର ଏକ ପ୍ରମାଣ। ଏଥିରେ ନିଶାନ୍ ଇଂଟେଲିଜେଂଟ୍ ମୋବିଲିଟି (ଏନ୍‌ଆଇଏମ୍) ର ଅଂଶ ଭାବେ ନୂତନ ଟେକ୍ନୋଲୋଜି ଏବଂ ଯାନଗୁଡିକୁ କିଭଳି ସମାଜ ସହ ପାରିଚାଳିତ, ଡ୍ରାଇଭେନ୍ ଓ ଇଂଟିଗ୍ରେଟେଡ୍ କରାଯିବ ତାହାକୁ ନେଇ କମ୍ପାନୀର ଆଭିମୁଖ୍ୟ ସାମିଲ ରହିଛି। ଜାପାନରେ ଡିଜାଇନ୍ ହୋଇଥିବା ଓ ଭାରତୀୟ ଗ୍ରାହକଙ୍କ ଆବଶ୍ୟକତା ଓ ଆକାଂକ୍ଷାକୁ ଦୃଷ୍ଟିରେ ରଖି ନିର୍ମିତ ଅଲ୍ ନ୍ୟୁ ନିଶାନ ମାଗ୍ନାଇଟ୍‌ରେ ଏକାଧିକ ଫାର୍ଷ୍ଟ-ଇନ୍-କ୍ଲାସ୍ ଓ ବେଷ୍ଟ-ଇନ୍-ସେଗ୍‌ମେଂଟ୍ ଫିଚର ରହିଛି। ଏହାର ଫାର୍ଷ୍ଟ-ଇନ୍-କ୍ଲାସ୍ ପ୍ଲେୟାର ଗାର୍‌ନେଟ୍ ରେଡ୍ (ଟିଂଟ୍ କୋଟ୍) କଲର୍ ଗଭୀରତା ଓ ଉନ୍ନତ ଗୁଣବତା ସହ ପ୍ରିମିୟମନେସ୍‌କୁ ପ୍ରତିଫଳନ କରୁଛି। ଏହା ୯ଟି ବଡି କଲର୍‌ଏ ୫ଟି ମୋନୋଟୋନ୍ ଓ ୪ଟି ଡୁଆଲ ଟୋନ୍ କଲର୍‌ରେ ଉପଲବ୍ଧ ହେଉଛି। ଏହି କାର୍‌ରେ ସବୁଠାରୁ ପତଳା ହେଡ୍‌ଲ୍ୟାମ୍ପ, ହାଲୁକା ସେପର-ଷ୍ଟାଇଲ୍ ଟର୍ଣ୍ଣ ଇଣ୍ଡିକେଟର୍, ଏଲ୍- ସେପ୍ ଏଲଇଡି ଡେଟାଇମ୍ ରନିଙ୍ଗ ଲାଇଟ୍‌ସ (ଡିଆର୍‌ଏଲ୍) ଓ ଡୋମିନେଟିଙ୍ଗ୍ ଫ୍ରଂଟ୍ ଗ୍ରିଲ୍ ରହିଛି। ଏଥିରେ ବ୍ୟାପକ ଶୃଙ୍ଖଳାର ଆକ୍‌ସେସରିଜ୍, ଏକ ୱାୟାରଲେସ୍ ଚାର୍ଜର୍, ଏୟାର ପ୍ୟୁରିଫାୟାର, ପଡଲ୍ ଲ୍ୟାମ୍ପ ଓ ଆମ୍ବିଏଂଟ୍ ମୁଡ୍ ଲାଇଟିଙ୍ଗ ଥିବା ଟେକ୍ ପାକ୍ ରହିଛି। ଏହାର ହରାଇଜୋଂଟାଲ ଇନ୍‌ଷ୍ଟ୍ରୁମେଂଟ୍ ପ୍ୟାନେଲ ଷ୍ଟ୍ରକ୍‌ଚର ଡବଲ ଡେକ୍ କନ୍‌ସୋଲ ଏହି କାର୍‌କୁ ଅଧିକ ଚଉଡା କରୁଛି।

# କୋଟାକ ମ୍ୟୁଚୁଆଲ ଫଣ୍ଡ୍ ଶୁଭାରମ୍ଭ କଲା ଡିଜିଟାଲ ପ୍ରଚାର ଅଭିଯାନ

ମୁମ୍ବଇ : "ଲକ୍‌ଡାଉନ ପରବର୍ତ୍ତୀ ସମୟରେ ଆପଣ କ'ଣ କରିବେ ?" ଉପଭୋକ୍ତାଙ୍କର ଏହି ମାନସିକତା ପ୍ରତି ଦୃଷ୍ଟିଦେଇ କୋଟାକ ମହିନ୍ଦ୍ରା ଆସେଟ୍ ମ୍ୟାନେଜମେଠକ୍ଷଷ୍ପ; କମ୍ପାନୀ (କୋଟାକ ମ୍ୟୁଚୁଆଲ ଫଣ୍ଡ)

ତାହାର ଡିଜିଟାଲ ପ୍ରଚାରର ଅଭିଯାନ 'ସପ୍‌ନୋ ପେ କୋଇ ଲକ୍‌ଡାଉନ ନହି ହୋତା'(ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରିଛି- ଯାହାର ଅର୍ଥ ସ୍ୱପ୍ନରେ କଦାପି ଲକ୍‌ଡାଉନ ହୋଇପାରିବ ନାହିଁ। କୋଟାକ ମହିନ୍ଦ୍ରାର 'ଲେଟ୍‌ସ ପ୍ଲାନ' ଶିକ୍ଷାଭିତ୍ତିକ ଅନ୍‌ଲାଇନ ପ୍ଲାଟଫର୍ମ ଜରିଆରେ ପ୍ରଚଳନ କରାଯାଇଥିବା ଏହି ପ୍ରଚାର ଅଭିଯାନଦ ସ୍ୱପ୍ନକୁ ସାକାର କରିବା ପାଇଁ ନିୟମିତ ସଞ୍ଚୟ ଏବଂ ନିବେଶ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରୁଛି। ବିଷୟବସ୍ତୁ ଏବଂ ଏକ ସହଜରେ ବୁଝିହେଉଥିବା ହିସାବ ସହାୟତାରେ ଏହି ଅଭିଯାନ ଉପଭୋକ୍ତାଙ୍କୁ ଅନ୍ତରୀଣ ଜଟିଳ ସମୟରେ ଉପଯୁକ୍ତ ମାର୍ଗରେ ଅଗ୍ରସର ହେବା ଏବଂ ସେମାନଙ୍କର ଆର୍ଥିକ ଯାତ୍ରାରେ ସଠିକ ପଥରେ ପରିଚାଳିତ ହୋଇ ସେମାନେ ହାସଲ କରିବାକୁ ଚାହୁଁଥିବା ଆର୍ଥିକ ଲକ୍ଷ୍ୟ ହାସଲରେ ସହାୟତା କରୁଛି। ଚାକିରୀ ଅଥବା ଜୀବିକା ଉପାର୍ଜନ ଉତ୍ସ ହରାଇବା ପରେ, ସାମ୍ପ୍ରତିକ ଦୃଶ୍ୟପଟରେ ଏସଆଇପିକୁ ବନ୍ଦ ରଖିବା ଅଥବା ଜାରି ରଖିବା, ସୀମିତ ବେତନ ମଧ୍ୟରେ କିଭଳି ଖର୍ଚ୍ଚ ଓ ପୁଞ୍ଜିନିବେଶକୁ ପରିଚାଳନା କରିବା ଆଦିକୁ ନେଇ ଜୀବନ ସହିତ କିଭଳି ଆଗକୁ ବଢିବାକୁ ହେବ ସେ ସମ୍ପର୍କିତ ଅନେକ ପ୍ରାସଙ୍ଗିକ ପ୍ରଶ୍ନର ଉତ୍ତର ଏହାର ବିଷୟବସ୍ତୁରେ ରହିଛି। ବିବିଧ ଡିଜିଟାଲ ମାଧ୍ୟମରେ ପ୍ରସାରିତ ହେବାକୁ ଥିବା ଏହି ପ୍ରଚାର ଅଭିଯାନର ଭିଡିଓରେ ଜୀବନର ବିଭିନ୍ନ କ୍ଷେତ୍ରରୁ ଉପଭୋକ୍ତାଙ୍କର ଆଶା ଆକାଙ୍କ୍ଷା ପ୍ରଦର୍ଶିତ ହୋଇଛି ଏବଂ 'ଲେଟ୍‌ସ ପ୍ଲାନ୍' କିଭଳି ଜନସାଧାରଣଙ୍କ ସ୍ୱପ୍ନକୁ ସୋପାନ ପରେ ସୋପାନ ସାକାର କରିବାରେ ସହାୟକ ହେଉଛି, ତାହା ବର୍ଣ୍ଣନା କରିଛି କୋଟାକ ମହିନ୍ଦ୍ରା ଆସେଟ ମ୍ୟାନେଜମେଉୟ' କମ୍ପାନୀ ଲିମିଟେଡର ଡିଜିଟାଲ ବିଜନେଓ ମାର୍କେଟିଂ ମୁଖ୍ୟ କିଞ୍ଜାଲ ଶାହ କହିଛନ୍ତି, "ଆମର ପୁରସ୍କାରପ୍ରାପ୍ତ ପ୍ରଚାର ଅଭିଯାନ 'ଟକ୍ ଟୁ ମିଷ୍ଟର ଏସଆଇପି' ପରେ 'ସପ୍‌ନୋ ପେ କୋଇ ଲକ୍‌ଡାଉନ ନହି ହୋତା' ଉପଭୋକ୍ତାଙ୍କୁ ନୂତନ ସ୍ୱାଭାବିକ ପରିସ୍ଥିତିରେ ସେମାନଙ୍କର ଭବିଷ୍ୟତ ସମ୍ପର୍କରେ ଯୋଜନା କରିବା ଦିଗରେ ସହାୟତା କରିବାକୁ ଏକ ଅନନ୍ୟ ଶିକ୍ଷାଭିତ୍ତିକ ନିବେଶକ ପ୍ରୟାସ

ହୋଇଛି। ଏହି ପ୍ରଚାର ଅଭିଯାନର ମୂଳ ତତ୍ତ୍ୱ ହେଉଛି- ବିଶ୍ୱସ୍ତରରେ ଜୀବନ ଜୀବିକାକୁ ଧୂଳିସାତ୍ କରିଦେଇଥିବା ଭୟାନକ କରୋନାଭୂତାଣୁ ମହାମାରୀ କୋଭିଡ-୧୯ କଦାପି ଆର୍ଥିକ ଯୋଜନା ପ୍ରସ୍ତୁତି ପ୍ରକ୍ରିୟାରେ ସ୍ଥାଣୁତା ନଆଣୁ। 'ଲେଟସ ପ୍ଲାନ୍' ସହିତ ଉପଭୋକ୍ତାଙ୍କୁ ଏସଆଇପିର ପ୍ରମାଣିତ ଶକ୍ତି ବଳରେ ସେମାନଙ୍କ ଭବିଷ୍ୟତ ଯୋଜନା ପାଇଁ ଆବଶ୍ୟକ କରୁଥିବା ସାଧନ ଓ ସୂଚନା ପ୍ରଦାନକରି ସେମାନଙ୍କୁ ସଶକ୍ତ କରୁଛି।" ଏହି ପ୍ରଚାର ଅଭିଯାନ ଡିଜିଟାଲ ମାର୍କେଟିଂ ସଂସ୍ଥା ହାଇପର୍ କନେକ୍ଟ ଦ୍ୱାରା ପ୍ରସ୍ତୁତ କରାଯାଇଛି। ହାଇପର୍ କନେକ୍ଟର ସହ ପ୍ରତିଷ୍ଠାତା ତଥା କ୍ରିଏଟିଭ ମୁଖ୍ୟ କିରଣ ଖାଡ୍‌କେ କହିଛନ୍ତି, 'ସ୍ୱପ୍ନ ସଂପୂର୍ଣ୍ଣ ମାଗଣା, ତାହା ଜଣକୁ କେବଳ ସମ୍ଭାବନା ରହିଥିବାର ବିଶ୍ୱାସ ପ୍ରଦାନ କରେ। ଆମେ ଏହି ମୌଳିକ ତତ୍ତ୍ୱକୁ ବାଛିଲୁ ଏବଂ ତାହାକୁ ଏସଆଇପିର ମୂଳ ବିଷୟ ସହିତ ସଂଯୁକ୍ତ କଲୁ, ଏବଂ ତାହାପରେ ଏହି ପ୍ରଚାର ଅଭିଯାନ ସୃଷ୍ଟିହେଲା। ଭିଡିଓରେ ଏହି ବର୍ଣ୍ଣନାକୁ ପ୍ରତିପାଦନ କରାଯାଇଛି ଏବଂ ଏହାର ବିଷୟବସ୍ତୁ ନୂତନ ତଥା ପୂର୍ବରୁ ରହିଥିବା ନିବେଶକଙ୍କୁ ସହଜ ହିସାବ ଜରିଆରେ ସେମାନଙ୍କ ସ୍ୱପ୍ନକୁ ନେଇ ଅତ୍ୟନ୍ତ ସୂକ୍ଷ୍ମ ଭାବରେ ଯୋଜନା ପ୍ରସ୍ତୁତ କରିବାରେ ସହାୟତା କରୁଛି।"

# ରାଷ୍ଟ୍ରପତିଙ୍କୁ ସୌଜନ୍ୟମୂଳକ ସାକ୍ଷାତ କଲେ ପାରାଦୀପ ବିଜେପି ନେତା

ପାରାଦୀପ (ପି.ଏନ): ପାରାଦୀପ ବନ୍ଦର ପକ୍ଷରୁ ଆୟୋଜିତ ଚଳିତ ବୋଇତ ବନ୍ଦାଣ ଉତ୍ସବରେ ଯୋଗଦେବା ପାଇଁ ଏକ ଦିନିକିଆ ପାରାଦୀପ ଗସ୍ତରେ ଆସିଥିବା ମହାମହିମ ରାଷ୍ଟ୍ରପତି ଙ୍କୁ ପାରାଦୀପ ର ବିଜେପି ନେତା ମାନେ ସୌଜନ୍ୟ ମୂଳକ ସାକ୍ଷାତ କରିଥିଲେ। ନେହେରୁ ବଙ୍ଗଳା ସ୍ଥିତ ଜବାହାର ଗେଷ୍ଟ ହାଉସ ଠାରେ ସ୍ୱଳ୍ପ ରହଣି ସମୟରେ ପାରାଦୀପ ନିର୍ବାଚନ ମଣ୍ଡଳୀର ବିଜେପି ନେତା ସମ୍ପଦ ସ୍ୱାଇଁ,ପୂର୍ବତ୍ତନ ସାଂସଦ ତଥା ବିଜେପି ନେତା ବିଭୁ ପ୍ରସାଦ ତରାଇ, ଯୁଗଳ କିଶୋର ପ୍ରଧାନ, ପାରାଦୀପ ବିଜେପି ସଭାପତି ତଥା ପାରିଷଦ ସୁବ୍ରତ କୁମାର ପ୍ରଧାନ, ସର୍ବେଶ୍ୱର ବଳିୟାରସିଂ,ଗୌତମ ନାୟକ, ପାରିଷଦ ପ୍ରତାପ ନାୟକ, ପବିତ୍ର ମୋହନ ଦାସ, ସ୍ମିତା ପ୍ରଧାନ ପ୍ରମୁଖ ରାଷ୍ଟ୍ରପତି ଙ୍କୁ ସୌଜନ୍ୟ ମୂଳକ ସାକ୍ଷାତ କରିଥିଲେ ।




# ଗୁରୁ ପୂଜା ହିଁ ଈଶ୍ୱରଙ୍କ ପୂଜା

**ଓ**ଡ଼ିଆ ଭାଗବତରେ ଅଛି: ***"ସାକ୍ଷାତେ ଗୁରୁ ଯେ ଈଶ୍ୱର/ ଗୁରୁଙ୍କୁ ନମଣିବ ନର। ଗୁରୁଟି ସର୍ବ ଧର୍ମମୟେ/ ମୁହିଁ ବସଇ ଗୁରୁଦେହେ। ଏ ଘେନି ଗୁରୁ ଭଗବାନ/ ସେ ନୋହେ ମନୁଷ୍ୟ ସମାନ। ମୋତେ ପୂଜିବ ଗୁରୁଦେହେ/ମୋ ତହୁଁ ଗୁରୁ ଭିନ୍ନ ନୋହେ। ମନ ବଚନ ନିଜ ଦେହେ/ନିତ୍ୟ ସେବିବ ଗୁରୁ ପାୟେ।"***

ଅର୍ଥାତ୍ ଗୁରୁହିଁ ଈଶ୍ୱର। ଗୁରୁ ପୂଜା ହିଁ ଈଶ୍ୱରଙ୍କ ପୂଜା। ଗୁରୁ ବ୍ରହ୍ମା ବିଷ୍ଣୁ ଓ ମହେଶ୍ୱରଙ୍କ ସହିତ ସମକକ୍ଷ ବୋଲି ଶାସ୍ତ୍ରମାନେ ମତ ଦିଅନ୍ତି। ସିଏହିଁ ପ୍ରକୃତ ଗୁରୁ ଯିଏ ଅଜ୍ଞାନ ରୂପକ ଅନ୍ଧକାରରୁ ଆମକୁ ଜ୍ଞାନ ରୂପକ ଆଲୋକ ନିକଟକୁ ଆଣିଥାଆନ୍ତି। ବହୁ ପୁରାତନ କାଳରୁ ଭାରତବର୍ଷରେ ଗୁରୁ ଓ ଶିଷ୍ୟ ପରମ୍ପରା ଚାଲିଆସିଛି। ଗୁରୁ ଏବଂ ଈଶ୍ୱରଙ୍କ ମଧ୍ୟରେ କିଏ ବଡ଼ ? ଏହି ଅର୍ଥରେ ଶାସ୍ତ୍ର ଏବଂ ଉପନିଷଦମାନେ କୁହନ୍ତି ଯେ ଗୁରୁଙ୍କ ସ୍ଥାନହିଁ ପ୍ରଥମ। କାରଣ ଗୁରୁଙ୍କର ଆଶୀର୍ବାଦ ବିନା ଈଶ୍ୱର କୃପା ମିଳି ପାରିବ ନାହିଁ। ଗୁରୁହିଁ ସକଳ କୃତିତ୍ୱର ମାର୍ଗ ଏବଂ ମାର୍ଗଦର୍ଶକ। ଉପଯୁକ୍ତ ଗୁରୁ ଏବଂ ତାଙ୍କର ଆଦର୍ଶ ପାଇଁ ଶିଷ୍ୟମାନେ ଧନ୍ୟ। ଅନ୍ୟ ଅର୍ଥରେ ଉପଯୁକ୍ତ ଶିଷ୍ୟହିଁ ଉପଯୁକ୍ତ ଗୁରୁର ମର୍ଯ୍ୟଦା ରକ୍ଷାକରିପାରେ। ଗୁରୁଙ୍କ ଆଶୀର୍ବାଦରେ ପଙ୍ଗୁ ବି ପର୍ବତ ଲଙ୍ଘିପାରେ ଏବଂ ଅଭିଶାପରୁ ଠିକ୍‌ବେଳେ ମହାଭାରତ ଯୁଦ୍ଧରେ କର୍ଣ୍ଣଙ୍କ ମନ୍ତ୍ର ମନେ ନପଡ଼ିବା ଏବଂ ରଥଚକ ଭାଙ୍ଗିଲା ପରି, ଶିଷ୍ୟର ପ୍ରଭୂତ କ୍ଷତି ହୋଇଥାଏ। ପ୍ରାକ୍ ବୈଦିକ ଯୁଗରେ ଏଯାବତ୍ ସାରା ବିଶ୍ୱରେ ଗୁରୁଶିଷ୍ୟଙ୍କ ସଂପର୍କ ଅଧ୍ୟୟନ କଲେ ଛାତ୍ରଙ୍କ କୃତିତ୍ୱ ପାଇଁ : ଗୁରୁ କୃପା କେବଳମ୍। ହିନ୍ଦୁ ଧର୍ମରେ ଦ୍ରୋଣ, ବଶିଷ୍ଠ, ବିଶ୍ୱାମିତ୍ର, ବାଲ୍ମୀକିଙ୍କ ଭଳି ବହୁ ମହାନ ଗୁରୁମାନଙ୍କର ଦୃଷ୍ଟାନ୍ତ ଥିଲାବେଳେ ସେମାନଙ୍କର ଯୋଗ୍ୟତମ ଶିଷ୍ୟ ଯଥାକ୍ରମେ ଅର୍ଜୁନ, ରାମ, ଲବକୁଶ ଏବଂ ଏକଲବ୍ୟ ଭଳି ମଧ୍ୟ ଦୃଷ୍ଟିଗୋଚର ହୁଅନ୍ତି। ରାଜନୀତି କ୍ଷେତ୍ରରେ ଚାଣକ୍ୟ ଏବଂ ଚନ୍ଦ୍ରଗୁପ୍ତ, ଗୁରୁ ରାମଦାସ ଓ ଶିବାଜୀ ଏବଂ ଏମିତି ଆହୁରି ଅଛନ୍ତି। ରମାକାନ୍ତ ଆକରେକର ଏବଂ ସଚିନ ତେନ୍ଦୁଲକର, କପିଳଦେବ ଓ ଆଜାଦ୍‌ଙ୍କର କଥା ଉଲ୍ଲେଖନୀୟ। ବେଦ ଯୁଗରେ ସଂଖ୍ୟାଧିକ ଗୁରୁଙ୍କର ଗୁରୁତ୍ୱ ଥିଲା କାରଣ ବେଦଗୁଡ଼ିକୁ ଶୁଣିଶୁଣି ମନେରଖୁଥିବା ହେତୁ ଏହାକୁ ଶ୍ରୁତି କୁହନ୍ତି। ଏହାକୁ ଶୁଣାଇବା ପାଇଁ ଗୁରୁମାନଙ୍କର ଯଥେଷ୍ଟ ଆବଶ୍ୟକତା ଥିଲା ଉଭୟ ଜ୍ଞାନରେ ଓ ସଂଖ୍ୟାରେ।

ସେହିପରି ବିଶ୍ୱର ମାନସିକ ତଥା ବୌଦ୍ଧିକ ପରିବ ର୍ତନରେ ଗୁରୁମାନଙ୍କର ସ୍ଥାନ ଅନସ୍ୱୀକାର୍ଯ୍ୟ। ଏ ଦୃଷ୍ଟିରୁ କନଫୁସିୟସ, ଲାତ୍‌ସି ଗାରିବାଲ୍‌ଡ଼ି ଏବଂ ମହାତ୍ମା ଗାନ୍ଧିଙ୍କ ପରି ଗୁରୁମାନଙ୍କର ଦୃଷ୍ଟାନ୍ତ ବିରଳ ନୁହେଁ। ଦର୍ଶନ କ୍ଷେତ୍ରରେ ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ପରି ଗୁରୁଙ୍କର ପଟାନ୍ତର ନାହିଁ। ଶିକ୍ଷା ଓ ବିଜ୍ଞାନ କ୍ଷେତ୍ରରେ ଜୋହାନ ଆମୋସ ଓ କୋମେନିଅସ୍, ସେମିତି ସଂପର୍କରେ ଅରିଷ୍ଟୋଟଲ ଓ ଆଲେକ୍‌ଜଣ୍ଡାର, ଏହିକ୍ରମରେ ସକ୍ରେଟିସ୍ ଇତ୍ୟାଦି କେତେ ବିଶ୍ୱଗୁରୁ ଅଛନ୍ତି ଯାହାଙ୍କ ଯୋଗୁଁ ଗୁରୁ ଓ ଶିଷ୍ୟ ଉଭୟ ଧନ୍ୟ, ଅର୍ଥାତ୍ ଯେମିତି ଗୁରୁଙ୍କୁ ସେମିତି ଶିଷ୍ୟ। ଗୁରୁହିଁ ଦ୍ୱିତୀୟ ପିତାମାତା। ସମାଜ ଓ ବ୍ୟକ୍ତି ପାଇଁ ଗୁରୁ ହେଉଛନ୍ତି ଏକ ଅବିଚ୍ଛେଦ୍ୟ ଅଙ୍ଗ। ସୃଷ୍ଟିର ଆରମ୍ଭରୁ ଏଯାବତ୍ ଏମିତି କିଛି ବିକାଶମୂଳକ କାର୍ଯ୍ୟ ହୋଇନାହିଁ, ଯେଉଁଥିରେ ଗୁରୁଙ୍କ ପ୍ରତ୍ୟକ୍ଷ ବା ପରୋକ୍ଷ ହାତ ବା ପ୍ରେରଣା ନାହିଁ।



ଛାତ୍ରଛାତ୍ରୀଙ୍କର ଭବିଷ୍ୟ ଗଢ଼ିବାରେ ଶିକ୍ଷକଙ୍କ ଭୂମିକା ଅନସ୍ୱୀକାର୍ଯ୍ୟ। ସେହିମାନେହିଁ ତାଙ୍କ କଳାର କୁଶଳରେ ରାଷ୍ଟ୍ର ଗଠନ କରନ୍ତି। ଏଣୁ ସମାଜରେ ସେହିମାନଙ୍କର ଗୁରୁତ୍ୱକୁ ଉପଲବଧି କରି ୧୯୮୪ ମସିହା ଅକ୍ଟୋବର ୫ ତାରିଖ ଠାରୁ ବିଶ୍ୱ ଶିକ୍ଷକ ବା ଗୁରୁଦିବସ ପାଳିତ ହୋଇଆସୁଛି। ବ ର୍ତମାନ ବିଶ୍ୱର ଶତାଧିକ ଦେଶ ଏହି ଦିବସଟିକୁ ଆନନ୍ଦ ଓ ଉଲ୍ଲାସର ସହ ପାଳନ କରନ୍ତି। ଏଥିପାଇଁ ଏଜୁକେଶନ ଇ ଣ୍ଟରନ୍ୟାସନାଲ ପକ୍ଷରୁ ବିଶ୍ୱର ବିଭିନ୍ନ ସ୍ଥାନରେ ଶିକ୍ଷକତା ବୃ ତ୍ତି ଉପରେ ସଚେତନତା ସୃଷ୍ଟି କରିବା ପାଇଁ କ୍ୟାମ୍ପର ଆୟୋଜନ କରାଯାଉଛି। ଶିକ୍ଷାବିତ୍ ଓ ଦାର୍ଶନିକ ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ସ୍ମୃତି ଉଦ୍ଦେଶ୍ୟରେ ତାଙ୍କ ଜନ୍ମତିଥି ସେପ୍ଟେମ୍ବର ୫କୁ ପ୍ରତିବର୍ଷ ଗୁରୁ ବା ଶିକ୍ଷକ ଦିବସ ରୂପେ ଭାରତୀୟମାନେ ପାଳନ କରନ୍ତି। ଶିକ୍ଷକ ଦିବସ ପାଳନରେ ଭାରତହିଁ ପ୍ରଥମ ଦେଶ। ଏବେ ବିଭିନ୍ନ ଦେଶରେ ଭିନ୍ନ ଭିନ୍ନ ତାରିଖରେ ଶିକ୍ଷକ ଦିବସ ପାଳନ କରନ୍ତି। ଯେମିତି ଭାରତ ପାଇଁ ସେପ୍ଟେମ୍ବର ୫, ଚୀନରେ ସେପ୍ଟେମ୍ବର ୧୦, ତାଇୱାନରେ ସେପ୍ଟେମ୍ବର ୨୮, ଯୁକ୍ତରାଷ୍ଟ୍ର ଆମେରିକାରେ ମେ ମାସ ପ୍ରଥମ ମଙ୍ଗଳବାର... ଇତ୍ୟାଦି। ତେବେ ଆନ୍ତର୍ଜାତିକ ବା ବିଶ୍ୱ ଶିକ୍ଷକ ଦିବସରୂପେ ଅକ୍ଟୋବର ୫କୁ ପାଳନ କରାଯାଏ। ଆସନ୍ତୁ ଆମେ ଏହାର ଅଂଶୀଦାର ହେବା। ***... ତସ୍ମୈ ଶ୍ରୀ ଗୁରୁବେ ନମଃ ॥***

## ଶ୍ରୀ ବିରଜା ସେବା ସମିତି ଆନୁକୁଲ୍ୟରେ ତ୍ରିଦିବସୀୟ ମା'ଙ୍କ ରଥଯାତ୍ରା ଧାରାବିବରଣୀ ଓ ଭଜନ ସମାରୋହ ଉଦ୍‌ଯାପିତ

ଯାଜପୁର (ପିଏନ୍): ଶ୍ରୀ ବିରଜା ସେବାସମିତି ଆନୁକୂଲ୍ୟରେ ମା' ବିରଜାଙ୍କ ମହାସପ୍ତମୀ, ମହାଷ୍ଟମୀ ଓ ମହାନବମୀରେ ତ୍ରିଦିବସୀୟ ରଥଯାତ୍ରାର ଧାରାବିବରଣୀ ଓ ଭଜନ ସମାରୋହ ଉତ୍ସବ ସଭାପତି ବିଶ୍ୱମ୍ଭର ମିଶ୍ରଙ୍କ ଅଧ୍ୟକ୍ଷତାରେ ଉଦ୍‌ଯାପିତ ହୋଇଯାଇଅଛି। ସଂପାଦକ ପାଣ୍ଡବ ସାହୁ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ବୈଠକରେ ଯାଜପୁରର ସଂସ୍କୃତିକ ଅଧିକାରୀ ଶ୍ରୀଯୁକ୍ତ ଦୁର୍ଯ୍ୟୋଧନ ମଲ୍ଲିକ ଏବଂ ସୂଚନା ଲୋକସମ୍ପର୍କ ଅଧିକାରୀ ସରୋଜ କୁମାର ଶତପଥୀ ଯଥାକ୍ରମେ ଉଦ୍‌ଘାଟନ ଓ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ସେବାସମିତି ଏହିପରି ମା'ଙ୍କ ସେବାରେ ଲାଗିଥା'ନ୍ତୁ ଓ ସମିତିର ଉ ତ୍ତରୋ ତ୍ତର ଉନ୍ନତି ହେଉ ବୋଲି ତାଙ୍କ ବକ୍ତବ୍ୟ ରଖିଥିଲେ। ମହାଷ୍ଟମୀରେ ସମିତି ତରଫରୁ ମା'ଙ୍କ କାନିକା ପ୍ରସାଦ ମନ୍ଦିର ପରିସରରେ ଭକ୍ତମାନଙ୍କୁ ବ ଣ୍ଟନ କରାଯାଇଥିଲା। ବିଶିଷ୍ଟ ପ୍ରବଚକ ପଣ୍ଡିତ ସୂର୍ଯ୍ୟମଣି ଖୁ ଣ୍ଟିଆ, ଡଃ ଜୟକୃଷ୍ଣ ଦାସ, ପଣ୍ଡିତ ଭୂପତି ଭୂଷଣ ମିଶ୍ର, ପଣ୍ଡିତ କୃଷ୍ଣ ଚନ୍ଦ୍ର ମିଶ୍ର, ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ସାମଲ, କାହ୍ନୁଚରଣ ମିଶ୍ର, ନିତ୍ୟାନନ୍ଦ ଦେଓ, ଅଧିକାରୀ ନବକିଶୋର ଦାସ, ଗଦାଧର ରାଉତ, ଗିରିଧାରୀ ସ୍ୱାଇଁ, ପ୍ରମୋଦ କୁମାର ମହାନ୍ତି ପ୍ରମୁଖ ରଥ ଯାତ୍ରାର ଧାରା ବିବରଣ ପ୍ରଦାନ କରିଥିଲେ। ଉପସଭାପତି ପ୍ରମୋଦ କୁମାର ଦ୍ୱିବେଦୀ ମଂଚରେ ସଭାପତିଙ୍କୁ ସହଯୋଗ କରିଥିଲେ। ସଭ୍ୟ ବନବିହାରୀ ମହାପାତ୍ର, ଗୋବିନ୍ଦ ଚନ୍ଦ୍ର ସ୍ୱାଇଁ, ବ୍ରଜକିଶୋର ମହାନ୍ତି, ବୃନ୍ଦାବନ ମିଶ୍ର, ମଧୁସୂଦନ ମହାନ୍ତି, ହରିହର ବେହେରା, ବ୍ରହ୍ମାନନ୍ଦ ସ୍ୱାଇଁ, ବିରଜା ପ୍ରସାଦ କର, ପ୍ରବୋଧ କୁମାର ନାୟକ ପ୍ରମୁଖ ସଭ୍ୟମାନେ ମଂଚରେ ସହଯୋଗ କରିଥିଲେ। ଉମାକାନ୍ତ ପାଢ଼ୀ ଓ ତାଙ୍କର ଦଳ ୩ଦିନ ଧରି ମା'ଙ୍କ ଭଜନ ପରିବେଷଣ କରିଥିଲେ। ସଂପାଦକ ଶ୍ରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଆପଣ କେମିତି ପିତାମାତା !

**କେ**ବେଳେବେଳେ ନିଜ ବଢ଼ିଲା ପୁଅ ଝିଅଙ୍କ ବ୍ୟବହାର ଦେଖି ଆପଣ ଆଶ୍ଚର୍ଯ୍ୟ ହୋଇଯାଉଥିବେ। ଏମିତି ବ୍ୟବହାର ତ ଆପଣ କେବେ କରିନାହାନ୍ତି, ଏମିତି ଚଳଣି ଓ ଖର୍ଚ୍ଚ ତ ଆପଣ କେବେ ଶିଖେଇ ନାହାନ୍ତି। ତା'ହେଲେ ପିଲା ଏମିତି କାହିଁକି ହୋଇଯାଉଛି, ମନେମନେ ଭାବୁଛନ୍ତି ଆପଣ। କେବଳ ଆପଣଙ୍କ ଚଳଣିରୁ ସେ ଯେ ଶିଖେ ଏ କଥା ନୁହେଁ, ବଡ଼ ହେଲେ ଆପଣଙ୍କ ଚଳଣି ଓ ତା ପ୍ରତି ବ୍ୟବହାରର ଅନେକ ପ୍ରତିକ୍ରିୟା ମଧ୍ୟ ପ୍ରକାଶ ପାଏ ତା କାର୍ଯ୍ୟକଳାପରେ। ପିତାମାତାଙ୍କ ବ୍ୟବହାର ପିଲାମାନଙ୍କ ଉପରେ ଗଭୀର ପ୍ରଭାବ ପକାଏ ଏବଂ ସେମାନଙ୍କ ବ୍ୟକ୍ତିତ୍ୱର ମୂଳଦୁଆ ପକାଏ। ତେଣୁ ଆପଣଙ୍କ ପିଲା ସହ ପ୍ରତି ପଦକ୍ଷେପରେ ସାବଧାନ ରହିବା ଦରକାର। ପିଲାଦିନର ଅନୁଭବ ବ୍ୟକ୍ତିତ୍ୱକୁ ଖୁବ୍ ପ୍ରଭାବିତ କରେ। ଯେମିତି ପିଲାଦିନେ ମନରେ ଥିବା କିଛି ଅଭାବକୁ ପୂରଣ କରିବା ପାଇଁ ବଡ଼ବେଳେ କେତେଜଣ ଏତେ ବ୍ୟଗ୍ର ହୋଇପଡ଼ନ୍ତି ଯେ ଏହା ସେମାନଙ୍କ ପାଇଁ ଏକ ମାନସିକ ବିକୃତିରେ ପରିଣତ ହୋଇଯାଏ। ତା'ହେଲେ ଆସନ୍ତୁ ଜାଣିବା ପାଳନର କିଛି କଥା।

## ପିତା-ମାତା କେମିତି ହେଲେ ସନ୍ତାନ କେମିତି ହେବ....

**ଅତି ଯତ୍ନଶୀଳ ପିତାମାତା, ଦୁର୍ବଳ ବ୍ୟକ୍ତିତ୍ୱର ସନ୍ତାନ :** ଅତି ଯତ୍ନଶୀଳ ବା ଓଭର ପ୍ରୋଟେକ୍ଟିଭ ପିତାମାତାଙ୍କ ସନ୍ତାନ ବଡ଼ ହେବାପରେ ମଧ୍ୟ ସ୍ୱାଧୀନ ହୋଇପାରନ୍ତି ନାହିଁ। ସେମାନଙ୍କ ବ୍ୟକ୍ତିତ୍ୱ ଦୁର୍ବଳ ହୋଇଯାଏ, ସବୁ ଛୋଟ ବଡ଼ କାମରେ ସେମାନେ ପିତାମାତାଙ୍କୁ ଅପେକ୍ଷା କରି ରହନ୍ତି। ବଡ଼ ହୋଇ ନିଜେ ଅଭିଭାବକ ହେବାପରେ ମଧ୍ୟ କୌଣସି ନିଷ୍ପତ୍ତି ନେଇପାରନ୍ତି ନାହିଁ। ନିଜ ପିଲାଙ୍କ ଚାରିପାଖରେ ଘେରି ରହି ସେମାନଙ୍କୁ ସବୁବେଳେ ନିର୍ଭରଶୀଳ କରାଇ ଦେଇଥିବା ପିତାମାତାଙ୍କୁ ହେଲିକପ୍ଟର ପ୍ୟାରେଣ୍ଟ ବୋଲି କୁହାଯାଏ। ଆପଣଙ୍କର ଏପରି ବ୍ୟବହାର ପିଲାର ଭାବନାତ୍ମକ ଓ ମାନସିକ ବିକାଶକୁ ପ୍ରତିରୋଧ କରିଦିଏ। ତେଣୁ ସେମାନଙ୍କୁ ନିଜ ଦୃଷ୍ଟିରେ ଦୁନିଆ ଦେଖିବାକୁ ଓ ଦୁନିଆକୁ ବୁଝିବାର ସୁଯୋଗ ଦିଅନ୍ତି। ଯେଉଁଠାରେ ଆବଶ୍ୟକ ସେହିଠାରେ ସେମାନଙ୍କୁ ସହଯୋଗ ଦିଅନ୍ତୁ।

**ସନ୍ଦେହୀ ପିତାମାତା: ଅବିଶ୍ୱାସୀ ସନ୍ତାନ:** ପିଲାମାନେ ଭୁଲ ବାଟରେ ନଯିବା ପାଇଁ ସେମାନଙ୍କ ଉପରେ ନଜର ରଖିବା ଠିକ୍ କଥା, ମାତ୍ର ସେମାନଙ୍କ ଉପରେ ଅତ୍ୟଧିକ ନଜର ରଖିଲେ ଏହା ସେମାନଙ୍କର ସମସ୍ତଙ୍କ ପ୍ରତି ବିଶ୍ୱାସ ନଷ୍ଟ କରିଦିଏ। ପିତା-ମାତା ଅତ୍ୟଧିକ ସନ୍ଦେହ କରିବା ପିଲାମାନଙ୍କର ସେମାନଙ୍କ ପ୍ରତି ଓ ସମାଜ ପ୍ରତି ଭରସା କମ୍ କରିଦିଏ। ସବୁବେଳେ ସେମାନେ ଫୋନ୍ କଲେ କଥାବାର୍ତ୍ତା ଶୁଣିବା, ସେମାନଙ୍କର ବହିପତ୍ର ଆଦି ଦେଖିବା ଦ୍ୱାରା ପିଲା ସବୁବେଳେ ଭୟ ଭିତରେ ରୁହେ - କାଳେ କେଉଁଠି ଭୁଲ ଧରାପଡ଼ିଯିବ କି ? ଏଥିପାଇଁ ସେ ସବୁବେଳେ ପ୍ରସ୍ତୁତ ହୋଇ ରହେ, ନିଜକୁ ବଞ୍ଚେଇବା ପାଇଁ କ'ଣ ମିଛି କହିବ ? ସନ୍ଦେହୀ ପିତାମାତା ସବୁ ପରିସ୍ଥିତିକୁ ନେଇ ନିଜ ସନ୍ତାନମାନଙ୍କର ଏକ ଭୟ ସୃଷ୍ଟି କରିଥାନ୍ତି। ଏହି ଭୟ ସହ ବଡ଼ ହେଉଥିବା ପିଲାମାନଙ୍କର ଆତ୍ମବିଶ୍ୱାସ ସ୍ତର ଖୁବ୍ କମ୍ ହୋଇଯାଏ ଓ ସେମାନେ ସହଜରେ କାହା ଉପରେ ବିଶ୍ୱାସ କରିପାରନ୍ତି ନାହିଁ। ଯଦି ଆପଣଙ୍କୁ ମନେ ହେଉଛି ଯେ ପିଲାର ବ୍ୟବହାର ସନ୍ଦେହଜନକ ଓ ତା'ଉପରେ କଡ଼ା ନଜର ରଖିବାକୁ ହେବ, ତା' ହେଲେ ପ୍ରଥମେ ପିଲା ସହ ଆପଣଙ୍କ ସନ୍ଦେହ ବିଷୟରେ ଆଲୋଚନା କରନ୍ତୁ। ଏହାପରେ ତା ଉପରେ ନଜର ରଖିବା ଦରକାର ହେଲେ ପିତାମାତା ପରି ନଜର ରଖନ୍ତୁ, ଗୁଇନ୍ଦା ପରି ନୁହେଁ। ପିଲାକୁ ନିଜ ଭୁଲରୁ କିଛି ଶିଖିବା ପାଇଁ ମଧ୍ୟ ଛାଡ଼ନ୍ତୁ।

**କୁଭାଷା କହୁଥିବା ପିତାମାତା: ନିୟନ୍ତ୍ରଣହୀନ ସନ୍ତାନ:** ପିଲାକୁ ତାର ଭୁଲ ବିଷୟରେ କହିବା ଉଚିତ ହେଲେ ତାକୁ ରାଗି କୁଭାଷା ପ୍ରୟୋଗ କରିବା କିମ୍ବା ମାରପିଟ କରିବା ଠିକ୍ ନୁହେଁ। ଏହା ସେମାନଙ୍କ ମସ୍ତିଷ୍କ ଉପରେ ଖରାପ ପ୍ରଭାବ ପକାଏ। ପିଲାକୁ ଖରାପ ଭାଷାରେ ଗାଳିଗୁଲଜ କଲେ ତାର ମାନସିକ ଅଭିବୃଦ୍ଧି ବ୍ୟାହତ ହୁଏ ଏବଂ ଆତ୍ମବିଶ୍ୱାସ କମ୍ ହୋଇଯାଏ। ଏମିତି ପିଲା ବଡ଼ ହୋଇ ଅଧିକ ଉଗ୍ର ହୋଇଯାଆନ୍ତି ଏବଂ କଥା କଥାରେ ଭଙ୍ଗାରୁଜା କରନ୍ତି। ସେମାନଙ୍କୁ ନିୟନ୍ତ୍ରଣ କରିବା କଷ୍ଟ ହୋଇଯାଏ। ପିତାମାତା ଦୁର୍ବ୍ୟବହାର କରୁଥିବା ପିଲାମାନେ ବିଛଣାରେ ପରିସ୍ରା କରନ୍ତି। ପାଠପଢ଼ାରେ ସେମାନଙ୍କର ଏକାଗ୍ରତା ରହେନାହିଁ। ତେଣୁ ଥରେ ରାଗିବା ପୂର୍ବରୁ ଅଟକିଯାଇ ଦେଖନ୍ତୁ ପାଟିରୁ କିଛି ଖରାପ ଭାଷା ବାହାରି ଆସୁନି ତ ?

**ଜିତିବାକୁ ଚାହୁଁଥିବା ପିତାମାତା-ଆତ୍ମହତ୍ୟାପ୍ରବଣ ସନ୍ତାନ:** ପିଲାଙ୍କ ଉପରେ ସବୁବେଳେ ଜିତିବା ପାଇଁ ଚାପ ପକାଉଥିବା ପିତାମାତା ସେମାନଙ୍କ ପାଇଁ ବୋଝ ପାଲଟି ଯାଆନ୍ତି, ପିଲାମାନେ ମାନସିକ ଭାରସାମ୍ୟ ହରାନ୍ତି। ଏମାନଙ୍କ ମଧ୍ୟରେ ଆତ୍ମହତ୍ୟାପ୍ରବଣତା ଦେଖାଯାଏ। ସାମାନ୍ୟ ହାର ସେମାନେ ବରଦାସ୍ତ କରିପାରନ୍ତି ନାହିଁ। ପିତାମାତା ଛୋଟ ଛୋଟ ଅସଫଳତା ମଧ୍ୟ ସହ୍ୟ କରିପାରୁ ନଥିବାରୁ ପିଲାମାନେ ସ୍ୱାଭାବିକ ଭାବରେ ବଡ଼ ହୋଇପାରନ୍ତି ନାହିଁ। ବଡ଼ ହେବା ପରେ ସେମାନେ ଅନ୍ୟମାନଙ୍କ ଆଶାକୁ ସାମ୍ନା କରିବାକୁ ଡରନ୍ତି ଏବଂ ଆଶା ପୂରଣ କରିନପାରିଲେ ନିଜ ଜୀବନକୁ ମୂଲ୍ୟହୀନ ମନେକରନ୍ତି। ପିତାମାତାଙ୍କର ଏହି ଅଭ୍ୟାସକୁ ହାଇପର ପ୍ୟାରେଣ୍ଟିଙ୍ଗ ସିଣ୍ଡ୍ରୋମ୍ ବୋଲି କୁହାଯାଏ। ଏହି ପିତାମାତା ନିଜର ନକାରାତ୍ମକ ଭାବନା ତ ପ୍ରକାଶ କରିପାରନ୍ତି କିନ୍ତୁ ସକାରାତ୍ମକ ଭାବନା ନୁହେଁ। ମାତ୍ର ପିଲା ପାଇଁ ତା ସମ୍ପର୍କରେ କ'ଣ ସକାରାତ୍ମକ ଭାବନା ରହିଛି ପିତାମାତାଙ୍କର ତାହା ଜାଣିବା ଖୁବ୍ ଜରୁରୀ। ପିତାମାତାଙ୍କର ଏହି ଅତ୍ୟଧିକ ଆଶା ଓ ସନ୍ତାନକୁ ସବୁଥିରେ ସଫଳ ଦେଖିବାର ସ୍ୱପ୍ନ ସେମାନଙ୍କଠାରୁ ସନ୍ତାନକୁ ଛଡ଼ାଇ ଦିଏ। ତେଣୁ ସନ୍ତାନ ଅସଫଳ ହେଲେ ତାକୁ ସଫଳ ହେବା ପାଇଁ ପ୍ରେରଣା ଦିଅନ୍ତୁ। ମାତ୍ର ଅସଫଳତାକୁ ତା ପାଇଁ ବୋଝ କରିଦିଅନ୍ତୁ ନାହିଁ।

**ତୁଳନା କରୁଥିବା ପିତାମାତା-ବଡ଼ିମା ଦେଖାଉଥିବା ସନ୍ତାନ:** ଅନେକ ପିତାମାତା ଅଛନ୍ତି ଯେଉଁମାନେ ନିଜ ପିଲାର ପ୍ରତିଭାକୁ ଠିକ୍ ଭାବରେ ଚିହ୍ନିପାରନ୍ତି ନାହିଁ। ପ୍ରତି ସମୟରେ ପିଲାକୁ ଏହା କହି ଦୁର୍ବଳ କରାଇ ଦିଅନ୍ତି-ଯଦି ସେ ଏହା ପାରୁଛି, ତୁ କାହିଁକି ପାରିବୁନି। ଏମିତି ପିଲା ନିଜକୁ କୌଣସି କାର୍ଯ୍ୟର ଯୋଗ୍ୟ ବୋଲି ଭାବନ୍ତି ମୋ ପାଖରେ କିଛି ବି ନାହିଁ। ଏହି ଭାବନା ଲୁଚାଇବା ପାଇଁ ସେ ଅଧିକ ବଢ଼େଇ ଚଢ଼େଇ କହିବାର ଅଭ୍ୟାସ କରିନିଏ। ନିଜକୁ ଅନ୍ୟଠାରୁ ବଡ଼ ଦେଖାଇବା ପାଇଁ ସେ ମିଛ କଥା କୁହେ। ତେଣୁ ପିଲାକୁ ସବୁବେଳେ ଅନ୍ୟ ସହ ତୁଳନା କରି ତାକୁ ଭାଙ୍ଗି ଦିଅନ୍ତୁ ନାହିଁ। ବରଂ ଛୋଟ ଛୋଟ ସଫଳତାରେ ପ୍ରଶଂସା କରନ୍ତୁ ଏବଂ ସଫଳ ହେବା ପାଇଁ ପ୍ରେରଣା ଓ ସହଯୋଗ ଦିଅନ୍ତୁ।

**ସମୟ ଦେଉନଥିବା ପିତାମାତା-ଗର୍ବୀ ସନ୍ତାନ:** କିଛି ପିତାମାତା ଅଛନ୍ତି ଯେଉଁମାନଙ୍କର ପିଲାର ଦାୟିତ୍ୱପ୍ରତି ଆଗ୍ରହ ନଥାଏ। ସେମାନେ ପିଲାଙ୍କ ପାଇଁ ସମୟ ଦିଅନ୍ତି ନାହିଁ। ବରଂ ପିଲାକୁ ଶାସନ କଲେ ମନଦୁଃଖ କରନ୍ତି। ସେମାନଙ୍କର ବ୍ୟବହାର ମଧ୍ୟ ପିଲା ଉପରେ ଖରାପ ପ୍ରଭାବ ପକାଏ। ସମୟ ଦେଉନଥିବାରୁ ଏହି ପିତାମାତା ପ୍ରାୟ ପିଲାକୁ କେଉଁଥିରେ ବାରଣ କରିପାରନ୍ତି ନାହିଁ। ଫଳରେ ପିଲା ଅତ୍ୟଧିକ ଆତ୍ମବିଶ୍ୱାସୀ ଓ ଗର୍ବୀ ହୋଇଯାଆନ୍ତି। ସେମାନେ ନିଜର ସମାଲୋଚନା କେବେ ମଧ୍ୟ ବରଦାସ୍ତ କରିପାରନ୍ତି ନାହିଁ। ଆପଣଙ୍କ ପାଖରେ ଧନ ପ୍ରତିପତ୍ତି, କ୍ଷମତା ସବୁକିଛି ଥାଇପାରେ କିନ୍ତୁ ସମସ୍ତେ ଭୁଲିଯାଉଛେ ଯେ ପିଲାମାନେ ହେଉଛନ୍ତି ଆମର ସବୁଠାରୁ ମୂଲ୍ୟବାନ ସମ୍ପତ୍ତି। ସେମାନଙ୍କୁ ଆମେ ଯେଉଁପରି ଗଢ଼ିତୋଳିବା ସେମାନେ ସେହିପରି ଜୀବନ ନିର୍ବାହ କରିବେ ଓ ସେମାନଙ୍କ ଜୀବନର ମୂଲ୍ୟବୋଧକୁ ଆଗେଇ ନେଇ ଆପଣଙ୍କର ଆପଣଙ୍କ ପରିବାରର ଓ ଆପଣଙ୍କ ଆତ୍ମୀୟସ୍ୱଜନ ବନ୍ଧୁବର୍ଗ ସମସ୍ତଙ୍କର ସମ୍ମାନ ବଢ଼ାଇବେ। ଏହାକୁ ମନେରଖିବା ଉଚିତ।

# ଆଦ୍ୟ ସାମ୍ବାଦିକ ଦେବର୍ଷି ନାରଦ



**ସ**ମ୍ବାଦ କୌଣସି ଘଟଣା, ଅଘଟଣ, ବିବରଣୀ। ସିଏ ଜୀବନକୁ, ଜଗତକୁ, ଅର୍ଥାତ ମୋହାସକ୍ତ ହୁଏ ନାହିଁ। ସାମ୍ବାଦିକତାର ଚାବୁକରେ ଆଘାତ ସେମାନଙ୍କ ଛଦ୍ମମୁଖାକୁ ଖୋଲିଦିଏ। ଯାହାର ଲକ୍ଷ୍ୟ ହୁଏ ସମାଜ ଓ ରାଷ୍ଟ୍ରର ସାମ୍ବାଦିକ, ତାହାଙ୍କର ସମ୍ବାଦ ଜନଗଣଙ୍କର ପ୍ରେରଣାର ମାଧ୍ୟମ। ବ୍ୟକ୍ତିବିଶେଷଙ୍କର ମହତ୍‌ଗୁଣର ଅନ୍ୟ କୌଣସି ସମାଜବିରୋଧୀ ମାନବ ଉପଲବ୍ଧ କରନ୍ତି। ସବୁ ଯୁଗରେ ସମ୍ବାଦ କେତେବେଳେ ଲିଖିତ। ପ୍ରାଚୀନ ସୁଯୋଗ, ଦୁର୍ଯ୍ୟୋଗର ଏକ ସତ୍ୟନିଷ୍ଠ ମଣିଷକୁ, ସମାଜକୁ ରାଷ୍ଟ୍ରକୁ ଭଲପାଏ ସମାଜର ବା ରାଷ୍ଟ୍ର ଦୁଷ୍ଟବ୍ରଣମାନଙ୍କୁ ଦେଇ ପଦାରେ ପକାଇ ଦିଏ। ଅସୂୟାପ୍ରଣୋଦିତ ହୁଏ ନାହିଁ। କଲ୍ୟାଣ, ସେହି ହିଁ ହୁଏ ଯଥାର୍ଥ ପରିବେଷଣ ହୁଏ ଅଗଣିତ ଏପରି ସମ୍ବାଦରୁ ଜନଗଣ କୌଣସି ଯେପରି ପରିଚୟ ପାଆନ୍ତି ସେପରି ବିଦ୍ୱେଷୀ ବ୍ୟକ୍ତିଙ୍କର ସ୍ୱରୂପକୁ ଅଛି -କେତେବେଳେ ମୌଖିକ, ଯୁଗରେ ସମ୍ବାଦ ଏକ ବୃତି ନଥିଲା, ନଥିଲା ମଧ୍ୟ ଏକ ଜୀବିକା। ବର୍ତମାନ ସମୟରେ ସମ୍ବାଦ ସାମ୍ବାଦିକତା ଏକ ବୃତି,ଏକ ଜୀବିକା। ସମ୍ବାଦପତ୍ର ଏହାର ଆଧାର। ସାମ୍ବାଦିକର ଧର୍ମ ସୁସ୍ଥ ସାମାଜିକ ବାତାବରଣ ପ୍ରତିଷ୍ଠା, ନୈତିକ ମୂଲ୍ୟବୋଧର ଜାଗରଣ। ତେଣୁ ସେ ବିବେକବାନ। ସତ୍ୟର ଉପାସ୍ୟ। ମିଥ୍ୟାକୁ ପ୍ରଶ୍ରୟ ଦିଏ ନାହିଁ। ଅଧର୍ମକୁ ବରଦାସ୍ତ କରେ ନାହିଁ। ନୈତିକ ମୂଲ୍ୟବୋଧ ଜାଗରଣର ଅଗ୍ରଦୂତ ସାମ୍ବାଦିକ। ନାରଦ ଏହିପରି ଜଣେ ସାମ୍ବାଦିକ। ନାରାୟଣ ନାରାୟଣ... ଉଦ୍‌ଘୋଷ କରି ଯିଏ ତିନିଲୋକ ଭ୍ରମଣ କରନ୍ତି ସେହି ନାରଦ ଏକ ବ୍ୟକ୍ତି ନୁହଁନ୍ତି,ଏକ ଅନୁଷ୍ଠାନ। ବିଶ୍ୱରେ ସମ୍ବାଦ ତାଙ୍କର କାର୍ଯ୍ୟ। ଲୋକକଲ୍ୟାଣ ତାଙ୍କର ଲକ୍ଷ୍ୟ। ଈଶ୍ୱରଭକ୍ତି ତାଙ୍କର ମାର୍ଗ। ଏଥିପାଇଁ ନାରଦଙ୍କୁ ଯେଉଁଠି ଯେଉଁ ସମୟରେ ଖୋଜିବ ସେଇଠି ମିଳିବେ। ସ୍ୱର୍ଗ, ମର୍ତ୍ୟ, ଆକାଶ ପାତାଳ ସବୁଠି ତାଙ୍କର ଅଗାଧ ପ୍ରବେଶ। ନାରଦଙ୍କ ପାଇଁ କୌଣସି ସ୍ଥାନ ଦୁର୍ଗମ ନୁହେଁ କି ଅଗମ୍ୟ ନୁହେଁ। ସେ ଦେବତାଙ୍କ ନିକଟକୁ ଆସନ୍ତି ଦାନବଙ୍କ ନିକଟକୁ ମଧ୍ୟ ଯାଆନ୍ତି। ସମସ୍ତଙ୍କ ଦ୍ୱାର ତାଙ୍କ ପାଇଁ ଉନ୍ମୁକ୍ତ। ସମସ୍ତେ ତାଙ୍କୁ ସ୍ୱାଗତ କରନ୍ତି। ସମସ୍ତେ ତାଙ୍କୁ ପୂଜା କରନ୍ତି। ପରୋପକାର ନାରଦଙ୍କର ବୃତି। ଏହା ତାଙ୍କର ଜୀବନ ଧ୍ୟେୟ ଅଟେ। ବାସ୍ତବରେ ନାରଦ ଆଦର୍ଶ ସମ୍ବାଦର ସୂତ୍ରଧର ଅଟନ୍ତି। ତେଣୁ ତାଙ୍କୁ ଆଦ୍ୟ ସାମ୍ବାଦିକ କହନ୍ତି। ଶାସ୍ତ୍ର ଅନୁସାରେ ଯେତେବେଳେ ଭଗବାନ ଯୋଗନିଦ୍ରାରୁ ଜାଗ୍ରତ ହେଲେ ତାଙ୍କର ନିଃଶ୍ୱାସରୁ ମରୀଚ ଆଦି ଋଷିମାନଙ୍କ ସହିତ ନାରଦ ମଧ୍ୟ ପ୍ରକଟ ହୋଇଥିଲେ। ତାଙ୍କୁ ଦଶକନ୍ୟା ଏବଂ ରାଜା ପରେମେଷ୍ଟିଙ୍କ ପୁତ୍ର କୁହଁନ୍ତି। କେତେକ ପୁରାଣରେ ତାଙ୍କୁ ବ୍ରହ୍ମାଙ୍କର ମାନସପୁତ୍ର ରୂପରେ ବର୍ଣ୍ଣନା କରାଯାଇଛି। ନାରଦଙ୍କ ଜନ୍ମ ବିଷୟରେ ଅନେକ ଲୋକକଥା ପ୍ରଚଳିତ ଅଛି। ସେ ଅଳ୍ପ ସମୟ ମଧ୍ୟରେ ସବୁ ଶାସ୍ତ୍ରର ଅଧ୍ୟୟନ କରିଥିଲେ। ସେ ବୃହସ୍ପତିଙ୍କ ନିକଟରୁ ବେଦ ବେଦାନ୍ତ ଶିକ୍ଷା କରିଥିଲେ। ସନତକୁମାର ତାଙ୍କୁ ବ୍ରହ୍ମ ଜ୍ଞାନ ଶିକ୍ଷାଦେଇଥିଲେ। ବ୍ରହ୍ମଦେବଙ୍କଠାରୁ ବିଷ୍ଣୁ ମନ୍ତ୍ର ଏବଂ ଗନ୍ଧର୍ବଙ୍କ ନିକଟରୁ ସଂଗୀତ ବିଦ୍ୟା ଶିକ୍ଷା କରିଥିଲେ। ସେ ଥିଲେ ସୂଚନା ବିଦ୍ୟାର ଅଧିକାରୀ। ନାରଦଙ୍କର ସରସ୍ୱତୀ ତଟରେ ଏକ ଆଶ୍ରମ ଥିଲା। ସେ ଆଶ୍ରମରେ କମ୍ ରହୁଥିଲେ ବେଶୀ ଭ୍ରମଣ କରୁଥିଲେ। ସେ ନାରଦ ଭକ୍ତିସୂତ୍ର, ନାରଦ ସ୍ମୃତି, ନାରଦ ପଂଚରାତ୍ର, ନାରଦୋପନିଷଦ, ସଙ୍ଗୀତ ମକରନ୍ଦ, ରାଗ ନିରୁପଣ, ପଂଚମ ସାର ସଂହିତା, ଦତନାରଦ ସମ୍ବାଦ ଆଦି ଗ୍ରନ୍ଥ ରଚନା କରିଛନ୍ତି। ଭକ୍ତିରସ ବିଷୟ ଉପରେ ତାଙ୍କର ବହୁତ ଦଖଲ ଥିଲା। ସ୍ୱୟଂ ମହାନ ଭକ୍ତ ଥିଲେ। ଆଜନ୍ମ ଭକ୍ତିରସର ପ୍ରଚାର ପ୍ରସାର କରିଥିଲେ। ତେଣୁକରି ତାଙ୍କର ଭକ୍ତିସୂତ୍ର ଆତ୍ମାନୁଭୂତିରୂପ ଅମୃତ ଅଟେ। ନାରଦ ଭକ୍ତିସୂତ୍ର ଏକ ଅଲୌକିକ ଗ୍ରନ୍ଥ ଅଟେ। ତାଙ୍କର ଭକ୍ତି ବିଷୟ ସର୍ବଶ୍ରେଷ୍ଠ ଗ୍ରନ୍ଥ। ସେଥିରେ ନବଜୀବନ ଦେବାର ସାମର୍ଥ୍ୟ ରହିଛି। ଏଥିରେ ଭକ୍ତଙ୍କର ଲକ୍ଷଣ ଓ ପ୍ରକାରଭେଦ ସମ୍ପର୍କରେ ମଧ୍ୟ ଉଲ୍ଲେଖ ଅଛି। ଏହି କଳ୍ପନା ମଧ୍ୟରେ ନାରଦ ଅଜର ଓ ଅମର। ସେ ସବୁଆଡେ ଭ୍ରମଣକରି ଭକ୍ତିମାର୍ଗର ପ୍ରଚାର ପ୍ରସାର କରିଥିଲେ। ତାଙ୍କ ବୀଣାର ଝଙ୍କାର ତଥା ନାରାୟଣ ନାରାୟଣର ଉଦ୍‌ଘୋଷ ଆଜି ବିଶ୍ୱ ବ୍ରହ୍ମାଣ୍ଡର ଚାରିଆଡେ ଶୁଣିବାକୁ ମିଳୁଛି। ନାରଦ ହେଉଛନ୍ତି ବିଶ୍ୱ ସାମ୍ବାଦିକତା ବା ୟୁନିଭର୍ସାଲ ଜର୍ଣ୍ଣାଲିଜିମ୍‌ର ପୃଷ୍ଠପୋଷକ। ସେ ଥିଲେ ସତ୍ୟନିଷ୍ଠ ଓ ସାରା ବିଶ୍ୱକୁ ସମ୍ଭାଳି ରଖିବାର ଧର୍ମ ଆଧାରିତ ସାମ୍ବାଦିକତାର ପରିଚୟ। ସତ୍ୟର ଭିତିଭୂମି ଉପରେ କୁସଂସ୍କାରକୁ ଦୂର କରି ସମାଜକୁ ସୁପୃଷ୍ଟ କରିବା ପାଇଁ ଏକନିଷ୍ଠ ଉଦ୍ୟମ ସାମ୍ବାଦିକତାର ଧର୍ମ ହେବା ଉଚିତ୍। ପୂର୍ବକାଳରେ ମହାନ ବ୍ୟକ୍ତିମାନେ ସାମ୍ବାଦିକତା ଜରିଆରେ ସମାଜ ଓ ଜନଗଣରେ ସଚେତନତା ସୃଷ୍ଟିପାଇଁ ଉଦ୍ୟମ କରୁଥିଲେ। ମାତ୍ର ବର୍ତମାନ ସାମ୍ବାଦିକତା ଏକ ବୃତି ପାଲଟି ଯାଇଛି।

## ନାବାଳିକା ଦୁଷ୍କର୍ମ ମାମଲାରେ ଅଭିଯୁକ୍ତକୁ ୨୦ ବର୍ଷ ଜେଲ

ବାଲେଶ୍ୱର (ପିଏନ୍)-ନାବାଳିକା ଦୁଷ୍କର୍ମ ମାମଲାର ବିଚାର କରି ବାଲେଶ୍ୱର ଅତିରିକ୍ତ ଜିଲ୍ଲା ଦୌରାଜଜ ତଥା ସ୍ୱତନ୍ତ୍ର ପକ୍ସୋ କୋର୍ଟର ଜଜ୍ ରଞ୍ଜନ କୁମାର ସୁତାର ଅଭିଯୁକ୍ତକୁ ୨୦ ବର୍ଷ ଜେଲଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅର୍ଥ ଅନାଦେୟ ଅଭିଯୁକ୍ତକୁ ଅଧିକ ୨ ବର୍ଷ ଜେଲ ଦଣ୍ଡ ଭୋଗିବେ ବୋଲି ରାୟରେ ପ୍ରକଶ କରିଛନ୍ତି। ସୂଚନା ଥାଉ କି, ୨୦୧୯ ମସିହା ଅଗଷ୍ଟ ୧୭ ତାରିଖ ବାଲେଶ୍ୱର ସିଂଲା ଥାନା ଅ ଞ୍ଚଳର ଜନୈକା ନାବାଳିକାକୁ ସମ୍ପର୍କୀୟ ଭାଇ ଅଭିଯୁକ୍ତ ସଞ୍ଜୟ ଦାସ ଦୁଷ୍କର୍ମ କରିଥିବାର ନାବାଳିକାର ବାପା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏ ବାବଦରେ ସିଂଲା ଥାନା ପକ୍ଷରୁ ୧୨୦/୨୦୧୯ ଦଫା ୩୪୨, ୩୨୪, ୩୭୬, ୫୦୬ ଆଇପିସି ୬ ପକ୍ସୋ ଆକ୍ଟରେ ମାମଲା ରୁଜୁ କରି ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ମାମଲାର ୧୨ ଜଣଙ୍କ ସାକ୍ଷ୍ୟ ପ୍ରମାଣ ଓ ସମସ୍ତ ନଥିପତ୍ରକୁ ଭି ତ୍ତି କରି ସ୍ୱତନ୍ତ୍ର ପକ୍ସୋ କୋର୍ଟର ଜଜ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ଏଥିସହିତ ପିଡ଼ିତାକୁ ପାଂଚଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାରେ ସରକାରଙ୍କ ପକ୍ଷରୁ ଆଇନଜୀବୀ ପ୍ରଣବ ପଣ୍ଡା ମୋକଦ୍ଦମା ପରିଚାଳନା କରିଥିଲେ।


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel (0674) 2556225, 2558884, Fax : 2550504
Email maharishipublicschool@yahoo.com
Web www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

ଖେଳ
ସାଧାରଣ ଲୋକଙ୍କ ଖବରକାଗଜ
# ପର୍ଯ୍ୟବେକ୍ଷକ 25
PARYABEKHYAK
पर्यवेक्षक

Bhubaneswar Wednesday November 29, 2023 ଭୁବନେଶ୍ୱର ବୁଧବାର, ନଭେମ୍ବର ୨୯,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com 

## ଶେରଗଡ଼ ବ୍ଲକର ଧବଳପୁର ଠାରେ ଆମ ବ୍ୟାଙ୍କ ସେବା ଉଦଘାଟିତ



ଶେରଗଡ଼ ( ପିଏନ ): ଶେରଗଡ଼ ବ୍ଲକ ଅନ୍ତର୍ଗତ ଧବଳପୁର ଗ୍ରାମପଞ୍ଚାୟତ ରେ ରାଜ୍ୟ ସରକାରଙ୍କ ଆମ ବ୍ୟାଙ୍କ ଉଦଘାଟିତ ହୋଇଯାଇଛି । ରାଜ୍ୟ ସରକାରଙ୍କ ମୂଳ ଲକ୍ଷ୍ୟ ହେଲା ଗ୍ରାମାଞ୍ଚଳ ରେ ଲୋକମାନେ ହାତ ପାହାନ୍ତାରେ ବ୍ୟାଙ୍କ ସେବା ପାଇବା ଏହାର ମୂଳ ଲକ୍ଷ୍ୟ, ଏହି ପରିପ୍ରେକ୍ଷୀରେ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟନାୟକ ଭିଡିଓ କନଫରେନ୍ସ ଜରିଆରେ ଉଦଘାଟନ କରିଛନ୍ତିକ୍ଷ ପ୍ରତି ଗ୍ରାମପଞ୍ଚାୟତ ରେ ବ୍ୟାଙ୍କିଂ ସେବା ପାଇଁ ଏକ ଐତିହାସିକ ଓ ଯୁଗାନ୍ତକାରୀ ପଦକ୍ଷେପ କ୍ଷ ନିରବିଚ୍ଛିନ୍ନ ବ୍ୟାଙ୍କିଂ ସେବା ତଥା ନାଗରିକଙ୍କ ପାଇଁ ସରକାରଙ୍କ ଦ୍ୱାରା ସିଧାସଳଖ ଲାଭ ସ୍ଥାନାନ୍ତରିତ (DBT) ର ଠିକ ସମୟରେ ଉପଲବ୍ଧତା ପାଇଁ ବ୍ୟାଙ୍କର ଉପସ୍ଥିତି ଜରୁରୀ ଅଟେ। ତେଣୁ ଓଡିଶା ସରକାର ଛଅଟି ରାଷ୍ଟ୍ରୟତ ବ୍ୟାଙ୍କ ଯଥା ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ, ୟୁନିଅନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ୟୁକୋ ବ୍ୟାଙ୍କ, ବ୍ୟାଙ୍କ ଅଫ୍ ଇଣ୍ଡିଆ ଏବଂ ବ୍ୟାଙ୍କ ଅଫ୍ ବରୋଦା ସହଯୋଗରେ ସିଏସ୍ପି ପ୍ଲସ୍ ଆଉଟଲେଟ୍ ମାଧ୍ୟମରେ ବ୍ୟାଙ୍କ କରିବେ। ସମସ୍ତ ବ୍ୟାଙ୍କ୍ ଗ୍ରାମ ପଞ୍ଚାୟତରେ । ସେବା ଯୋଗାଇବାରେ ଲକ୍ଷ୍ୟ ରଖାଯାଇଛି । ଆର୍ଥିକ ଅନ୍ତର୍ଭୂକ୍ତିର ଲକ୍ଷ୍ୟ ହାସଲ କରିବା ଦିଗରେ ଏହା ଏକ ବଡ ପଦକ୍ଷେପ । ସିଏସପି ପ୍ଲସ୍ ଆଉଟଲେଟ୍ ଗୁଡିକ ସ୍ଥାୟୀ ବ୍ୟାଙ୍କ ଶାଖା ପରି ସମସ୍ତ ବ୍ୟାଙ୍କିଙ୍ଗ୍ ସେବା ଯୋଗାଇବ । ପ୍ରତ୍ୟେକ ସିଏସପି ପ୍ଲସ୍ ଆଉଟଲେଟ୍ ଦୁଇଟି ବ୍ୟବସାୟ ସମ୍ବାଦଦାତା (ବିସି) ଦ୍ୱାରା ପରିଚ଼ାଳିତ ହେବ ଏବଂ ଅନୁବନ୍ଧିତ ବ୍ୟାଙ୍କ ଶାଖା ପରି ସମାନ ନିୟମ ପାଳନ କରିବେ । ୪୩୭୩ ରୁ ଉର୍ଦ୍ଧ ବ୍ୟାଙ୍କ ବିହୀନ ଗ୍ରାମ ପଞ୍ଚାୟତ ରେ ସିଏସପି ପ୍ଲସ ଶାଖା ଦ୍ୱାରା ବୃଦ୍ଧା, ଗର୍ଭବତୀ ମହିଳା ଏବଂ ଭିନ୍ନକ୍ଷମ ଲୋକଙ୍କ ପାଇଁ ଡୋରସ୍ଟେପ ସେବା ଦ୍ୱାରା ସମସ୍ତେ ଉପକୃତ ହୋଇପାରିବେ । ଏହି ଅବସରରେ ବ୍ଲକ ଅଧକ୍ଷ କୃଷଚ଼ନ୍ଦ୍ର ନାୟକ, ବ୍ଲକ ବିଜେଡ଼ି ସଭାପତି ଶରତ ଚ଼ନ୍ଦ୍ର ପାତ୍ର,ବ୍ଲକ ଯୁବ ବିଜେଡି ସଭାପତି ଶ୍ରୀ ସନ୍ତୋଷ କୁମାର ପଟନାୟକ,ବ୍ଲକ ଉପାଧାକ୍ଷା ପ୍ରତିନିଧି କାନ୍ହୁ ଚ଼ରଣ ପଟନାୟକ,ପୂର୍ବତନ ଜିଲ୍ଲା ପରିଷଦ ପ୍ରମୋଦ କୁମାର ପାତ୍ର, ଅଠାବନ ଜୋନର ଜିଲ୍ଲା ପରିଷଦ ସଭ୍ୟା ଙ୍କ ପ୍ରତିନିଧି ବରୁଣ ପୋଲାଇ, ସରପଞ୍ଚ ରାଜେନ୍ଦ୍ର ସେଠୀ, ସରପଞ୍ଚ କୃଷଚ଼ନ୍ଦ୍ର ସୁଆଁସିଆ, ସରପଞ୍ଚ ପ୍ରତିନିଧି ଶିବାଜୀ ବିଶୋଇ, ବିଜେଡି ନେତା ଦିଗାମ୍ବର ନାୟକ, ଅନିଲ କୁମାର ମହାପାତ୍ର,ଯୁବ ନେତା ଦେବି ପ୍ରସାଦ ଦାସ, ସରପଞ୍ଚ ବର୍ଣ୍ଣମାଳା ପ୍ରଧାନ, ନାୟବ ସରପଞ୍ଚ ପ୍ରତିନିଧି ଜଗା ରାଉତ, ସମିତି ସଭ୍ୟା ପ୍ରତିନିଧି ରବୀନ୍ଦ୍ର ଗୌଡ଼, ପ୍ରଶାନ୍ତ ସାହୁ ସମେତ ବହୁ ଜନସାଧାରଣ ଯୋଗଦାନ କରିଥିଲେ ।

## ଜିଲ୍ଲାପାଳ ଓ ଏସପିଙ୍କ କୃତଜ୍ଞତା ଜ୍ଞାପନ



ପୁରୀ ,(ପି.ଏନ): ହବିଷ୍ୟାଳୀ ମା ମାନଙ୍କର ଏକ ମାସର ରାଇଦାମୋଦର ବ୍ରତ ବା କାର୍ତ୍ତିକ ହବିଷ ବ୍ରତ ଗତକାଲି କାର୍ତ୍ତିକ ପୂର୍ଣ୍ଣିମା ରେ ପରିସମାପ୍ତି ଘଟିଛି ।ମା ମାନେ ନିଜ ନିଜ ଘରକୁ ଫେରି ଯାଉଛନ୍ତି ।ଏକ ମାସ ର ବ୍ରତ ମଧ୍ୟରେ ସେମାନ ଙ୍କୁ ସୁବିଧା ରେ ରହଣି ବ୍ୟବସ୍ଥା, ବୃନ୍ଦାବତୀ ପୂଜା ବ୍ୟବସ୍ଥା, ମନ୍ଦିର ଦର୍ଶନ ବ୍ୟବସ୍ଥା, ମହାପ୍ରସାଦ ସେବନ ବ୍ୟବସ୍ଥା, ଭଜନ, କିର୍ତ୍ତନ, ପ୍ରବଚ଼ନ ଇତ୍ୟାଦିର ବ୍ୟବସ୍ଥା, ସୁରକ୍ଷା, ଯାତାୟାତ ପାଇଁ ଗାଡି ବ୍ୟବସ୍ଥା,ଚ଼ିକିତ୍ସା ବ୍ୟବସ୍ଥା ଏକାଦଶୀ ରେ ଫଳ ଆହାର ବ୍ୟବସ୍ଥା ଇତ୍ୟାଦି କୁ ଶୃଙ୍ଖଳିତ ଭାବେ କରା ଯାଇଥିଲା ।ଏହା ଯେପରି ବିନା ତୃଟି ରେ ସମାପନ ହେବ ସେଥିପାଇଁ ଜିଲ୍ଲାପାଳ ଙ୍କ ଅଧ୍ୟକ୍ଷତାରେ ଏକାଧିକ ଥର ବୈଠକ ହେବା ସହ ବରିଷ୍ଠ ଅଧିକାରୀ ମାନଙ୍କୁ ପରିଚ଼ାଳନା ଦାୟିତ୍ୱ ଦିଆ ଯାଇଥିଲା ।ଶ୍ରୀମନ୍ଦିର ପ୍ରଶାସନ ର ଅଧିକାରୀ ଓ କର୍ମଚ଼ାରୀ, ମନ୍ଦିର ପରିଚ଼ାଳନା କମିଟି ସଦସ୍ୟ, ସମସ୍ତ ବିଭାଗ ର ଅଧିକାରୀ, କର୍ମଚ଼ାରୀ,ସୁରକ୍ଷା ଅଧିକାରୀ ଓ କର୍ମଚ଼ାରୀ, ବିଭିନ୍ନ ଲାଇନ ଡିପାର୍ଟମେଣ୍ଟର ଅଧିକାରୀ,କର୍ମଚ଼ାରୀ ସ୍ୱଛାସେବୀ, ଆଶା କର୍ମୀ,ଦାୟିତ୍ୱ ରେ ଥିବା ଶିକ୍ଷକ ଶିକ୍ଷୟତ୍ରୀ ,କଳା ପରିବେଷଣ କରିଥିବା କଳାକାର ବୃନ୍ଦ,ସଫେଇ କର୍ମଚ଼ାରୀ ପ୍ରମୁଖଙ୍କ ସହଯୋଗ ରେ ଏହି ଆହ୍ୱାନ ପୂର୍ଣ୍ଣ କାର୍ଯ୍ୟ ସହଜ ଓ ଶୃଙ୍ଖଳିତ ହୋଇ ପାରିଥିଲା ।ଏଥିପାଇଁ ଜିଲ୍ଲାପାଳ ସମର୍ଥ ବର୍ମା ,ଏସପି ଡା କନୱର ବିଶାଲ ସିଂ ଓ ସମସ୍ତ ବରିଷ୍ଠ ଅଧିକାରୀ ସମସ୍ତଙ୍କୁ କୃତଜ୍ଞତା ଓ ଧନ୍ୟବାଦ ଅର୍ପଣ କରିଛନ୍ତି ।ସେହିପରି ଗଣମାଧ୍ୟମ ପ୍ରତିନିଧିମାନେ ମଧ୍ୟ ଏହି କାର୍ଯ୍ୟ ରେ ସହଯୋଗ କରିବା ସହ ଆଉ କଣ କରାଗଲେ ବ୍ୟବସ୍ଥା ଶୃଙ୍ଖଳିତ ହୋଇ ପାରିବ ସେଥି ପ୍ରତି ପ୍ରଶାସନ ର ଦୃଷ୍ଟି ଆକର୍ଷଣ କରି ତାହାକୁ ଉନ୍ନତ କରିଥିବାରୁ ସମସ୍ତ ଗଣମାଧ୍ୟମ ପ୍ରତିନିଧିମାନ ଙ୍କୁ ମଧ୍ୟ ସେମାନେ ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି ।ସର୍ବ ?ପରି ୩ ହଜାରରୁ ଉର୍ଦ୍ଧ୍ୱ ମା ମାନେ ଯେପରି ମାସ ସାରା ସମସ୍ତଙ୍କୁ ସହଯୋଗ କରିଛନ୍ତି ଓ ସେମାନଙ୍କ ବ୍ରତ ଓ ପୂଜା ମାଧ୍ୟମରେ ସମସ୍ତେ ଙ୍କ କଲ୍ୟାଣ ମଙ୍ଗଳ କାମନା କରିଛନ୍ତି ସେଥିପାଇଁ ମା ମାନଙ୍କୁ କୃତଜ୍ଞତା ଜଣା ଯାଇଛି ।ବ୍ରତ ଆରମ୍ଭ ରେ ମାନ୍ୟବର ମୁଖ୍ୟମନ୍ତ୍ରୀ ହବିଷ୍ୟାଳୀ ବ୍ରତ ଉଦଘାଟନ କରିବା ସହ ସମସ୍ତ ମା ମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ ଏବଂ ସମସ୍ତ କାର୍ଯ୍ୟ କୁ ପ୍ରଶାସନ ଶୃଙ୍ଖଳିତ ଭାବେ କରିବାକୁ ନିର୍ଦ୍ଦେଶ ଓ ପ୍ରେରଣା ଦେଇଥିଲେ ।ସେଥିପାଇଁ ଜିଲ୍ଲାପାଳ ଓ ଏସପି ମାନ୍ୟବର ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ସରକାର ଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି ।ପୂର୍ବରୁ ସମସ୍ତ ହବିଷ୍ୟାଳୀ ମା ମାନଙ୍କୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ରେ ଗୋଟିଏ ଗୋଟିଏ ଶାଲ ଓ ମହାପ୍ରଭୁଙ୍କ ଶୁଖିଲା ଭୋଗ ପ୍ରଦାନ କରାଯାଇଥିଲା ।ଲୋତକାପୂର୍ଣ୍ଣ ଆଖିରେ ମା ମାନେ ସରକାର, ପ୍ରଶାସନ ଓ ସ୍ୱଛାସେବୀ ମାନ ଙ୍କୁ ଆଶୀର୍ବାଦ ଦେଇ ସ୍ୱ ଗୃହ କୁ ପ୍ରତ୍ୟାବର୍ତ୍ତନ କରିଛନ୍ତି ।


# ADMISSION OPEN
## MAHARISHI PLAY SCHOOL
A Great Place to Grow @ mps

PLAY GROUP (2+)
NURSERY (3+)
LKG, UKG, STD-I TO V
25% reservation as per RTE Act (2009)



FIND THE DIFFERENCE
- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

## MAHARISHI PUBLIC SCHOOL
N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act


## ଅପର୍ଜିତାଙ୍କୁ ସାକ୍ଷାତ କଲେ କୁକୁଡାଖଣ୍ଡି ବିଜେପି କର୍ମୀ





କୁକୁଡାଖଣ୍ଡି (ଇପିଲି.ପୂର୍ଣ୍ଣଚ଼ନ୍ଦ୍ର )(ପି.ଏନ): କୁକୁଡାଖଣ୍ଡି ବ୍ଲକ ଗ୍ରସ୍ତ ରେ ଆଜି ବିଜେପି ରାଜ୍ୟ ଉପ ସଭାପତି ତଥା ଭୁବନେଶ୍ୱର ସାଂସଦ ଅପର୍ଜିତା ଷଡ଼ଙ୍ଗୀ ଗଞ୍ଜାମ ଜିଲ୍ଲା ଶେରଗଡ଼ ଗ୍ରସ୍ତ ରେ ଆସିଥିବା ବେଳେ ତାଙ୍କୁ ଗଞ୍ଜାମ ଜିଲ୍ଲା ରେ ବିଭିନ୍ନ ପ୍ରାନ୍ତରେ ବିଜେପି ନେତା ଓ କର୍ମୀ ରାସ୍ତା ରେ ଉପ ଢକୋନ ଦେଇ ଶ୍ରୀମତୀ ଷଡ଼ଙ୍ଗୀ ଙ୍କୁ ବଡ଼ ଉତ୍ସାହର ସହ ସ୍ୱାଗତ ଜଣାଇଥିବା ବେଳେ କୁକୁଡାଖଣ୍ଡି ଓ ଦିଗପହଣ୍ଡି ବିଜେପି କର୍ମୀ ଓ ମଣ୍ଡଳ ସଭାପତି ମାନଙ୍କ ପକ୍ଷରୁ କୁକୁଡାଖଣ୍ଡି ବ୍ଲକ ସମ୍ମୁଖ ରେ ଅପର୍ଜିତାଙ୍କୁ ଭବ୍ୟ ସ୍ୱାଗତ ଜଣାଇଥିଲେ । ଜିଲ୍ଲା ଉପସଭାପତି ପରେଶ ରଥ ଙ୍କ ନେତୃତ୍ୱ ରେ ବାଲିପଡା ମଣ୍ଡଳ ସଭାପତି ଏ ନନ୍ଦ କିଶୋର,ଗୌତମ ମହାରଣା, ଫରେଶ ରଥ, ଦୀପକ ମହାପାତ୍ର, ଜନାର୍ଦନ ପ୍ରଧାନ,ମସିହାଖାଲି ସମିତିସଭ୍ୟ ପ୍ରତିନିଧି କେ. ଲକ୍ଷ୍ମୀ ନାରାୟଣ, ନିମଖଣ୍ଡି ମଣ୍ଡଳ ସଭାପତି ଚ଼ଣ୍ଡୀଚ଼ରଣ ସାହୁ, ବୋରିଗାଁ ସରପଞ୍ଚ ପ୍ରତିନିଧି ବାବୁଲା ସାହୁ, ସଞ୍ଜୟ ପାତ୍ର, ବାବୁଲା ପାତ୍ର, ତପସ୍ୱିନୀ ପାତ୍ର ପ୍ରମୁଖ କର୍ମୀ ଉପସ୍ଥିତ ରହି ଶ୍ରୀମତୀ ଷଡ଼ଙ୍ଗୀ ଙ୍କ ଗ୍ରସ୍ତ କୁ ସ୍ୱାଗତ ଜଣାଇଥିଲେ ।

## ଦଇପୁର ଗ୍ରାମରେ ୧୯ତମ କାର୍ତ୍ତିକେଶ୍ୱର ପୂଜା ଅନୁଷ୍ଠିତ



ଜେନାପୁର,(ପି.ଏନ୍): ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ବୃନ୍ଦାଦେଇପୁର ପଞ୍ଚାୟତ ଅଧିନସ୍ଥ ଦଇପୁର ଗ୍ରାମରେ ପ୍ରତି ବର୍ଷ ପରି ଏ ବର୍ଷ ମଧ୍ୟ କାର୍ତ୍ତିକେଶ୍ୱର ପୂଜା ଧୁମ୍ ଧାମ୍ ରେ ପାଳିତ ହୋଇଯାଇଛି । ଏହି ପୂଜାଟି ଗ୍ରାମରେ ୧୯ ବର୍ଷ ଧରି ବିଧିବଦ୍ଧ ନୀତିନିୟମରେ ପୂଜା ଅର୍ଚ୍ଚନା ହୋଇଆସୁଛି । ପୂଜତ୍ସୋବରେ ଭାଇଚ଼ାର ଓ ଶାନ୍ତି ବଜାୟ ରଖିବା ପାଇଁ ଆବାଳ ବୃଦ୍ଧବନିତା ଯୁବ ଗୋଷ୍ଠୀ ଓ ଗ୍ରାମବାସୀଙ୍କ ପୂର୍ଣ୍ଣ ସହଯୋଗରେ ଆଗେଇ ଚ଼ାଲିଛି । ଏହି ପୂଜାଟି ୩ ଦିନ ଯଥା ୨୫ ନଭେମ୍ବର ରୁ ଆରମ୍ଭ ହୋଇ ୨୭ ନଭେମ୍ବର ଶେଷ ହୋଇଥାଏ । ପୂଜା ରିତିରେ ସଂକଳ୍ପ ଭାବେ କର୍ତ୍ତା ଭାବେ ସର୍ବେଶ୍ୱର ସ୍ୱାଇଁ ପୂଜା ଅର୍ଚ୍ଚନା କରିଥାନ୍ତି । ପ୍ରଥମ ଦିନରେ କଳସ ବୁଡ କରି ସ୍ଥାପନ କରିଥାନ୍ତି । ଦ୍ୱିତୀୟ ଦିନରେ ଭଗବାନ୍ ଙ୍କ ବଡହୁମ ହୋଇଥାଏ । ତୃତୀୟ ଦିନରେ ପୂର୍ଣ୍ଣାହୁତି ସହ ଗ୍ରାମବାସୀଙ୍କ ଦ୍ୱାରା ପ୍ରସାଦ ସେବନ ହୋଇଥିଲା । ପୂଜା ମଣ୍ଡପଟି ଆଲୋକ ତ୍ୱରଣର ସାଜସଜା ସହିତ ଭକ୍ତମାନଙ୍କର ଦର୍ଶନ ପାଇଁ ଆଖପାଖର ଗ୍ରାମର ଲୋକେ ଭିଡ ଜମାଇଥାନ୍ତି । ସେହିପରି ଆଖପାଖ ଅଞ୍ଚଳ ତଥା ପଣସ ପଡିଆ, କବିସାହି, ମର୍ଜିତାପୁର, କବାଟବନ୍ଧ, ବାରକଣା ଓ ରେଖିଦେଇପୁର ଭଳି ବିଭିନ୍ନ ସ୍ଥାନରେ ପୂଜା ଅନୁଷ୍ଠିତ ହୋଇଯାଇଛି ।

## କଂଗ୍ରେସ ପକ୍ଷରୁ ଡିସେମ୍ବର ୧ ରେ ତୁଳସୀ ଯାତ୍ରା

ପୁରୀ ,(ପି.ଏନ): ନବୀନ ସରକାର ଭକ୍ତ ଓ ଭଗବାନଙ୍କ ମଧ୍ୟରେ ପାଚେରୀ ହୋଇ ଛିଡା ହେଉଛନ୍ତି । ପୁରୀ ଶ୍ରୀମନ୍ଦିରର ଚ଼ାରିଦ୍ୱାର ଖୋଲିବା, ରତ୍ନଭଣ୍ଡାରର ଗଣତି, ମଣତି ଓ ମରାମତି ଏବଂ ବେଦାନ୍ତ ଅଧିକୃତ ଜଗନ୍ନାଥଙ୍କ ଅମୃତମଣୋହୀ ଜମି ଓ ଚ଼ାଷୀଙ୍କ ଜମିକୁ ଫେରସ୍ତ ସମେତ ଅନ୍ୟାନ୍ୟ ସମୁଦାୟ ୬ ଗୋଟି ଦାବିକୁ ନେଇ ପ୍ରଦେଶ କଂଗ୍ରେସ ପକ୍ଷରୁ ଗତ ଅକ୍ଟୋବର ୧୬ ରେ ପୁରୀ ଠାରେ ବିଶାଳ ସମାବେଶ ଓ ବିକ୍ଷୋଭ ଶୋଭାଯାତ୍ର କରାଯାଇ ମାନନୀୟ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା । ଅକ୍ଟୋବର ୨୯ ସୁଧା ଦାବି ପୂରଣ ନହେଲେ ପୁଣି ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଥିଲା । ଯେହେତୁ ସରକାର ଏ ସମ୍ପର୍କରେ ପଦକ୍ଷେପ ନେଲେ ନାହିଁ ତେଣୁ ସେହି ୬ ଗୋଟି ଦାବିର ସମାଧାନ ନିମନ୍ତେ ସାରା ରାଜ୍ୟରେ ପ୍ରଭୁ ଜଗନ୍ନାଥଙ୍କ ସମ୍ମୁଖରେ ଗତ ନଭେମ୍ବର ୯ ତାରିଖରେ ସଂକୀର୍ତନ ସତ୍ୟାଗ୍ରହ କରାଯାଇଥିଲା । ଯେହେତୁ ପ୍ରଦେଶ କଂଗ୍ରେସ ପକ୍ଷରୁ ନିଷ୍ପତି ନିଆଯାଇଥିଲା ଯେ ଦାବି ପୂରଣ ନହେବା ଯାଏ ଆନ୍ଦୋଳନ ଜାରି ରହିବ, ସେହି କ୍ରମରେ ଆସନ୍ତା ଡିସେମ୍ବର ୧ ତାରିଖ ଦିନ ତୁଳସୀ ଯାତ୍ରା କରାଯିବ ବୋଲି ପିସିସି ସଭାପତି ଶ୍ରୀ ପଟ୍ଟନାୟକ ଘୋଷଣା କରିଛନ୍ତି । ରାଜ୍ୟର ସମସ୍ତ ବ୍ଲକ ଓ ନଗରର ସାଧାରଣ ଜନତା, ଜଗନ୍ନାଥ ପ୍ରେମୀ, ଭକ୍ତ, ଶ୍ରଦ୍ଧାଳୁ, ଯୁବକ ଯୁବତୀ, ଛାତ୍ର ଛାତ୍ରୀ, ହବିଷ୍ୟାଳି, ଭକ୍ତ, ମଉସା ମାଉସୀ, ଭାଇ ଭଉଣୀ ଙ୍କ ଠାରୁ ତୁଳସୀ ସଂଗ୍ରହ କରାଯିବ । ଜିଲ୍ଲା କଂଗ୍ରେସ ସଭାପତିଙ୍କ ତତ୍ତ୍ୱାବଧାନରେ ନଗର/ ବ୍ଲକ ସଭାପତିମାନେ ବୁଥ, ୱାର୍ଡ ଓ ପଂଚ଼ାୟତ ସଭାପତିଙ୍କ ଜରିଆରେ ତୁଳସୀ ସଂଗ୍ରହ କରିବେ । ପ୍ରତି ବ୍ଲକ ଓ ନଗର କଂଗ୍ରେସ କମିଟି ପକ୍ଷରୁ ଗୋଟିଏ ଲେଖାଏଁ ଗାଡିରେ ସଂଗୃହୀତ ତୁଳସୀକୁ ଡିସେମ୍ବର ୧ ତାରିଖ ସୁଦ୍ଧା ଭୁବନେଶ୍ୱର ସ୍ଥିତ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟକୁ ଆଣିବେ । ଡିସେମ୍ବର ୧ ତାରିଖ ଦିନ ସାରା ରାଜ୍ୟରୁ ସଂଗୃହିତ ତୁଳସୀ ଏବଂ ସଜ ତୁଳସୀ ଧରି ଶ୍ରୀକ୍ଷେତ୍ର ଅଭିମୁଖେ ତୁଳସୀ ଯାତ୍ରା କରାଯିବ । ଉକ୍ତ ୧ ତାରିଖ ଦିନ ଶ୍ରୀକ୍ଷେତ୍ରର ଶରଧାବାଲି ଠାରେ ଜଗନ୍ନାଥ ପ୍ରେମୀ ଭକ୍ତ, କଂଗ୍ରେସ କର୍ମୀ ଓ ନେତୃବୃନ୍ଦ ଏକତ୍ରିତ ହେବେ ଏବଂ ଶୋଭାଯାତ୍ରାରେ ଯାଇ ପ୍ରଭୁ ଜଗନ୍ନାଥଙ୍କୁ ତୁଳସୀ ଅର୍ପଣ କରିବେ । ଯଦି ଏହି ଆନ୍ଦୋଳନ ପରେ ସରକାର ଏହି ୬ ଗୋଟି ଦାବିର ସମାଧାନ ପଦକ୍ଷେପ ଗ୍ରହଣ ନକରିବେ ତେବେ ଆନ୍ଦୋଳନର ପରବର୍ତୀ କାର୍ଯ୍ୟକ୍ରମ ଘୋଷଣା କରାଯିବ । ଓଡିଶା, ଭାରତ ଏବଂ ବିଶ୍ୱର ଜନତା ଜଗନ୍ନାଥଙ୍କ ପାଖକୁ ନିଜର ଗୁହାରୀ ଶୁଣାଇବାକୁ ଆସୁଛନ୍ତି । ମାତ୍ର ନବୀନ ସରକାର ଏଥିରେ ପ୍ରତିବନ୍ଧକ ସାଜୁଛନ୍ତି ।ନିକଟରେ ଦର୍ଶନ ପାଇଁ ଆସି ଘଂଟା ଘଂଟା ଧରି ଧାଡିରେ ଠିଆହୋଇଥିବା ଭକ୍ତଙ୍କ ମଧ୍ୟରୁ ପ୍ରାୟ ୩୦ ଜଣ ଦଳାଚ଼କଟାରେ ଆଘାତ ହୋଇଛନ୍ତି । ଭକ୍ତଙ୍କ ଗୋଡ ଭାଙ୍ଗିଯାଇଛି । ଅନେକ ଭକ୍ତ ମୂର୍ଚ୍ଛା ହୋଇପଡୁଛନ୍ତି । ଯାହାର ପ୍ରଭାବ ନବୀନ ସରକାରଙ୍କ ଉପରେ ପଡୁନାହିଁ । ୪ ଧାମରୁ ଜଗନ୍ନାଥ ମନ୍ଦିର ଏକ ଧାମ । ଜଗନ୍ନାଥଙ୍କ ଭକ୍ତମାନେ ଜଗନ୍ନାଥଙ୍କୁ ନିଜର ଦୁଃଖ ଜଣାନ୍ତି ମାତ୍ର ସ୍ୱେଚ୍ଛାଚ଼ାରୀ ନବୀନ ସରକାର ନିଜ ଅହଂକାରରେ ଅଟଳ ଅଛନ୍ତି । କଂଗ୍ରେସ ଦଳ ଏହାକୁ ବରଦାସ୍ତ କରିବ ନାହିଁ ଆନ୍ଦୋଳନ ଜାରି ରହିବ । ଏହି ସମ୍ବାଦିକ ସମ୍ମିଳନୀରେ ଜିଲ୍ଲା କଂଗ୍ରେସ ସଭାପତି ଜୟ ନାରାୟଣ ପଟ୍ଟନାୟକ, ପର୍ଯ୍ୟବେକ୍ଷକ ଶିବାନନ୍ଦ ରାୟ, ସୁଜିତ୍ ମହାପାତ୍ର,ବିନାୟକ ଦାସ ମହାପାତ୍ର, ଅମରେନ୍ଦ୍ର ପାଇକରାୟ, ନିରଞ୍ଜନ ରଥ, ସୁକାନ୍ତ ପ୍ରଧାନ, ସୌମ୍ୟ ଖୁଣ୍ଟିଆ ଜିଲ୍ଲା ମୁଖପାତ୍ର ସ୍ୱାଧୀନ କୁମାର ପଣ୍ଡା ଉପସ୍ଥିତ ଥିଲେ।

Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751010 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray